ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଏବଂ ଶ୍ରୀ ମାତୃଧ୍ୟାନ ମନ୍ଦିର ପ୍ରତିଷ୍ଠା ଅବସରରେ...

On the occasion of Sri Aurobindo's 150th Birth Anniversary and Inauguration of Sri Matri Dhyan Mandir...

# ଅରୋଜ୍ଞାନ
# ( AUROJNANA )
## SOUVENIR
## ସ୍ମରଣିକା



**Sri Matriniketan Ashram Sri Aurobindo Centre**

**[ The Mother's International Centre Trust ]**

**[ Regd. No. 146 / 24-11-1997 ]**

## OM NAMO BHAGAVATEH SRI MIRARABINDAYA



" There are Two who are One and play in many worlds;
In Knowledge and Ignorance they have spoken and met
And light and darkness are there eyes' interchange;
Our pleasure and pain are their wrestle and embrace,
Our deeds, Our hopes are intimate to their tale;
They are married secretly in our thought and life."

Savitri-61



S.A. Maa Krishna
Founder of Sri Matriniketan Ashram

# ଅରୋଜ୍ଞାନ

## AUROJNANA

(ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ
ଏବଂ
ଶ୍ରୀ ମାତୃଧ୍ୟାନମନ୍ଦିରର ପ୍ରତିଷ୍ଠା ଅବସରରେ)

# ସ୍ମରଣିକା

## SOUVENIR

ଶ୍ରୀ ମାତୃନିକେତନ ଆଶ୍ରମ
ଗ୍ରା: ରାମଚନ୍ଦ୍ରପୁର, ପୋ: କୁକୁଡ଼ାଖଣ୍ଡି
ଜିଲ୍ଲା-ଗଞ୍ଜାମ (ଓଡ଼ିଶା), ପିନ୍: ୭୬୧୧୦୦

## ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ

[୧୫-୦୮-୨୦୨୨]

ଏବଂ

## ଶ୍ରୀ ମାତୃଧ୍ୟାନମନ୍ଦିରର ପ୍ରତିଷ୍ଠା ଅବସରରେ...

[୦୧-୦୮-୨୦୨୨]

( On the occasion of Sri Aurobindo's 150th Birth Anniversary
and
Inauguration of Sri Matri Dhyana Mandir )

# ଅରୋଜ୍ଞାନ

**AUROJNANA**

( For private circulation only )

ପ୍ରକାଶକ

S.A. Maa Krishna

( Founder, The Mother's International Centre Trust )

Sri Matriniketan Ashram
Ramachandrapur, PO : Kukudakhandi, Dist. : Ganjam, Odisha
PIN : 761 100

ପ୍ରକାଶନ କାଳ

ଅଗଷ୍ଟ ୨୦୨୨

*Published & Edited by*

S.A. Maa Krishna

( Managing Trustee, The Mother's International Centre Trust )

Sri Matriniketan Ashram

Printed at Lipimaya Offset, Berhampur

## ଜୁନ୍ ୨୮, ୧୯୧୪

*ହେ ଭଗବାନ, ସମସ୍ତ ପ୍ରକୃତି ତୋତେ ପ୍ରଣାମ କରୁଛି, ଦୁଇ ବାହୁ ଉତ୍ତୋଳନ କରି, ଦୁଇ ହାତ ପ୍ରସାରିତ କରି ତୋତେ ମିନତି ଜଣାଉଛି । ତୋର ଉଦାର କରୁଣା ଉପରେ ଯେ ସେ ସନ୍ଦେହ କରୁଛି ତାହା ନୁହେଁ, ଲାଭ କରିବାକୁ ହେଲେ ଯେ ଭିକ୍ଷା କରିବାକୁ ହେବ, ଏପରି ସେ ମନେକରୁ ନାହିଁ, କିନ୍ତୁ ଏହାହିଁ ହେଲା ତୋତେ ଆତ୍ମସମର୍ପଣ କରିବା ଓ ପ୍ରଣାମ କରିବାର ଉପାୟ୍ କାରଣ ଏହି ଆତ୍ମଦାନ ପ୍ରତିଗ୍ରହଣ ସକାଶେ ପ୍ରସ୍ତୁତ ହେବା ଛଡ଼ା ଆଉ କ'ଣ ? ଏହିପରି ପ୍ରାର୍ଥନା କରିବା ତାହା ପକ୍ଷରେ ତୃପ୍ତିକର, ଯଦିଓ ସେ ଜାଣେ ଯେ ଏହା ନିଷ୍ପ୍ରୟୋଜନ । ଏହି ଆରାଧନା ତାହା ପକ୍ଷରେ ଯେପରି ତୀବ୍ର ସେହିପରି ସୁଖକର । ଏଥିରେ ତାହାର ଭକ୍ତହୃଦୟ୍ ତୃପ୍ତ ହୁଏ, ଏବଂ ସେହି ସଙ୍ଗେ ଏହି ବୁଦ୍ଧିଗତ ଜ୍ଞାନର ବି କୌଣସି କ୍ଷୁର୍ଣ୍ଣତା ହୁଏ ନାହିଁ ଯେ ତୁ ସକଳ ସଙ୍ଗେ ଏକ ଏବଂ ସକଳ ବସ୍ତୁ ମଧ୍ୟରେ ବାସକରୁ ।*

*ସକଳ ପର୍ଦା ଦୂର ହେଉ ଏବଂ ସକଳ ହୃଦୟ୍‌ରେ ଜ୍ୟୋତି ପରିପୂର୍ଣ୍ଣ ହୋଇଉଠୁ ।*

*ହେ ଭଗବାନ, ସକଳ କର୍ମ ସତ୍ତ୍ୱେ ବି, ସକଳ କର୍ମ ମଧ୍ୟରେ ବି ଆମ୍ଭମାନଙ୍କୁ ଆତ୍ମରତ ପୂର୍ଣ୍ଣ ଶାନ୍ତି ପ୍ରଦାନ କର, ଯାହାକୁ ଅବଲମ୍ବନ କରି ଦିବ୍ୟ ଐକ୍ୟ ଓ ଅଖଣ୍ଡ ଜ୍ଞାନର ପ୍ରକାଶ ସମ୍ଭବ ହୁଏ ।*

*ହେ ଭଗବାନ, ତୋ ପ୍ରତି ମୋର ପ୍ରେମ ନିବେଦନ- ସେହି ପ୍ରେମ ତୁ ହିଁ, ତଥାପି ମୋ ପ୍ରେମ ତୋ ଚରଣରେ ଭକ୍ତିଭରେ ପ୍ରଣତ ହେଉଛି ।*

*-ଶ୍ରୀମା*
*[ ଧ୍ୟାନ ଓ ପ୍ରାର୍ଥନା ]*

Sri Manoj Das Gupta
Managing Trustee
Sri Aurobindo Ashram

## MESSAGE

*Dear Ma Krishna,*

*We have received your letter of 26.4. 22 and understand that you intend to publish a souvenir on the occasion of the 150th Birth Anniversary of Sri Aurobindo.*

*We have no objection to your including in it excerpts from the Writings of Sri Aurobindo and the Mother. However, please ensure that the quotations, passages used strictly follow the original text without any highlighting, comments. Proper reference notes must be given for any such material used in the souvenir. If any photograph of Sri Aurobindo is included it must be printed inside the souvenir and not on the cover and its quality must be assured.*

*On publication, a copy of the souvenir may be sent to the Copyright Department, Sri Aurobindo Ashram, for our record.*

*With good wishes for the publication,*

*Sincerely,*

*Manoj Das Gupta*
*Copyright Department*
*Sri Aurobindo Ashram*



Sri Prasad Tripathy
Secretary, New Life Education Trust

## MESSAGE

*I am extremely delighted to know that Sri Matriniketan Ashram of Ramchandrapur, Kukudakhandi in the district of Ganjam is celebrating 150th Birth Anniversary of Sri Aurobindo and a Souvenir is also going to be published on that occasion.*

*For last sixty years and more the teachings of Sri Aurobindo and The Mother have started spreading over each nook and corner of our state Odisha. Sri Matriniketan Ashram is one among the few centres of the state who has devoted all its efforts in spreading the messages of The Mother & Sri Aurobindo. The celebration of 150th Birth Anniversary of Sri Aurobindo marks a great moment in the history of mankind specially in preparing a new India. Sri Aurobindo's message for the future mankind is unique and gives the solution to present humanity in passing the most crucial period in establishing the future India and the World.*

*Very significantly the 75th Independence of India also falls on the same day, 15th August 2022. It goes without saying that the uniqueness of this moment is unparallel.*

*I belive strongly that Sri Matriniketan Ashram is trying its best in preparing itself to face the future challenges.*

*My best wishes are with all those who have taken part in this great venture.*

*May the aspiration and effort made by Sri Matriniketan Ashram are fulfilled.*

*OM TAT SAT*

# ସମ୍ପାଦକୀୟ....

*ହେ ମୋର ମଧୁମୟ ପ୍ରିୟତମ ପ୍ରଭୁ,*
*ତୁମରି ଶ୍ରୀଚରଣରେ ନିବିଡ଼ ଭକ୍ତିସହ ଆମର ସମଗ୍ର ସତ୍ତା*
*ନିତ୍ୟ ପ୍ରଣତ ଏବଂ ଜନ୍ମଜନ୍ମାନ୍ତର ଧରି ଚିର ଅନୁଗତ ... ।*

*ହେ ପ୍ରଭୁ ! ତୁମର ପରମପ୍ରେମ ଆମ ହୃଦୟରେ ଏପରି ରାଜତ୍ୱ କରୁଛି ଯେ, ଯାହା ନିବିଡ଼ ଭାବରେ ଆମ ଚିନ୍ତାରାଜ୍ୟର ଅତୀତ ଏବଂ ବର୍ଣ୍ଣନାତୀତ .... । କେବଳ ସର୍ବତ୍ର ରହିଛି ଏଠାରେ ତୁମର ମଧୁର ବାତ୍ସା, ତୁମର ଦିବ୍ୟଛନ୍ଦ ସହିତ ବିଶ୍ୱାତୀତ ପରାଚେତନା ... । ମନେହୁଏ ଦର୍ଶନ କରୁଛି ସବୁରି ଭିତରେ - ''ତୁମେ'' ... ତୁମର ଅଜ୍ଞେୟ, ଶାଶ୍ୱତ ରୂପ ... ଏବଂ ସମଗ୍ର ଆଧାର ମଧରେ ଚାଲିଛି ଏକ ନିର୍ବାକ, ନୀରବ ଆରାଧନା ... । ''ତୁମେ'' ଯେ ଏକାସହିତ ସାକାର ମଧରେ ନିରାକାର ଏବଂ ନିରାକାର ମଧରେ ସାକାର । ତୁମର ଦିବ୍ୟ ଉପସ୍ଥିତିକୁ ଆମେ ଯେପରି ପ୍ରତ୍ୟେକ ମୁହୂର୍ତ୍ତରେ, ଆମ ହୃଦୟରେ ଧାରଣ କରି, ତୁମ ଭିତରେ ଏକୀଭୂତ ହୋଇ, ଏକାଧାରରେ ସର୍ବାଙ୍ଗୀନ ରୂପେ ''ତୁମେ''ରେ ଏକତ୍ୱ ଲାଭ କରୁ ..., ତୁମରି ପଦାରବିନ୍ଦରେ ଏତିକି ବିନମ୍ର ପ୍ରାର୍ଥନା ... ।*

*ହେ ପ୍ରଭୁ !*
*ଆତ୍ମାର ପରମ ପ୍ରତିଭୂ !*

*ଏହି ମାତୃନିକେତନ ଆଶ୍ରମ ଏକ ପରମ ପ୍ରେମ, ପରମ ଚେତନା, ଦିବ୍ୟ ଅଖଣ୍ଡ ତପସ୍ୟାର ପୀଠସ୍ଥଳ ... । ଏଠାରେ ଯେଉଁମାନେ ତୁମର ଯଥାଯୋଗ୍ୟ ସେବକ ହୋଇପାରିବେ ଏବଂ ଯେଉଁମାନେ ଏହି ଦିବ୍ୟକେନ୍ଦ୍ରରେ ତୁମର ଯଥାଯଥ ଅନୁଗତ ହୋଇ ରହିପାରିବେ, ସେହିମାନଙ୍କୁ ତୁମ ଦିବ୍ୟକର୍ମ ପାଇଁ ଯଥୋଚିତ ଅନୁମତି ପ୍ରଦାନ କର; ଯେପରିକି ଚିରକାଳ ନିମନ୍ତେ ଏହି କେନ୍ଦ୍ର ଏକ ଜ୍ୱଳନ୍ତ ହବନ କୁଣ୍ଡରେ ପରିଣତ ହେବ ଏବଂ ଯେଉଁମାନେ ଅନୁମତି ପ୍ରାପ୍ତ ହେବେ, ସେମାନେ ଆଧାତ୍ମିକ ଓ ଅତିମାନସ ସିଦ୍ଧିର ବଳୟ ଭିତରେ ପ୍ରବେଶ କରିପାରିବେ ଏବଂ ଜନ୍ମଜନ୍ମାନ୍ତର ଧରି ଚୈତ୍ୟସତ୍ତାର ବିକାଶ ମଧରେ ପରମାନନ୍ଦର ଅଧିକାରୀ ହେବେ ...; ଯେଉଁଥିରେ ତୁମର ଅଫୁରନ୍ତ ପରମଜ୍ଞାନ ଓ ପ୍ରେମ ଏହି ଜଗତରେ ପରିବ୍ୟାପ୍ତ ହୋଇ ପୂର୍ଣ୍ଣପ୍ରକାଶ ଲାଭ କରିବ..., ଯାହା ମଣିଷର ଅନନ୍ତ ଜନ୍ମର ଅଭୀପ୍ସା - ''ଭଗବାନ, ଆଲୋକ, ମୁକ୍ତି ଓ ଅମରତ୍ୱ ..... ଏବଂ ସମସ୍ତଙ୍କ ଆତ୍ମା ଏହାକୁ ଧାରଣ କରିବାର ଦିବ୍ୟ ସାମର୍ଥ୍ୟ ଲାଭ କରିବ .... ।*

*ହେ ପ୍ରେମମୟ ପ୍ରଭୁ !*

*ପରମା ଦିବ୍ୟଜନନୀ ! ଏକ ଆନନ୍ଦମୟ ବାର୍ତ୍ତା - ତୁମର ଏହି ୧୫୦ ତମ ଜୟନ୍ତୀର ଭବ୍ୟ ମହୋତ୍ସବ ଅବସରରେ, ତୁମର ସର୍ବୋତ୍ତମ ଇଚ୍ଛାରେ, ସକଳ ବାଧାବିପତ୍ତି, ଆପାତ ବିରୋଧ ଓ ନାନା ବିଭ୍ରାନ୍ତି ମଧଦେଇ ଏଠାରେ ''ଶ୍ରୀ ମାତୃଧାନ ମନ୍ଦିର''ର ଦିବ୍ୟ ନିର୍ମାଣ କାର୍ଯ୍ୟ ସହିତ ସକଳ ଦେବକର୍ମ ଅବ୍ୟାହତ ଭାବରେ ଚାଲିଛି ଏକ ଶାନ୍ତ ଓ ନୀରବତାର ବିପୁଳ ଆସ୍ପୃହା ତୁମର ପରମପ୍ରେମର ମହିମା ଭିତରେ ...।*

*- "Infinity's centre, a Face of rapturous calm*
*Parted the eternal lids that open heaven;*
*A Form from far beatitudes seemed to near."*

*- Savitri - p-4*

*ହେ ପରମ ଶାଶ୍ୱତ ଅଧୀଶ୍ୱର !*
*ମୋ ଆତ୍ମାର ରାଜାଧିରାଜ,*

*ତୁମର ଅନନ୍ତ ପରାଚେତନା ଏଠାରେ ବ୍ୟକ୍ତ ହେବା ପାଇଁ ତୀବ୍ର ଅଭୀପ୍ସା ନେଇ ସେହି ଅବ୍ୟକ୍ତ, ପରମଙ୍କ ଆଡ଼କୁ, ଉର୍ଦ୍ଧ୍ୱକୁ ... ଆହୁରି ଉର୍ଦ୍ଧ୍ୱକୁ ଉଠିଚାଲିଛି... । ନିରନ୍ତର ପୂର୍ଣ୍ଣତର ଓ ମହତ୍ତର ପରମ ଅଭିବ୍ୟକ୍ତି ନିମନ୍ତେ ଏକ ଗଭୀର ତପସ୍ୟା ନିରବଚ୍ଛିନ୍ନ ଭାବରେ କେବଳ ସେହି ଦିବ୍ୟପ୍ରେମ ଏବଂ ପୂର୍ଣ୍ଣ ଆନନ୍ଦ ପ୍ରାପ୍ତ ହେବା ନିମନ୍ତେ ଲାଗିରହିଛି; ଆନନ୍ଦମୟ ଚେତନା ପ୍ରବାହିତ ହୋଇଚାଲିଛି ଅଖଣ୍ଡ ଅବାରିତ ଧାରାରେ... । ଆଉକିଛି ନୁହେଁ, ଏକମାତ୍ର ସତ୍ୟ ତାହା ଯେ, ''ଏହି ମାନୁଷୀ ସତ୍ତା ପୂର୍ଣ୍ଣ ଭାଗବତ ସତ୍ତାରେ ରୂପାନ୍ତରିତ ହୋଇଉଠିବ ଏବଂ ଏହି ବ୍ୟକ୍ତିସତ୍ତାର ବିଲୁପ୍ତି ଘଟିବ ସର୍ବଶୂନ୍ୟ ହୋଇ... ଚିରକାଳ ଧରି ଆମର ଆତ୍ମା ବନ୍ଧାହେବ ତୁମର ସେଇ ଦିବ୍ୟ ସ୍ୱର୍ଣ୍ଣରଜ୍ଜୁରେ ..... ।*

*- "In all her acts a strange divinity shone:*
*Into a simplest movement she could bring*
*A oneness with earth's glowing robe of Light,*
*A lifting up of common acts by love.*
*All - love was hers and its one heavenly cord*
*Bound all to all with her as golden tie."*
*[ Savitri - p-470-71 ]*

*ହେ ପ୍ରିୟତମ ଦିବ୍ୟପ୍ରଭୁ !*

*ଆତ୍ମଜ୍ୟୋତି ଓ ଆତ୍ମଜ୍ଞାନର ସମାହାର ମଧ୍ୟରେ ଏବେ ତୁମର ଆନନ୍ତ୍ୟ ମହିମାମଣ୍ଡିତ ହୋଇ ଜନ୍ମନେବାକୁ ଯାଉଛି...., ତୁମରି ଶ୍ରୀଚରଣରେ ଅର୍ପିତ ଏବଂ ବହୁ ଆକାଂକ୍ଷିତ ଏହି ସ୍ମରଣିକା - ''ଅରୋଜ୍ଞାନ'' ... । ତୁମର ଦିବ୍ୟପ୍ରେମରେ ଅଭିଷିକ୍ତ ହୋଇ ସମସ୍ତଙ୍କ ସମ୍ମୁଖରେ ପରମ ଗୁହ୍ୟଜ୍ଞାନ ପ୍ରଦାନପୂର୍ବକ: ନିଜକୁ ପ୍ରକାଶ କରିବାରେ ଯେପରି ସାମର୍ଥ୍ୟ ଲାଭ କରିବ... ଏବଂ ଏହି ଲେଖନୀ ମଧ୍ୟ ଦୈବୀଶକ୍ତିକୁ ଧାରଣ କରି ନିର୍ଭୟରେ ନିତ୍ୟନିରନ୍ତର ତୁମର ଆରାଧନା କରି ଚାଲିଥିବ...... ।*

*ବର୍ତ୍ତମାନ ପୃଥିବୀର ଏକ ଗଭୀର ସନ୍ଧିକ୍ଷଣ ପର୍ବ ମଧ୍ୟରେ ଏହି ''ଦେବମୁହୂର୍ତ୍ତ'' ତୁମର ପରମ ପ୍ରକାଶକୁ ତଥା ତୁମର ସ୍ଥୁଳ ଉପସ୍ଥିତିକୁ ପ୍ରତୀକ୍ଷା କରିରହିଛି... । ପରିଶେଷରେ ତୁମର କରୁଣାଭିକ୍ଷା କରି, ତୁମ ନିକଟରେ ନିଜକୁ ଏବଂ ନିଜର ଯାହାକିଛି ଅଛି- ଚିରନୈବେଦ୍ୟ ରୂପେ ''ସବୁକିଛି''କୁ କରୁଛୁ ଅର୍ପଣ... । ଘେନ ଶ୍ରୀମାତୃନିକେତନ ଆଶ୍ରମ ପରିବାରର ଅନନ୍ତ ପ୍ରେମ ଓ ପ୍ରଣାମ.... ।*

''ଓଁ ତତ୍ ସତ୍''
ପ୍ରଭୁଚରଣାଶ୍ରିତା
**ମା' କ୍ରୀଷ୍ଣା**

| | |
|---|---|
| ''ଯିଏ ସତ୍ୟକୁ ଆଶ୍ରୟକରି ଜୀବନ ବଞ୍ଚେ ସେ ସକଳ ବିରୋଧ ଓ ପ୍ରତିବାଦର ଉର୍ଦ୍ଧ୍ୱରେ ।'' -ଶ୍ରୀମା | ''ଯିଏ ସତ୍ୟର ସେବା ନିମନ୍ତେ ଜୀବନ ବଞ୍ଚେ ସେ ବାହ୍ୟ ଘଟଣାବଳୀ ଦ୍ୱାରା ପ୍ରଭାବିତ ହୁଏନାହିଁ ।'' -ଶ୍ରୀମା |

# ସୂଚୀପତ୍ର


| କ୍ର.ନଂ. | ବିଷୟ | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| | ଓଡ଼ିଆ ବିଭାଗ | | |
| ୧. | ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗ | ଶ୍ରୀ ପ୍ରପତ୍ତି | ୧୦ |
| ୨. | ଶ୍ରୀ ଅରବିନ୍ଦଙ୍କ ଅତିମାନବ | ଡ଼ଃ ଅର୍ଚ୍ଚନା ନାୟକ | ୧୫ |
| ୩. | ଜାତୀୟଶିକ୍ଷା : ଏକ ଦୃଷ୍ଟିପାତ | ଶ୍ରୀ ମଧୁସୂଦନ ମହାପାତ୍ର | ୨୪ |
| ୪. | ସାର୍ଦ୍ଧ ଶତାବ୍ଦୀର ଶ୍ରଦ୍ଧାଞ୍ଜଳି | ଶ୍ରୀ କୁମାର ଚନ୍ଦ୍ର ମିଶ୍ର | ୨୮ |
| ୫. | ବ୍ୟକ୍ତି ଚେତନାର ସାତଗୋଟି ଅଜ୍ଞାନତା : ସପ୍ତ ଅଜ୍ଞାନତା | ଶାନ୍ତିଲତା ପ୍ରଧାନ | ୩୪ |
| ୬. | ପୂର୍ଣ୍ଣ ଯୋଗରେ ସଂଗ୍ରାମ, ସାହସ ଓ ବିଶ୍ୱାସ | ଶେଖ ଅବଦୁଲ୍ କାଶମ | ୩୯ |
| ୭. | ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ: ଆମ ନବଚେ୍ତନାର ନବଜନ୍ମ | ଶ୍ରୀ ଭାଗିରଥୀ ମହାପାତ୍ର | ୪୨ |
| ୮. | ଜୀବକୋଷ ଏବଂ ତାହାର ରହସ୍ୟମୟ ପରିଚ୍ୟ | ଯୋଗନ୍ କୁମାର | ୪୬ |
| ୯. | ଦିବ୍ୟ ଆଲୋକ ଅବଲୋକନ | ଇଂ. ସୌରେନ୍ଦ୍ର ପ୍ରହରାଜ | ୪୯ |
| ୧୦. | ଶୁଭ ବେଳ | କବି ମମତା ଦାସ | ୫୨ |
| ୧୧. | ପାଇଗଲି ତୁମ ସାହା | ଶ୍ରୀ ପ୍ରସାଦ ତ୍ରିପାଠୀ | ୫୩ |
| ୧୨. | ଶ୍ରୀ ଅରବିନ୍ଦ | ଜ୍ୟୋସ୍ନା ମହାନ୍ତି | ୫୪ |
| ୧୩. | ଦିବ୍ୟସ୍ପର୍ଶ | ମା' କ୍ରୀଷ୍ଟାଙ୍କ ଲେଖନୀରୁ .... | ୫୫ |
| ୧୪. | ଗୋପନ ଇସାରା | ଶାନ୍ତି ମହାନ୍ତି | ୫୬ |
| ୧୫. | ଅତିମାନସ - ଯୁଗଯାତ୍ରୀ | ଅଞ୍ଜଳି ତ୍ରିପାଠୀ | ୫୬ |
| ୧୬. | ଅଭିଷିକ୍ତ ଅବଶେଷ | ଝରଣା ଘୋଷାଲ | ୫୭ |
| ୧୭. | ମୁକ୍ତ ଜୀବନ | ସନ୍ତୋଷ ରଥ | ୫୮ |
| ୧୮. | ପ୍ରାର୍ଥନା | ରାଜମିତ୍ରା ପ୍ରହରାଜ | ୫୮ |
| ୧୯. | ପ୍ରହେଳିକା | ଡ଼ଃ ସୁଧାନନ୍ଦ ମହାରଣା | ୫୯ |

# Content


| Sl. No. | Topic | Author | Page |
|---|---|---|---|
| | **English Section** | | |
| 20. | A Loving Note From Sri K. Anurakta | | 60 |
| 21. | Cradle of Infinity | Saumyam Dwivedi | 61 |
| 22. | An Ode to The Mother | Saibal Ray | 61 |
| 23. | The Mother's Sutras | The Mother | 62 |
| 24. | The Message of *the Gita* | Auroprem | 63 |
| 25. | The True Mantra of Life | The Mother | 68 |
| 26. | The Mother's Great Assurance | The Mother | 69 |
| 27. | Supreme has laid its Luminous Being | Sri Matriprem | 72 |
| 28. | The Seven-fold Integral Knowledge | S.A. Maa Krishna | 76 |
| 29. | The First Eighteen Years of Supramental Manifestation upon earth | Sri Dharanidhar Pal | 82 |
| 30. | Constant Renovation of all Written Truth and Practice | Aniket | 87 |
| 31. | Psychic Prana & It's Purification | Satyakama | 93 |
| 32. | Sri Aurobindo on the Future Role for India | Debashish | 98 |
| 33. | The Central Truth of Integral Yoga | S.A. Maa Krishna | 103 |

# ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗ

ଶ୍ରୀ ପ୍ରପତ୍ତି

**ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିକୋଣ:**

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରଦର୍ଶିତ ଶିକ୍ଷାମାର୍ଗକୁ ପୂର୍ଣ୍ଣାଙ୍ଗ ଶିକ୍ଷା ବୋଲି କୁହାଯାଏ । ଏହା ମୂଳତଃ ତାଙ୍କର ଅଧ୍ୟାତ୍ମ ଯୋଗ-ଦର୍ଶନ ଉପରେ ପ୍ରତିଷ୍ଠିତ। ଶ୍ରୀଅରବିନ୍ଦ ସ୍ୱୀୟ ଯୋଗ-ଦୃଷ୍ଟି ବଳରେ ବିଶ୍ୱ ଓ ମାନବ ଜୀବନର ଯେଉଁ ଗଭୀର ତତ୍ତ୍ୱଚୟ ଉଦ୍‌ଘାଟନ କରି ଅଛନ୍ତି ତାହାହିଁ ତାଙ୍କର ଶିକ୍ଷା-ଦର୍ଶନର ମୂଳଭିତ୍ତି । ଏଥିରେ ଦେଖିବାକୁ ମିଳେ ସମଗ୍ର ମାନବ ଜୀବନ ଓ ସମଗ୍ର ସଂସାରର ପୂର୍ଣ୍ଣାଙ୍ଗ ରୂପ । ଶ୍ରୀଅରବିନ୍ଦ ଜୀବନ ଓ ସଂସାରର କୌଣସି ଅଂଶକୁ ବାଦ୍ ଦେଇନାହାନ୍ତି । ଆମ୍ଭେମାନେ ପ୍ରାୟ ଦେଖୁ ପ୍ରାଚୀନ ଭାରତର ଶିକ୍ଷାପଦ୍ଧତିରେ ବ୍ୟାବହାରିକ ଜୀବନର ଉନ୍ନତି, ସମୃଦ୍ଧି ଓ ବୈଭବ ତୁଳନାରେ ଆଧାତ୍ମିକ ଜୀବନର ଉନ୍ନତି, ସିଦ୍ଧି ଓ ସାଫଲ୍ୟ ଉପରେ ଜୋର୍ ଦିଆଯାଇଛି । ମାତ୍ର ପାର୍ଥିବ ଓ କର୍ମମୟ ଜୀବନକୁ ଅବହେଳା କରାଯାଇଛି । ପରିଣାମରେ ଭାରତରେ ଜୀବନର ମୂଲ୍ୟବୋଧ ଏକତରଫା ହୋଇଯାଇଛି ଏବଂ ବହିର୍ଜଗତ ସଙ୍ଗେ ଅନ୍ତର୍ଜଗତର ସାମଞ୍ଜସ୍ୟ ନଷ୍ଟ ହୋଇଯାଇଛି। ଅନ୍ୟଦିଗରେ, ବର୍ତ୍ତମାନ ପ୍ରଚଳିତ ପାଶ୍ଚାତ୍ୟ ଶିକ୍ଷାରେ ବହିର୍ଜଗତ ତଥା ଭୌତିକ ସାଫଲ୍ୟ, ବିଜ୍ଞାନ ଓ ଶିଳ୍ପତନ୍ତ୍ର ଉପରେ ଅତ୍ୟଧିକ ଜୋର୍ ଦିଆଯାଇଛି । ଏହାଫଳରେ ଅନ୍ତର୍ଜଗତର ସୁଷମ ବିକାଶ ବ୍ୟାହତ ହୋଇଛି। ଅଧ୍ୟାତ୍ମ ଭାବ ଓ ପ୍ରେରଣାକୁ ବାଦ୍ ଦେଇ ପାଶ୍ଚାତ୍ୟ ଜଗତ୍ ନାନା ପ୍ରକାର ଯୁଦ୍ଧ, ବିଦ୍ରୋହ ଓ କଳହ ମଧ୍ୟରେ ଗତି କରୁଛି । ପ୍ରାଚ୍ୟର ଶାନ୍ତ, ସ୍ନିଗ୍ଧ, ଉଜ୍ଜ୍ୱଳ ଆଧାତ୍ମିକ ମନୋଭାବ ସାଙ୍ଗକୁ ରହିଛି ତାମସିକତା, ଦରିଦ୍ରତା ଓ କର୍ମହୀନତା ଏବଂ ଅନ୍ୟପକ୍ଷରେ ପାଶ୍ଚାତ୍ୟର ସଚଳ, ସକ୍ରିୟ, ବହୁମୁଖୀ କର୍ମପ୍ରବଣ ମନୋଭାବ ସାଙ୍ଗକୁ ରହିଛି ସଂଘର୍ଷ, ଯୁଦ୍ଧ ଓ ଆସୁରିକତା। ଏହି ଉଭୟ ପାକ୍ଷିକ (One-sided) ସଂସ୍କୃତିର ସମୁଦାୟ ସମନ୍ୱୟ ଘଟିଛି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାବିଧିରେ । ଏହି ସମ୍ବନ୍ଧରେ ଶ୍ରୀମା'ଙ୍କ ଏକ ବାଣୀ ବିଶେଷ ପ୍ରଣିଧାନଯୋଗ୍ୟ:

"India has or rather had the knowledge of the Spirit, but she neglected matter and suffered for it.

The West has the knowledge of matter but rejected the Spirit and suffers badly for it.

An integral education which could, with some variations, be adapted to all the nations of the world, must bring back the legitimate authority of the Spirit over a matter fully developed and utilised." (CWW, Vol. 12, p. 249)

*- The Mother*

ଅର୍ଥାତ୍, ''ଆତ୍ମା ସମ୍ବନ୍ଧରେ ଭାରତର ଯଥାର୍ଥ ଜ୍ଞାନଅଛି ବା ଅତୀତରେ ଥିଲା, କିନ୍ତୁ ସେ ଭୌତିକ ବସ୍ତୁକୁ ଅବହେଳା କଲା ଏବଂ ଏଥିପାଇଁ ତାକୁ ଦୁଃଖଭୋଗ କରିବାକୁ ପଡ଼ିଲା ।

ଭୌତିକ ବସ୍ତୁ ସମ୍ବନ୍ଧରେ ପାଶ୍ଚାତ୍ୟର ଯଥାର୍ଥ ଜ୍ଞାନ ଅଛି, କିନ୍ତୁ ଏହା ଆତ୍ମାକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଏଥିନିମିତ୍ତ ଆହୁରି ଶୋଚନୀୟ ପରିଣତି ତାକୁ ଭୋଗ କରିବାକୁ ହୋଇଛି ।

ଯଦି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ପୃଥିବୀର ସକଳ ରାଷ୍ଟ୍ର ନିମିତ୍ତ କେତେକ ବୈଚିତ୍ର୍ୟ ସହିତ ଗ୍ରହଣ କରାଯାଇ ପାରିବ, ତେବେ ତାହା ନିଶ୍ଚୟ ପୁନଶ୍ଚ ଲାଭ କରିବ ପୂର୍ଣ୍ଣ ବିକଶିତ ଓ ସୁବ୍ୟବହୃତ ଭୌତିକ ବସ୍ତୁ ଉପରେ ଆତ୍ମାର ନ୍ୟାଯ୍ୟ କର୍ତ୍ତୃତ୍ୱ ପ୍ରତିଷ୍ଠା ।''

ସୁତରାଂ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାନୀତିରେ ଆଧାତ୍ମ ସତ୍ୟ ଓ ଭୌତିକ ଜୀବନ ମଧ୍ୟରେ, ଅନ୍ତର୍ଜଗତ ଓ ବହିର୍ଜଗତ ମଧ୍ୟରେ ପୂର୍ଣ୍ଣ ସାମଞ୍ଜସ୍ୟ ରଖାଯାଇ ପାରିଛି ଏବଂ ଏହାକୁ ପୃଥିବୀର ବିଭିନ୍ନ ରାଷ୍ଟ୍ର ମଧ୍ୟରେ କିଛି କିଛି ପରିବର୍ତ୍ତିତ କରି ପ୍ରୟୋଗ କରାଯାଇପାରେ ବୋଲି ଶ୍ରୀମା ତାଙ୍କର ବାଣୀରେ ଉଲ୍ଲେଖ କରିଛନ୍ତି ।

ସୁତରାଂ ଆଗାମୀ କାଳରେ ଯେଉଁ ନୂତନ ଜୀବନ, ନୂତନ ସମାଜ, ନୂତନ ରାଷ୍ଟ୍ର, ସର୍ବୋପରି ଏକ ନୂତନ ପୃଥିବୀ ଆସୁଅଛି, ତାହାରି ନିମିତ୍ତ ବର୍ତ୍ତମାନ ଶିକ୍ଷାକୁ ଉପଯୋଗୀ କରିବାକୁ ହେବ। ଏହି ଶିକ୍ଷାର ମାଧ୍ୟମରେ ମନୁଷ୍ୟର ପୂର୍ଣ୍ଣାଙ୍ଗ ବିକାଶ କେବଳ ଯେ ସମ୍ଭବ ହେବ ତାହା ନୁହେଁ ବରଂ ଏକ ରୂପାନ୍ତର ଘଟିବ ଯାହା ଫଳରେ ମନୁଷ୍ୟ

ନିଜକୁ ଅତିକ୍ରମ କରି ଏକ ଉଚ୍ଚତର ପାବଚ୍ଛରେ ଉପନୀତ ହେବ ।

**ପୂର୍ଣାଙ୍ଗ ଶିକ୍ଷାର ଚତୁର୍ବିଧ ଅଙ୍ଗ :**

ପୂର୍ଣାଙ୍ଗ ଶିକ୍ଷାର ଦୁଇଟି ଭିତ୍ତି: ଗୋଟିଏ ହେଲା ଦାର୍ଶନିକ, ଅନ୍ୟଟି ହେଲା ମନସ୍ତାତ୍ତ୍ୱିକ । ଏହାର ଦାର୍ଶନିକ ଭିତ୍ତି ସମ୍ବନ୍ଧରେ ଆମ୍ଭେମାନେ କିଛି ଆଲୋଚନା କରିଛୁ । ବର୍ତ୍ତମାନ ମନସ୍ତତ୍ତ୍ୱ ଦୃଷ୍ଟିରୁ ପୂର୍ଣାଙ୍ଗ ଶିକ୍ଷାର ବିଚାର କରିବା । ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନରେ ମାନବ-ବ୍ୟକ୍ତିତ୍ୱର ଯେପରି ଗଭୀର ବିଶ୍ଲେଷଣ ହୋଇଛି ତାହା ଅନ୍ୟତ୍ର ଦେଖାଯାଏ ନାହିଁ । ଶ୍ରୀଅରବିନ୍ଦ ମୁଖ୍ୟତଃ ମନୁଷ୍ୟର ବ୍ୟକ୍ତିତ୍ୱକୁ ଚାରି ଭାଗରେ ବିଭକ୍ତ କରିଛନ୍ତି: ଶାରୀରିକ ବ୍ୟକ୍ତିତ୍ୱ (Physical personality), ପ୍ରାଣିକ ବ୍ୟକ୍ତିତ୍ୱ (Vital Personality), ମନୋମୟ ବ୍ୟକ୍ତିତ୍ୱ (Mental Personality) ଏବଂ ପରିଶେଷରେ ଚୈତ୍ୟ ଓ ଅଧ୍ୟାତ୍ମ ବ୍ୟକ୍ତିତ୍ୱ (Physic & Spiritual Personality) । ଏହି ଚତୁର୍ବିଧ ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ଚତୁର୍ବିଧ ଶିକ୍ଷା ପ୍ରଣାଳୀର ଅନୁସରଣ କରିବାକୁ ପଡ଼ିବ- ଏହି ଶିକ୍ଷାଗୁଡ଼ିକ ହେଲା ଶାରୀରିକ ଶିକ୍ଷା, ପ୍ରାଣଗତ ଶିକ୍ଷା, ମନୋଗତ ଶିକ୍ଷା ଏବଂ ଚୈତ୍ୟ ତଥା ଆଧ୍ୟାତ୍ମିକ ଶିକ୍ଷା ।

ଏହି ପ୍ରତ୍ୟେକ ଅଙ୍ଗର ଶିକ୍ଷାର ବିଧାନ ଓ ପ୍ରଣାଳୀ ସମ୍ବନ୍ଧରେ ଶ୍ରୀମା ସ୍ୱୀୟ ପୁସ୍ତକ 'On Education'ରେ ଗଭୀରଭାବେ ମନ୍ତ୍ରତୁଲ୍ୟ ବର୍ଣ୍ଣନା କରିଛନ୍ତି । ଏହାଛଡ଼ା ବହୁ ସମୟରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର କଥୋପକଥନରେ, ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ପରିଚାଳନା, ସଙ୍ଗଠନ, ବିଧାନ ଓ ପାଠ୍ୟପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଏହି ଶିକ୍ଷାକେନ୍ଦ୍ର ତାଙ୍କର ତତ୍ତ୍ୱାବଧାନରେ ହିଁ ଗଢ଼ି ଉଠିଛି ।

ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନର କେନ୍ଦ୍ରୀୟ ତତ୍ତ୍ୱ ପ୍ରତି ଆଉ ଟିକିଏ ଅଧିକ ଧ୍ୟାନ ଦେଲେ ତାଙ୍କ ଶିକ୍ଷାବିଧିର ପୂର୍ଣ୍ଣ ସ୍ୱରୂପ ବୁଝିପାରିବା । ଶ୍ରୀଅରବିନ୍ଦ ହେଲେ ଭାବୀ ଯୁଗର ଦ୍ରଷ୍ଟା- ତାଙ୍କ ଶିକ୍ଷାନୀତି ମଧ୍ୟ ଭାବୀ ଯୁଗର ବାର୍ତ୍ତାବହ । ଉଭୟ ବୈଜ୍ଞାନିକ ବିଚାର ଏବଂ ବ୍ୟାପକ ଅଧ୍ୟାତ୍ମ ଉପଲବ୍ଧି ବଳରେ ଶ୍ରୀଅରବିନ୍ଦ ଜାଣି ପାରିଲେ ଯେ ବର୍ତ୍ତମାନ ମନୁଷ୍ୟ ଓ ମାନବଗୋଷ୍ଠୀର ଗୋଟିଏ ଉନ୍ନତ ଅବସ୍ଥା ନିଶ୍ଚୟ ଦେଖା ଦେବ । ପ୍ରାକୃତିକ ବିବର୍ତ୍ତନ ଧାରାରେ ମନୁଷ୍ୟ ନିଜକୁ ଅତିକ୍ରମ କରି ଏକ ବ୍ୟାପକ, ବୃହତ୍ତର ଓ ଉଜ୍ଜ୍ୱଳତର ଅଧ୍ୟାତ୍ମ ଚେତନାରେ ପ୍ରତିଷ୍ଠିତ ହେବ ଏବଂ ତାହାରି ଫଳରେ ଏକ ରୂପାନ୍ତର ଦେଖାଦେବ । ଶ୍ରୀଅରବିନ୍ଦ ସ୍ୱୀୟ ତପସ୍ୟା ବଳରେ ମନୁଷ୍ୟର ଏହି ଦିବ୍ୟ ରୂପାନ୍ତର କାର୍ଯ୍ୟକୁ କ୍ଷିପ୍ରତର କରାଇବା ନିମିତ୍ତ ଊର୍ଦ୍ଧ୍ୱଲୋକର ଏକ ପୂର୍ଣ୍ଣ ଜ୍ୟୋତିର୍ମୟ, ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଆନନ୍ଦମୟ ଦିବ୍ୟ ଅତିମାନସ ଶକ୍ତିକୁ ଅବତରଣ କରାଇଲେ । ଏହି ଅବତରଣ ଫଳରେ ଯେଉଁ ବିପ୍ଳବ ବ୍ୟକ୍ତି ଓ ସମାଜ ମଧ୍ୟରେ ସଂଘଟିତ ହେବ- ତାହା ଚେତନାରେ ଏବଂ ଅନ୍ତର୍ଜଗତରେ ଏକ ବିପ୍ଳବ । ଏହି ବିପ୍ଳବ ଫଳରେ ଏକ ଅଭ୍ୟୁତ୍ଥାନ ଅନିବାର୍ଯ୍ୟ ହେବ- ପୂର୍ଣ୍ଣତର ମାନବଜୀବନ ଓ ପୂର୍ଣ୍ଣତର ଗୋଷ୍ଠୀବଦ୍ଧ ଜୀବନ ଆଡ଼କୁ । ଏହାର ଚରମ ପରିଣାମ ହେବ ଏକ ନୂତନ ମାନବଜାତିର ଆବିର୍ଭାବ । ପ୍ରକୃତିର ବିବର୍ତ୍ତନରେ ଜଡ଼, ଉଦ୍ଭିଦ ଓ ପଶୁଜଗତ ପରେ ଯେପରି ମାନବର ଉଦ୍ଭବ ହୋଇଅଛି, ସେହିପରି ମାନବ ପରେ ଅତିମାନବର ଆବିର୍ଭାବ ଏକ ଅନିବାର୍ଯ୍ୟ ଘଟଣା । ଶ୍ରୀଅରବିନ୍ଦଙ୍କ ଶିକ୍ଷା-ଦର୍ଶନର ଚରମ ଲକ୍ଷ୍ୟ ହେଲା ଏହି ନୂତନ ମାନବଜାତି ନିମିତ୍ତ ମାନବସମାଜକୁ ପ୍ରସ୍ତୁତ କରିବା । ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ଶ୍ରୀମା ଏହି କଥା ଘୋଷଣା କରି କହିଥିଲେ । ଏହି ଶିକ୍ଷାକେନ୍ଦ୍ର ହେଲା "... ... one of the best means of preparing the future humanity to receive the supramental light that will transform the elite of today into a new race manifesting upon earth the new light and force and life." (CWM, Vol. 12 P. 112)

*- The Mother*

ଏହିସବୁ ବିଷୟ ଯେକୌଣସି ଅନୁସନ୍ଧିତ୍ସୁ ଜାଣିବାକୁ ଚାହିଁଲେ ଜାଣି ପାରିବେ ।

କିନ୍ତୁ ଏଠାରେ ଗୁରୁତର ପ୍ରଶ୍ନ ହେଉଛି, ଏହି ଶିକ୍ଷାକୁ କ'ଣ ସାମାଜିକ ଓ ରାଷ୍ଟ୍ରୀୟ କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ ? ଯଦି କରାଯାଇ ପାରିବ, ତେବେ କିପରି କରାଯାଇ ପାରିବ ? ଅନ୍ୟ ପ୍ରଶ୍ନ ହେଲା, ଶ୍ରୀଅରବିନ୍ଦ ଆଶ୍ରମର ପୃଷ୍ଠଭୂମିରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଗଢ଼ି ଉଠିଛି, କିନ୍ତୁ ଅନ୍ୟ ସ୍ଥାନରେ କେଉଁ ପୃଷ୍ଠଭୂମିରେ ଏପରି ଶିକ୍ଷାକେନ୍ଦ୍ର ଗଢ଼ି ଉଠିବ । ସର୍ବୋପରି ବର୍ତ୍ତମାନ ସମାଜ ଓ ଦେଶ ଏହି ଶିକ୍ଷାକୁ ଗ୍ରହଣ କରିବାକୁ ସ୍ୱୀକୃତି ଦେବ ତ ?

ଏକଥା ମୂଳରୁ ସ୍ପଷ୍ଟ ହେବା ଉଚିତ ଯେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ ଓ ବିଚାର ସର୍ବଦା ଏକ ଗୁରୁତର ବୈପ୍ଳବିକ ପରିବର୍ତ୍ତନର ସୂଚନା ଦିଏ । ତାଙ୍କର ଜୀବନ-ଦର୍ଶନ, ସମାଜ-ଦର୍ଶନ, ରାଷ୍ଟ୍ର-ଦର୍ଶନ, ଶିକ୍ଷା-ଦର୍ଶନ ଓ ଏପରିକି କଳା, ସାହିତ୍ୟ, କବିତାର ଆଲୋଚନା ଓ ବିଚାର ଏକାନ୍ତ ନୂତନ ଦୃଷ୍ଟିଭଙ୍ଗୀଯୁକ୍ତ ଓ ବୈପ୍ଳବିକ । ଶ୍ରୀଅରବିନ୍ଦ ଭାବୀ

କାଳର ଦ୍ରଷ୍ଟା- ଏକ ଅନାଗତ ଭବିଷ୍ୟତର ବାର୍ତ୍ତାବହ; "Sri Aurobindo's message is an immortal sunlight radiating over the future."‘‘ଶ୍ରୀଅରବିନ୍ଦଙ୍କ ବାଣୀ ଏକ ଶାଶ୍ୱତ ସୂର୍ଯ୍ୟାଲୋକ, ଯାହା ଭବିଷ୍ୟତ ଉପରେ ନିଜକୁ ବିକୀର୍ଣ୍ଣ କରୁଛି ।’’ ସୁତରାଂ ଶ୍ରୀଅରବିନ୍ଦଙ୍କୁ ସ୍ପର୍ଶ କରିବା ଅର୍ଥ ବ୍ୟକ୍ତି ଓ ସମାଜ, ଦେଶ ଓ ରାଷ୍ଟ୍ର ଏକ ଗୁରୁତର ପରିବର୍ତ୍ତନର ସମ୍ମୁଖୀନ ହେବ ।

"The world is preparing for a big change. Will you help ?" - *The Mother*

ପୃଥିବୀ ଏକ ବିରାଟ ପରିବର୍ତ୍ତନ ନିମିତ୍ତ ପ୍ରସ୍ତୁତ ହେଉଛି- ତୁମେ ଏଥିରେ ସହାୟତା କରିବ କି ?’’ -*ଶ୍ରୀମା*

ଆମ୍ଭେମାନେ ଏକ ମହାନ୍ ବିପ୍ଳବର ଦ୍ୱାରଦେଶରେ ଛିଡ଼ା ହୋଇଛୁ । ଏହି ବିପ୍ଳବ ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ । ସୁତରାଂ ଏହାକୁ ସ୍ୱୀକାର କରିବାକୁ ହେବ । ତେବେ, ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ନୂତନ ସତ୍ୟ ଓ ଜ୍ୟୋତିକୁ ସମାଜରେ ପ୍ରୟୋଗ କରିବାକୁ ହେଲେ ସମାଜ ବା ସମଷ୍ଟିଗତ ଜୀବନର ଚାରୋଟି ପ୍ରଧାନ ଦ୍ୱାର ହେଲା:

୧.ଶିକ୍ଷା (ସଂସ୍କୃତି, କଳା, ସାହିତ୍ୟ)
୨. କୃଷି
୩. ଶିଳ୍ପ ଓ ବାଣିଜ୍ୟ
୪. ରାଜନୀତି

ଏହାମଧ୍ୟରେ ଅଗ୍ରାଧିକାର ଦେବାକୁ ହେବ ଶିକ୍ଷା ଓ କୃଷିକୁ । ତା’ପରେ ବା ଧୀରେ ଧୀରେ ଅନ୍ୟାନ୍ୟ ଦ୍ୱାର ମଧ୍ୟରେ ପ୍ରବେଶ କରିବା ସମ୍ଭବ ହେବ । କିନ୍ତୁ ଏହି ଶିକ୍ଷାକୁ ସମାଜରେ ପ୍ରବର୍ତ୍ତିତ କରାଯାଇ ପାରିବ ତ ? ଜନସାଧାରଣ ଏହାର ମୂଲ୍ୟକୁ ଉପଲବ୍ଧି କରିବେ ତ ? ସେଥିନିମିତ୍ତ ସର୍ବପ୍ରଥମେ ଯେଉଁ ପରିବର୍ତ୍ତନ ଆଣିବାକୁ ହେବ, ତାହାହେଲା ସାମାଜିକ କ୍ଷେତ୍ରରେ ଏକ ଭାବନାଗତ (Conceptual) ଅଥବା କଳ୍ପନାଗତ (Ideational) ଅଥବା ଚେତନାଗତ ବିପ୍ଳବ । ପ୍ରଥମେ ଅଳ୍ପ ଲୋକ ବା ବହୁ ଲୋକ, ଗୋଟିଏ ବା କେତେକ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀ ବା କେନ୍ଦ୍ର ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଜୀବନ-ଦର୍ଶନକୁ ଗ୍ରହଣ କରିବେ । ଶ୍ରୀଅରବିନ୍ଦଙ୍କ ଜୀବନ, ସମାଜ, ଦେଶ, ରାଷ୍ଟ୍ର ଓ ମାନବଗୋଷ୍ଠୀ ନିମିତ୍ତ ଯେଉଁ ଦୃଷ୍ଟି ଓ ବିଚାର ଦେଖାଇଛନ୍ତି ତାହା ସମାଜରେ ପ୍ରଚାରିତ ହେବ, ଏହାଦ୍ୱାରା ଏକ ବ୍ୟାପକ ଆଲୋଡ଼ନ ସୃଷ୍ଟି ହେବ । ବର୍ତ୍ତମାନ ଜୀବନଧାରା, ଶିକ୍ଷା, ସମାଜ ଓ ଆଚାର-ବିଚାରରେ ଅତିଷ୍ଠ ହୋଇ ବହୁ ବ୍ୟକ୍ତି ଏକ ପରିବର୍ତ୍ତନକୁ ଅପେକ୍ଷା କରିବେ ।

ଯେତେଯେତେ ସମୟ ବ୍ୟତୀତ ହେବ, ଅଧିକରୁ ଅଧିକ ବ୍ୟକ୍ତି ଏହି ଜୀବନ-ଦୃଷ୍ଟି ଓ ବିଚାର ପ୍ରତି ଆକୃଷ୍ଟ ହୋଇ ଏକ ଅଧ୍ୟାତ୍ମ ଜୀବନଧାରାକୁ ଗ୍ରହଣ କରିବେ । ଏହିପରି ଭାବେ ଯଦି ସାମାଜିକ ଜୀବନରେ ଏକ ନବୀନ ଉତ୍ଥାନ ଅନ୍ତତଃ ଚିନ୍ତାରାଜ୍ୟରେ ଦେଖାଯାଏ, ତେବେ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଶିକ୍ଷାବିଧିକୁ ସମାଜରେ ପ୍ରବର୍ତ୍ତିତ କରାଯାଇପାରେ । ଏହା ନୁହେଁ ଯେ ଏକ ସାମାଜିକ ପରିବର୍ତ୍ତନ ପରେ ଶିକ୍ଷାଗତ ପରିବର୍ତ୍ତନ ଆସିବ, ହୁଏତ ଶିକ୍ଷାଗତ ପରିବର୍ତ୍ତନ ପରେ ଅସଲ ସାମାଜିକ ପରିବର୍ତ୍ତନ ଆସିବ । କିନ୍ତୁ ଉଭୟ କାର୍ଯ୍ୟ ନ କଲେ ସଫଳତା ଅର୍ଜନ କରାଯାଇ ପାରିବ ନାହିଁ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପଶ୍ଚାତ୍‌ରେ ଏକ ବିରାଟ ଶିକ୍ଷାଳୟ ରହିଛି - ତାହା ହେଲା ଆଶ୍ରମ । ଏଠାରେ ଶିକ୍ଷାକେନ୍ଦ୍ର "is school within a larger school" ‘‘ସ୍କୁଲ ମଧ୍ୟରେ ସ୍କୁଲ’’ । ଅର୍ଥାତ୍, ଏଠାରେ ଯେଉଁମାନେ ଛାତ୍ର, ସେମାନେ ଆଶ୍ରମରେ ରହନ୍ତି ଏବଂ ଆଶ୍ରମ ଏକ ବ୍ୟାପକ ଅର୍ଥରେ ବିଦ୍ୟାଳୟ । ଏଠାରେ "All life is Yoga" ଅର୍ଥାତ୍, "All life is Education" ବୋଲି ଗ୍ରହଣ କରାଯାଇଛି । କିନ୍ତୁ ସମାଜରେ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପିତ ହେବ, ତାହାର ପୃଷ୍ଠଦେଶରେ ଏକ ଅତି ଅପରିଚ୍ଛନ୍ନ, ଅଜ୍ଞାନ, ଅନ୍ଧ ସମାଜ ରହିଛି । ଯଦି ଆମ୍ଭେମାନେ କିଛି ଭାବରେ ଏହି ସମାଜକୁ ଉନ୍ନତ, ଆଲୋକିତ, ଶୁଦ୍ଧ କରି ନ ଦେଉ, ତେବେ ଏହି ଶିକ୍ଷାବିଧି ଗୃହୀତ ହେବ ବୋଲି ବିଶ୍ୱାସ ହେଉ ନାହିଁ । ସେଥିପାଇଁ ପ୍ରଥମେ ସାମାଜିକ ବିପ୍ଳବ ଆବଶ୍ୟକ ।

ଦ୍ୱିତୀୟତଃ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ତିନୋଟି ସ୍ତରରେ ଶିକ୍ଷା ବିଧାନକୁ ପ୍ରୟୋଗ କରିବାକୁ ହେବ । ଏହି ଶିକ୍ଷାନୀତିରେ ଶିକ୍ଷକ ଛାତ୍ର ଓ ଅଭିଭାବକ ପ୍ରତ୍ୟେକଙ୍କୁ ଶିକ୍ଷିତ ହେବାକୁ ହେବ । ଶିକ୍ଷକଗଣ ନିଜ ଜୀବନରେ ଏହି ଶିକ୍ଷାର ପ୍ରୟୋଗ କରିବେ, ଛାତ୍ରମାନେ ସହଜେ ଏହି ଧାରାରେ ଶିକ୍ଷିତ ହେବେ ଏବଂ ଛାତ୍ରମାନଙ୍କର ମାତାପିତା ବା ଅଭିଭାବକ ମଧ୍ୟ ଏହି ଶିକ୍ଷାର ମୂଲ୍ୟକୁ ସ୍ୱୀକାର କରିବେ ଏବଂ ଗଢ଼ି ଉଠୁଥିବା ଶିଶୁର ଶିକ୍ଷାକୁ ସମ୍ମାନ ଦେବେ । ଯେଉଁଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ ହେବ, ସେଠାରେ ଛାତ୍ରର ମାତାପିତା ଓ ଅଭିଭାବକମାନଙ୍କୁ ଏ ବିଷୟରେ ଡ଼କାଇ ବୁଝାଇବାକୁ ହେବ ଏବଂ ସେମାନଙ୍କ ଜୀବନକୁ ଉନ୍ନତ କରିବା ନିମିତ୍ତ ଉତ୍ସାହ ଦେବାକୁ ହେବ । ଯଦି ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯଥାର୍ଥ ଶିକ୍ଷାଦାନ କରିପାରିବ, ତେବେ ଶିକ୍ଷାର ଉନ୍ନତି ସଙ୍ଗେ ସଙ୍ଗେ ସାମାଜିକ ଜୀବନର ମଧ୍ୟ ବିଶେଷ ଉନ୍ନତି ହେବ । ଏହାଛଡ଼ା ଏହି ଶିକ୍ଷାର ବିଧାନ ଓ ଦର୍ଶନ ବର୍ତ୍ତମାନ

ଶିକ୍ଷକ ଓ ଅଧ୍ୟାପକମାନଙ୍କ ମଧ୍ୟରେ, ଶିକ୍ଷାୟତନ ମାଧ୍ୟମରେ, ପ୍ରେସ୍, ସଭାସମିତି ଓ ଶିକ୍ଷକ- ସେମିନାର ଦ୍ୱାରା ପ୍ରସାର କରାଇବାକୁ ହେବ । ସ୍ଥାନେ ସ୍ଥାନେ ଶିକ୍ଷା ଶିବିରମାନ ଅନୁଷ୍ଠିତ କରାଇ ପୂର୍ଣ୍ଣାଙ୍ଗ ଶିକ୍ଷାବିଧିକୁ ପ୍ରଚାରିତ କରାଇବାକୁ ହେବ । ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ଏକ ମାସିକ ପତ୍ରିକା ଏହି ସମ୍ବନ୍ଧରେ ପ୍ରକାଶିତ ହେବା ବାଞ୍ଛନୀୟ ହେବ । ବିଭିନ୍ନ ରାଷ୍ଟ୍ରରେ ଯେଉଁସବୁ ଶିକ୍ଷା ପ୍ରଚଳିତ ହେଉଛି ତାହାର ମଧ୍ୟ ଏକ ତୁଳନାତ୍ମକ ବିଚାର ଦେଖିବାକୁ ହେବ ।

ଏହାଛଡ଼ା ସ୍ଥାନେ ସ୍ଥାନେ କ୍ଷୁଦ୍ର କ୍ଷୁଦ୍ର ପୂର୍ଣ୍ଣାଙ୍ଗ ଶିଶୁବିହାର ବା ବିଦ୍ୟାଳୟ ସ୍ଥାପନ କରି ଏହି ଶିକ୍ଷାକୁ ପ୍ରବର୍ତ୍ତିତ କରିବାକୁ ହେବ । ବର୍ତ୍ତମାନ ଭାରତ ସରକାରଙ୍କ ତରଫରୁ ମଧ୍ୟ ଏଥିପାଇଁ ଉତ୍ସାହ ମିଳୁଛି । ଏହି ଛୋଟ ଛୋଟ ଶିଶୁ ଶିକ୍ଷାକେନ୍ଦ୍ରକୁ ପରେ ହାଇସ୍କୁଲ ଓ କଲେଜ ସ୍ତରକୁ ନିଆଯାଇ ପାରିବ । କିନ୍ତୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ ଏହି ଶିକ୍ଷାର ଚିରାଚରିତ ସାର୍ଟିଫିକେଟ ବା ମାନପତ୍ର ଦେବାର ଆବଶ୍ୟକତା ରହିବ ନାହିଁ । ଏହା ପ୍ରଥମରୁ ଛାତ୍ରଛାତ୍ରୀ ଓ ଅଭିଭାବକଗଣଙ୍କୁ ସ୍ପଷ୍ଟ କରିଦେବାକୁ ହେବ । ସାର୍ଟିଫିକେଟ ବା ଡ଼ିପ୍ଲୋମା ଉଦ୍ଦେଶ୍ୟ ରଖି ଛାତ୍ରମାନେ ଅଧ୍ୟୟନ କରିବାକୁ ଆସିଲେ ଶିକ୍ଷାର ଉଦ୍ଦେଶ୍ୟ ବ୍ୟର୍ଥ ହେବ । ଏହାଦ୍ୱାରା କିପରି ଅର୍ଥ ଉପାର୍ଜନ କରାଯାଇ ପାରିବ ଏବଂ ସମାଜରେ ଉଚ୍ଚ ସ୍ଥାନ ମିଳିବ ତାହାହିଁ ଛାତ୍ରର ଲକ୍ଷ୍ୟ ହୋଇଥାଏ । କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲେ ସାମାଜିକ ସମ୍ମାନ ଓ ପ୍ରତିପତ୍ତି ମଧ୍ୟ ଲାଭ ହେବ । ଏହା ପ୍ରକୃତରେ ଶିକ୍ଷାର ଉଦ୍ଦେଶ୍ୟ ନୁହେଁ । ଏହି ବିଷୟ ଉଲ୍ଲେଖ କରି କିଛି ବର୍ଷ ପୂର୍ବେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ କାହିଁକି ପ୍ରମାଣପତ୍ର ବା ଡ଼ିପ୍ଲୋମା ଦିଆଯାଏ ନାହିଁ ସେ ବିଷୟରେ ଶ୍ରୀମା ସ୍ୱୟଂ କହିଥିଲେ, ''ଜ୍ଞାନଲାଭ କରିବା ପାଇଁ ଶିକ୍ଷା କରିବା, ପ୍ରକୃତି ଓ ଜୀବନର ରହସ୍ୟ ଉଦ୍‌ଘାଟନ ନିମିତ୍ତ ଅଧ୍ୟୟନ କରିବା, ନିଜ ଚେତନାର ଅଭିବୃଦ୍ଧି ସାଧନ କରିବା, ନିଜକୁ ଶିକ୍ଷିତ କରିବା, ଜୀବନ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଆଣିବା ନିମିତ୍ତ ନିଜକୁ ଶୃଙ୍ଖଳିତ କରିବା, ଜୀବନରେ ଗୋଟାଏ ବିଶାଳତର, ମହତ୍ତର, ଉଦାରତର ଏବଂ ଉଚ୍ଚତର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ନିମିତ୍ତ ନିଜକୁ ପ୍ରସ୍ତୁତ କରିବା- ଏହିସବୁ ବିଷୟରେ ଏହି ଛାତ୍ରମାନେ (ଉପାଧି ଓ ଡ଼ିପ୍ଲୋମା ଖୋଜୁଥିବା ଛାତ୍ରମାନେ) ଆଦୌ ଚିନ୍ତା କରନ୍ତି ନାହିଁ ବରଂ ଏସବୁକୁ ଏକ କାଳ୍ପନିକ ଆଦର୍ଶ (Utopia) ବୋଲି ମନେ କରନ୍ତି । ଆଉ ସେମାନଙ୍କର ଏକମାତ୍ର ସାରକଥା ହେଲା କିପରି କାର୍ଯ୍ୟକାରୀ ଓ ଚତୁର ହେବା ଏବଂ ଅର୍ଥ ଉପାର୍ଜନ ନିମିତ୍ତ ନିଜକୁ କିପରି ପ୍ରସ୍ତୁତ କରିବା ଓ ତାହାର ଉପାୟ ଶିକ୍ଷା କରିବା ।

''ଯେଉଁ ତରୁଣ ଛାତ୍ରମାନେ ଏହି ବ୍ୟାଧି ଦ୍ୱାରା ଆକ୍ରାନ୍ତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ସେମାନଙ୍କ ନିମିତ୍ତ ଉପଯୁକ୍ତ ସ୍ଥାନ ନୁହେଁ । ଏହି କଥା ଛାତ୍ରମାନଙ୍କ ନିକଟରେ ପ୍ରମାଣ କରାଇବା ପାଇଁ ଆମ୍ଭେମାନେ ସେମାନଙ୍କୁ କୌଣସି ସରକାରୀ ଚାକିରି ବା ପ୍ରତିଯୋଗିତାମୂଳକ ପରୀକ୍ଷା ନିମିତ୍ତ ପ୍ରସ୍ତୁତ କରୁ ନାହୁଁ, ଅଥବା ସେମାନଙ୍କୁ କୌଣସି ଡ଼ିପ୍ଲୋମା ବା ସାର୍ଟିଫିକେଟ୍ ଦେଉନାହୁଁ ।

''ଆମ୍ଭେମାନେ ଏକମାତ୍ର ସେହିମାନଙ୍କୁ ଚାହୁଁ ଯେଉଁମାନେ ଏକ ଉଚ୍ଚତର ଏବଂ ଶ୍ରେଷ୍ଠତର ଜୀବନ ନିମିତ୍ତ ଅଭୀପ୍ସା କରନ୍ତି, ଯେଉଁମାନେ ଜ୍ଞାନ ଓ ପୂର୍ଣ୍ଣତା ନିମିତ୍ତ ଉତ୍ସୁକ ତଥା ଯେଉଁମାନେ ଆଗ୍ରହ ଓ ଉତ୍ସାହପୂର୍ଣ୍ଣ ଏକ ବିଶାଳତର, ସର୍ବାଙ୍ଗୀନ ଓ ପରିପୂର୍ଣ୍ଣ ଭବିଷ୍ୟତ ପ୍ରତି ପ୍ରତୀକ୍ଷା କରି ରହିଛନ୍ତି ।''

ଏହି ଉକ୍ତିରୁ ସ୍ପଷ୍ଟ ହେବ ଯେ ଡ଼ିପ୍ଲୋମା, ଡ଼ିଗ୍ରୀ ବା ଉପାଧି କିପରି ନିରର୍ଥକ ବସ୍ତୁ । ତଥାପି ଏକଥା ସ୍ମରଣ ରଖାଯାଇ ପାରିବ ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷାବିଧାନ ଯେକୌଣସି ଅବସ୍ଥାରେ ସରକାରଙ୍କ ଦ୍ୱାରା ସ୍ୱୀକୃତୀ ଲାଭ କରିପାରେ ଏବଂ ଏହି କେନ୍ଦ୍ରର ଛାତ୍ରମାନେ ସରକାରୀ ଚାକିରି କ୍ଷେତ୍ରରେ ମଧ୍ୟ ପ୍ରବେଶ କରିପାରନ୍ତି । ଶିକ୍ଷାର କ୍ଷେତ୍ରରେ ଏକ ଆମୂଳଚୂଳ ପରିବର୍ତ୍ତନ ଦେଖାଦେବ ଏବଂ ଯଦି କୌଣସିଠାରେ ଯଥାର୍ଥ ଶିକ୍ଷା ଦିଆଯାଉଛି ବୋଲି ଉପଲବ୍ଧି କରାଯିବ, ତେବେ ତାହା ସଙ୍ଗେ ସ୍ୱୀକୃତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ପରିଶେଷରେ ଆମ୍ଭେମାନେ ଦେଖିବା ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀରେ, ସ୍କୁଲ, କଲେଜ ସ୍ତରରେ ଏହି ଶିକ୍ଷାକୁ ପ୍ରବର୍ତ୍ତନ କରାଯାଇ ପାରିବ କି ? ଅର୍ଥାତ୍ କେତେଦୂର ବର୍ତ୍ତମାନ ଶିକ୍ଷା-ବିଧାନ ସହ ଏହାକୁ ପ୍ରୟୋଗ କରାଯାଇପାରେ । ଯଥାର୍ଥରେ କହିବାକୁ ଗଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଆଦର୍ଶକୁ ବର୍ତ୍ତମାନର ବହୁ ସମାଲୋଚିତ ଶିକ୍ଷାପଦ୍ଧତିରେ ଗ୍ରହଣ କରାଯାଇ ପାରିବ ନାହିଁ । ପ୍ରଥମେ ଯଦି କୌଣସି ସ୍କୁଲରେ ଏହା ପ୍ରୟୋଗ କରିବାକୁ ଇଚ୍ଛା ହୁଏ, ତେବେ ପ୍ରଥମେ ସେହି ସ୍କୁଲର ଶିକ୍ଷକଗଣ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ ଓ ଲକ୍ଷ୍ୟ ସମ୍ବନ୍ଧରେ ଅନୁପ୍ରାଣିତ ହେବେ । ପୂର୍ଣ୍ଣାଙ୍ଗ ଶିକ୍ଷା ଗୋଟିଏ ଜୀବନଚର୍ଯ୍ୟା, ଗୋଟିଏ ଆଚରଣ (a way of life) । ଶିକ୍ଷକମାନେ ଏହାଦ୍ୱାରା ଅନୁପ୍ରାଣିତ ହେଲେ ଛାତ୍ରମାନଙ୍କ ଉପରେ ତାହାର ପ୍ରଭାବ ପଡ଼ିବ ।

ଦ୍ୱିତୀୟତଃ, ଶିକ୍ଷକମାନେ ଛାତ୍ରମାନଙ୍କୁ ଡ଼ର, ଭୟ ମଧ୍ୟରେ ପାଠ ପଢ଼ାଇବେ ନାହିଁ ବା ଧମକ ଚମକ ମଧ୍ୟଦେଇ କିଛି କରାଇ ନେବେ ନାହିଁ ।

ତୃତୀୟତଃ, ବିଭିନ୍ନ ବିଷୟରେ- ଇତିହାସ, ଗଣିତ, ଭୂଗୋଳ, ସାହିତ୍ୟ ପ୍ରଭୃତି ବିଷୟରେ- ଶିକ୍ଷକମାନେ ଇଚ୍ଛା କଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ନୂତନ ଦୃଷ୍ଟିକୋଣ ଓ ବିଚାର ଦେଇପାରନ୍ତି ।

ଚତୁର୍ଥତଃ, ଯେକୌଣସି ଶିକ୍ଷାୟତନରେ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଗଠିତ ଛାତ୍ରସମାଜ ଶ୍ରୀଅରବିନ୍ଦଙ୍କ ଜୀବନଦର୍ଶନ ଓ ସାଧନା ସମ୍ବନ୍ଧରେ କିଛି କିଛି ଜାଣିପାରିବେ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଉଦ୍ଦିଷ୍ଟ ଶରୀର ଚର୍ଚ୍ଚା, ବ୍ୟାୟାମ, ବିଭିନ୍ନ ପ୍ରକାର ଖେଳ ପ୍ରଭୃତି ଶିକ୍ଷାୟତନରେ ଗ୍ରହଣ କରାଯାଇ ପାରିବ । ଏହାଛଡ଼ା ଯଦି ସମ୍ଭବ ହୁଏ, ଶିକ୍ଷାୟତନମାନଙ୍କରେ ନୀରବ ପ୍ରାର୍ଥନା ସମବେତ ଛାତ୍ରମଣ୍ଡଳୀରେ କରାଯିବା ଉଚିତ । ପୁନଶ୍ଚ ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ପ୍ରାଣଗତ ଶିକ୍ଷାର କେତେକ ନିୟମ ଛାତ୍ର, ଶିକ୍ଷକମାନେ ପାଳନ କରିପାରନ୍ତି । ଇନ୍ଦ୍ରିୟଗୁଡ଼ିକର ସୁରୁଚି ଓ ସୌନ୍ଦର୍ଯ୍ୟବୋଧ ନାନା ଶୁଦ୍ଧ ଓ ପରିଚ୍ଛନ୍ନ ଉପାୟରେ ଆଣିବାକୁ ହେବ । ସ୍କୁଲକୁ ପରିଷ୍କାର ପରିଚ୍ଛନ୍ନ ଓ ନିର୍ମଳ ରଖିବା, ସ୍କୁଲ ହତା ମଧ୍ୟରେ ନାନାପ୍ରକାର ଫୁଲଗଛ ଓ ଲତା ଲଗାଇ ବାତାବରଣକୁ ସୁନ୍ଦର ଓ ଚିତ୍ତାକର୍ଷକ କରିବା ଉଚିତ । ସାମୟିକ ଭାବେ ସଙ୍ଗୀତ, ନାଟକ ଓ ପ୍ରାଚୀନ ଗଳ୍ପ ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରାଯାଇ ପାରିବ । କିନ୍ତୁ ଏହି ସକଳ ବିଷୟ ନିର୍ଭର କରୁଛି ଶିକ୍ଷକ ଓ ସ୍କୁଲର କର୍ମକର୍ତ୍ତାଗଣଙ୍କ ଉପରେ ।

ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ପ୍ରତି ଆନୁଗତ୍ୟ, ତାଙ୍କ ଠାରେ ଅତୁଟ ବିଶ୍ୱାସ ଓ ତାଙ୍କର ଆଦର୍ଶ ପ୍ରତି ଏକ ଗଭୀର ଶ୍ରଦ୍ଧା ଓ ଉତ୍ସାହ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଯଥାର୍ଥ ଆରମ୍ଭ ।

*ଶ୍ରୀ ଅରବିନ୍ଦ ଆଶ୍ରମ*
*ପଣ୍ଡିଚେରୀ*

□□□

*''ଶାଶ୍ୱତଙ୍କ ପ୍ରଦତ୍ତ ଅନନ୍ତ ଯାତ୍ରାପଥରେ ଟିକିଏ ଅସାବଧାନ ହେଲେ ଜଣଙ୍କର ଆଧ୍ୟାତ୍ମିକ ପତନ ହୋଇଯାଇପାରେ*
*ଏଜନ୍ମରେ ପରମାତ୍ମାଙ୍କ ପ୍ରଦତ୍ତ ଏକମାତ୍ର ସୁଯୋଗ ବାଜ୍ୟାପ୍ତି ହୋଇଯାଏ*
*ଏହି ପତିତ ଆତ୍ମାଙ୍କ ଖବର ଅପେକ୍ଷାରତ ଦେବତାମାନଙ୍କ ପାଖରେ ଆଉ ପହଞ୍ଚି ପାରେ ନାହିଁ,*
*ଆତ୍ମାର ଉପସ୍ଥାନ ଖାତାରୁ ତାଙ୍କର ନାମ ନିଖୋଜ ହୋଇଯାଏ*
*ତାଙ୍କର ନାମ ଏକ ବିଫଳ ଆଶାର ଇତିହାସ ହୋଇ ରହେ,*
*ତାଙ୍କ ଅସ୍ତିତ୍ୱ ମୃତ ତାରକାଙ୍କ ସ୍ମୃତି ସଦୃଶ ହୋଇ ରହିଯାଏ ।*
*ସେହି ଜୀବନ ସୁରକ୍ଷିତ ଯେଉଁମାନେ ହୃଦୟରେ ପରମାତ୍ମାଙ୍କୁ ଧାରଣ କରନ୍ତି:*
*ସାହସ ସେମାନଙ୍କର ବାହୁବଳୀ, ଶ୍ରଦ୍ଧା ସେମାନଙ୍କର ଧାରୁଆ ଅସ୍ତ୍ର, ଏସବୁକୁ ଆଶ୍ରୟ କରି ସେମାନେ ନିଶ୍ଚିତ ଭାବରେ ଆଧ୍ୟାତ୍ମିକ ଅଭିଯାତ୍ରାରେ ଭାଗ ନିଅନ୍ତି,*
*ସେମାନଙ୍କର ଚକ୍ଷୁ ଶତ୍ରୁ ଉପରେ ନଜର ରଖେ ଓ ନିପାତ କରେ,*
*ସେମାନଙ୍କ ସାମନାରେ ସମ୍ମାନଜନକ ଆକ୍ରମଣକାରୀ ଢାଲ କ୍ଷେପଣ ନିମନ୍ତେ ପ୍ରସ୍ତୁତ,*
*ସେମାନେହେଲେ ଆଗାମୀ ଯୁଗର ଆଲୋକ ସେନାର ମହାନାୟକ ଓ ଯୋଦ୍ଧା ।''*

*ସାବିତ୍ରୀ- ୨୧୦-୧୧*

*''ତୁମେ ଯେତେବେଳେ ଅନୁଭବ କର ଯେ ତୁମେ ଯାହା ଜାଣିଛ ତାହା ଜାଣିବାକୁ ବାକି ଥିବା ଜ୍ଞାନ ପାଖରେ ଅତି ନଗଣ୍ୟ, ଯାହା ସବୁ କାମ କରିଛ ତାହା ବାକିଥିବା ସବୁ କର୍ମର କେବଳ ଆରମ୍ଭ ମାତ୍ର, ତୁମେ ଯେତେବେଳେ ଭବିଷ୍ୟତକୁ ଏକ ଆକର୍ଷଣୀୟ ସୂର୍ଯ୍ୟକିରଣ ଏବଂ ମାପି ହେଉନଥିବା ସମ୍ଭବନା, ଯାହାକୁ ପ୍ରାପ୍ତ ହେବାକୁ ହେବ, ଏହି ଭାବରେ ଦେଖିପାର, ସେତେବେଳେ ତୁମେ ଜାଣିବ ଯେ ତୁମେ ଜଣେ ତରୁଣ ।''*

*ଶ୍ରୀମା*

# ଶ୍ରୀଅରବିନ୍ଦଙ୍କ ଅତିମାନବ

ଡ଼ଃ ଅର୍ଚ୍ଚନା ନାୟକ

ଭାରତୀୟ ଯୋଗମାର୍ଗର ମୁଖ୍ୟ ଅବଦାନ ହେଲା; ଧ୍ୟାନ, ଧାରଣା, ଏକାଗ୍ରତା ଓ ଆନ୍ତରମୁଖୀନତା । ଏହାଦ୍ୱାରା ଜଣେ ନିଜର ବ୍ୟକ୍ତିତ୍ୱ ଓ ପ୍ରକୃତିକୁ ବହୁ ଅଂଶରେ ପରିବର୍ତ୍ତନ ମଧ୍ୟ କରିପାରେ । ପୂର୍ବାର୍ଜିତ ବା ପୂର୍ବଜନ୍ମର ସଂସ୍କାର ଓ ବାସନାରାଜିକୁ ଉତ୍ତମ ମାର୍ଗରେ ସଂଶୋଧିତ କରିପାରେ ଏବଂ ବ୍ୟକ୍ତିର ଆତ୍ମାକୁ ମୁକ୍ତ ଓ ସ୍ୱାଧୀନ କରିପାରେ । ଆଧୁନିକ ସ୍ନାୟୁବିଜ୍ଞାନ ମନ ଓ ମସ୍ତିଷ୍କ ଭିତରେ କ୍ରିୟା ପ୍ରତିକ୍ରିୟା ମଣିଷର ବାହ୍ୟ ବ୍ୟକ୍ତିତ୍ୱକୁ ବହୁ ପରିମାଣରେ ପ୍ରଭାବିତ କରେ ବୋଲି ପ୍ରମାଣ କରୁଛି । ମାନସିକ ଘଟଣା ବା ଚିନ୍ତନମନନ ସବୁ ସ୍ନାୟୁର କ୍ରିୟା ପ୍ରତିକ୍ରିୟା ଉପରେ କାର୍ଯ୍ୟ କରନ୍ତି । ମାନସିକ ଏକାଗ୍ରତା - ଯାହାକୁ ସଂକଳ୍ପ ଶକ୍ତି ବୋଲି କୁହାଯାଏ, ତାହା ଆମର ସ୍ନାୟୁତନ୍ତ୍ରୀକୁ ପ୍ରଭାବିତ କରିପାରେ । ଜୀବବିଜ୍ଞାନୀ ଫ୍ରାନ୍‌ସିସ ଜାକବ କହନ୍ତି - ଯାହାକିଛି ମଣିଷର ମାନବୀୟତାକୁ ଗଠନ କରେ, ସେସବୁ ଗୋଟିଏ ଶବ୍ଦର ବିଭିନ୍ନ ଅର୍ଥ । ସେ ଶବ୍ଦଟି ହେଲା ସଂସ୍କୃତି ବା 'କୃଷ୍ଟି' । ଜୈବିକ ବିବର୍ତ୍ତନ ଅପେକ୍ଷା ସାଂସ୍କୃତିକ ବିବର୍ତ୍ତନର ଗତି ଦ୍ରୁତତର ହୋଇଥାଏ ।

ଦେଖିବାକୁ ଗଲେ ତିରିଶ ଚାଳିଶ ହଜାର ବର୍ଷ ପୂର୍ବେ ମଣିଷଙ୍କ ଜୈବିକ ଆକୃତି ଓ ପ୍ରକୃତି ଯେପରି ଥିଲା- ବର୍ତ୍ତମାନର ମଣିଷ ତା'ଠାରୁ ଅଧିକ କିଛି ପୃଥକ ନୁହେଁ । କିନ୍ତୁ ସାଂସ୍କୃତିକ ଦୃଷ୍ଟିରୁ ଦେଖିଲେ ଗୁମ୍ଫାବାସୀ ମଣିଷଠାରୁ ଆଧୁନିକ ମଣିଷ କେତେ ପୃଥକ ଓ କେତେ ଉର୍ଦ୍ଧ୍ୱରେ ! ଏହା ନିଶ୍ଚିତ ଭାବରେ କୁହାଯାଇପାରିବ ଯେ ପଚାଶ ହଜାର ବର୍ଷ ତଳର ମଣିଷଠାରୁ ବର୍ତ୍ତମାନ ମଣିଷ ଚେତନାର କ୍ରମବିକାଶ ସ୍ତର ଖୁବ୍ ଉଚ୍ଚରେ ଅଛି ।

ଯଦିବା ବୁଦ୍ଧିମାନ ମଣିଷ ହିଁ କ୍ରମବିକାଶର ଶୀର୍ଷସ୍ଥାନରେ ଅଛି- ତଥାପି ଏଇଠାରେ ସବୁ ଶେଷ ବୋଲି ଆମେ କହିପାରିବା ନାହିଁ । କ୍ରମବିକାଶ ଲାଗି ଭବିଷ୍ୟତ ସବୁବେଳେ ଖୋଲା ଅଛି । ମଣିଷର ଶିକ୍ଷାକରିବା ପ୍ରବୃତ୍ତିର ଅନ୍ତ ନାହିଁ । ସେ ତା'ର ମନଶକ୍ତିକୁ ଏକାଗ୍ର କରି, ନିଜକୁ ଅନ୍ତର୍ମୁଖୀ କରି, ଧ୍ୟାନସ୍ଥ ହୋଇ ତା'ର ଅନ୍ତରର ଗଭୀରରୁ କିଛି ଗୋଟାଏ ନୂତନ ଧାରଣା, ଚିନ୍ତା ଉଦ୍ଦୀପନା ପାଇପାରେ ବା ବାହାର ପରିବେଶରୁ ସାମାଜିକ ଅନୁଷ୍ଠାନମାନଙ୍କଠାରୁ ମଧ୍ୟ କିଛି ନୂତନ ଚିନ୍ତା, ଧାରଣା, ଉଦ୍ଦୀପନା ପାଇପାରେ । ଜ୍ଞାନ, ପ୍ରେମ, ଅନୁକମ୍ପା, ମୁକ୍ତି, ସଂକଳ୍ପ ଶକ୍ତି ବା ଇଚ୍ଛା ଶକ୍ତିର ସୃଜନଶୀଳ ବ୍ୟବହାର ଓ କ୍ଷମତା ଏବଂ ସୁନୀତି ଓ ସୁରୁଚି ସେ ବାହାରୁ ବା ତା' ଭିତରୁ ପ୍ରାପ୍ତ ହୋଇପାରେ । ଜୈବିକ କ୍ରମବିକାଶକୁ ଉପେକ୍ଷା କରି ମଧ୍ୟ ସାଂସ୍କୃତିକ ବା ଚେତନାଗତ କ୍ରମବିକାଶ ଆଗକୁ ଗତି କରିଯାଇପାରେ ।

ଏଥିରୁ ମନେହୁଏ ଯେ, ମଣିଷ ପାଇଁ ଏକ ଉନ୍ନତତର ଭବିଷ୍ୟତ ଅଛି ଏବଂ ତାହା ଦୁଇଟି ମାର୍ଗରେ ହୋଇପାରେ । ପ୍ରଥମଟି ହେଲା ଜନନୀକା ବିଜ୍ଞାନର ପ୍ରୟୋଗ କୌଶଳ ଦ୍ୱାରା (by genetic technology) ଓ ଅନ୍ୟଟି ହେଲା ସାଂସ୍କୃତିକ କିମ୍ବା ବାହ୍ୟ ଦୈହିକ ବଂଶ ପରମ୍ପରା ଦ୍ୱାରା । ଏହି ଦୁଇଟି ମାର୍ଗର ବା ଉପାୟର ଭିତ୍ତି କିନ୍ତୁ ରହିଛି ଜଡ଼ ଭିତରେ । ଜଡ଼ବିଜ୍ଞାନୀମାନଙ୍କ ମତରେ ଅଣୁମାନଙ୍କର ସାଂଗଠନିକ ପ୍ରକ୍ରିୟା ଭିତରୁ ପ୍ରାଣର ଉଦ୍‌ଭବ ହୋଇଛି । ସେହିପରି ଆମର ମନ, ଚେତନା, ବୁଦ୍ଧି ଓ ଅଧ୍ୟାତ୍ମସତ୍ତା ମଧ୍ୟ ଆମର ମସ୍ତିଷ୍କଚାଳିତ ବିଭିନ୍ନ ପ୍ରକାର ସଂଗଠନ ଭିତରୁ ଉଦ୍‌ଭବ ହୋଇଛନ୍ତି । ତେଣୁ ମୂଳତଃ ଏହା ଏକ ଭୌତିକ ବା ଜଡ଼ୀୟ ବ୍ୟାପାର । ତେଣୁ ମନ, ବୁଦ୍ଧି, ଆତ୍ମା ଇତ୍ୟାଦିକୁ ଆମେ ଭୌତିକ ସମ୍ପର୍କହୀନ ଏକ ମାୟା ବା କଳ୍ପନା ବୋଲି କହିପାରିବା ନାହିଁ ।

ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ କୁହନ୍ତି ଜଡ଼ ଓ ଆତ୍ମା ଏକ । କ୍ରମବିକାଶ ମାର୍ଗରେ ହିଁ ଜଡ଼ ନିଜକୁ ଆତ୍ମା ରୂପରେ ପ୍ରକାଶ କରୁଛି । ଜଡ଼ର ଏଇ ଆତ୍ମାରୂପ ହେଲା ଜଡ଼ର କ୍ରମବିକାଶରେ ଉତ୍ତରଣ । ପ୍ରଜନନ ସମ୍ବନ୍ଧୀ ଗଠନଟି (genetic structure) କ୍ରମବିକଶିତ ହୁଏ କିପରି ? ବୋଧହୁଏ ତା' ଭିତରେ ସୂକ୍ଷ୍ମଭାବରେ ଲୁକ୍କାୟିତ ଥିବା ଆତ୍ମାର ଚାପ ଯୋଗୁଁ । ଫଳରେ ମଣିଷର ଅନ୍ତରାତ୍ମା ନିଜକୁ ବାହ୍ୟ ସ୍ତରରେ ଅଧିକ ପ୍ରକାଶ କରିଚାଲେ । ଏକ ଅଧିକତର ଜଟିଳ ସଂଗଠନ ଉଚ୍ଚତର ପରିପ୍ରକାଶ ଆଡ଼କୁ ଗତିକରେ ।

ପ୍ରାକୃତିକ କ୍ରମବିକାଶ ପ୍ରସଙ୍ଗରେ ମଧ୍ୟ ଏହା କୁହାଯିବ ଯେ,

ବ୍ରହ୍ମ ହେଉଛନ୍ତି ମୂଳ । ଏହି ବ୍ରହ୍ମ ସର୍ବତ୍ର ପରିବ୍ୟାପ୍ତ । କିନ୍ତୁ ସେ ରହିଛନ୍ତି ନିରାକାର ଓ ନିର୍ଗୁଣ ହୋଇ । ମାତ୍ର ସେହି ବ୍ରହ୍ମ ପ୍ରକାଶ ହୁଅନ୍ତି ଗୁଣ ଓ ଆକାର ଧାରଣ କରି । ତେଣୁ ସେ ଜଡ଼ଭାବେ ନିଜକୁ ସ୍ୱତଃ ପ୍ରକାଶ କଲେ । ତା'ପରେ ଅଣୁ ଓ ଜନନୀକା ହେଲେ ଏବଂ ଅଧିକରୁ ଅଧିକ ଜଟିଳ ସଂଗଠିତ ଆକୃତି ଭିତରେ ନିଜକୁ କ୍ରମବିକାଶ କରୁ କରୁ ଆତ୍ମାର ଅନ୍ତର୍ନିହିତ ରୂପ ଓ ଗୁଣରାଜି କ୍ରମଶଃ ପ୍ରକାଶିତ ହୋଇ ଚାଲିଲା । କ୍ରମବିକାଶର କ୍ରମରେ ଗୁଣଗୁଡ଼ିକର ବିକାଶ ନିମ୍ନରୁ ଉର୍ଦ୍ଧ୍ୱ ଆଡ଼କୁ ଉଠିଥାଏ । ଜଡ଼ ଭିତରେ ଶକ୍ତି ଓ ଚେତନା ନ ଥିଲେ ବା ଆତ୍ମା ସୁପ୍ତ ଅବସ୍ଥାରେ ନଥିଲେ ଏହା କିପରି ସମ୍ଭବ ହୁଅନ୍ତା ?

ଶ୍ରୀଅରବିନ୍ଦଙ୍କ ମତରେ ଅତିମାନବର ଉଦ୍ଭବ ହେବ ମନୁଷ୍ୟର ଦିବ୍ୟପଥ ଅନୁସରଣ ଦ୍ୱାରା । ଈଶ୍ୱରଙ୍କ ଚେତନାରେ କ୍ରମ ବିକଶିତ ହେଉ ହେଉ ମଣିଷର ଅନ୍ତରରେ ଦିବ୍ୟବୋଧ ଜାଗ୍ରତ ହୁଏ ଏବଂ ତା' ଅନ୍ତରରେ ଆଲୋକ, ଆନନ୍ଦ ଏବଂ ଦିବ୍ୟପ୍ରେମର ଉଦୟ ହୁଏ । ସେ ଆନନ୍ଦ ପାଏ ଅନ୍ୟର ସେବା କରି ଏବଂ ସେହି ସେବା ଦ୍ୱାରା ହିଁ ସେ ଶାସନ ମଧ୍ୟ କରିଥାଏ । ସେ ସ୍ୱାଭାବିକ ଭାବରେ ସାହସୀ ହୁଏ, କ୍ଷିପ୍ର ମଧ୍ୟ ହୁଏ । ସେ ମଧ୍ୟ କାହାକୁ ଆଘାତ ନଦେଇ ଉଗ୍ରତା ପ୍ରକାଶ କରିପାରେ । ସେ ମଧ୍ୟ ଖୁବ୍ କୋମଳ ଓ ଦୟାଶୀଳ ହୋଇପାରେ । ଏପରିକି ସେ ନିଜର ଗତିବୃତ୍ତିରେ ଖୁବ୍ ଶିଥିଳ ହୋଇପାରେ । ତେବେ ତାଙ୍କ ଶିଥିଳତା ଦ୍ୱାରା ସେ କିଛି ପାପ ବା ନୈତିକ ଦୁର୍ବଳତାର ଶିକାର ହୁଏନାହିଁ । ସେ ସମଗ୍ର ମାନବସମାଜ ଓ ପ୍ରଣୀସମାଜ ପ୍ରତି ସହାନୁଭୂତିଶୀଳ ହୋଇରହିବା ସଙ୍ଗେ ନିଜ ଭିତରେ ଏକ ଉଜ୍ଜ୍ୱଳ ଓ ସୁଖମୟ ସାମଗ୍ରିକ ଜୀବନକୁ ଉପଲବ୍ଧି କରିଥାଏ । ସ୍ୱାର୍ଥପରତା ନୁହେଁ; ଆତ୍ମାର ସମସ୍ତ ପରିପ୍ରକାଶ ସହିତ ସେ ଅନ୍ୟ ସହିତ ଏକାତ୍ମ ହୁଏ - ଅନ୍ୟର ଆତ୍ମା ସହିତ ମିଳିତ ହୋଇ ପରମ ପ୍ରେମାନନ୍ଦ ଅନୁଭବ କରେ । ଏହା ଏକ ନିଷ୍କ୍ରିୟ ବା ଅସମ୍ବେଦୀ ଅଭିଜ୍ଞତା ନୁହେଁ । ବରଂ ଏହା ପ୍ରେମ ଓ ଆନନ୍ଦର ଅନୁଭବ ଭିତରେ ଏକ ଗତିଶୀଳ ଆତ୍ମପ୍ରକାଶ । ଏହି ଗତିଶୀଳ ଅଭିବ୍ୟକ୍ତି ଲାଗି ଶକ୍ତି ଓ କ୍ଷମତା ଆବଶ୍ୟକ ଓ କିଛି ପରିମାଣରେ ପ୍ରଭୁତ୍ୱ ବା ଆଧିପତ୍ୟ ମଧ୍ୟ ଆବଶ୍ୟକ । କିନ୍ତୁ ଏହି ଆଧିପତ୍ୟ ବା ପ୍ରଭୁତ୍ୱ ସେ ଦେଖାଏ ତା'ର ବିଚ୍ଛିନ୍ନତାକାମୀ ଅହଂସତ୍ତା ଉପରେ । ଆଉ ଗୋଟିଏ କଥା ହେଲା, ଜଣେ କେତେବେଳେ ପୃଥିବୀ ଉପରେ ତା'ର ପ୍ରଭୁତ୍ୱ ଅନୁଭବ କରିବ ? ଯେତେବେଳେ ସେ ବିଶ୍ୱବ୍ରହ୍ମାଣ୍ଡ ସହିତ ଏକ ହୋଇଯିବ ଓ ସେହି ଏକାତ୍ମତାକୁ ଅନୁଭବ କରିବ । ନିଜେ ପ୍ରଭାବିତ ହେବା ପରେ ଯାଇ ଜଣେ ଅନ୍ୟ ଉପରେ ପ୍ରଭାବଶାଳୀ ହୋଇପାରିବ । ସେତେବେଳେ ବିଶ୍ୱ ହୋଇଯାଏ ''ମୁଁ'' ଓ ''ମୁଁ'' ହୋଇଯାଏ ବିଶ୍ୱ ।

ପ୍ରକୃତି ଭିତରେ ଯାହାସବୁ ନିହିତ ଅଛି ବା ପ୍ରକାଶ ପାଇଛି... ସେଥିରୁ କୌଣସିଟି କ୍ରମବିକାଶ ପାଇଁ ପ୍ରତ୍ୟାଖ୍ୟାତ ହେବ ନାହିଁ । ମଣିଷ ଭିତରେ ପୂର୍ବର ପ୍ରାଣୀ ଓ ଉଦ୍ଭିଦମାନଙ୍କର ସବୁକିଛି ପ୍ରଧାନ ଉପାଦାନ ରହିଛି । ସେହି ଉପାଦାନଗୁଡ଼ିକ ପ୍ରାଣୀ ଓ ବୃକ୍ଷଲତାଙ୍କ ଭିତରେ କମ୍ ବିକଶିତ ହୋଇଥିଲା । ଏପରିକି ମଣିଷ ଭିତରେ ମଧ୍ୟ ସବୁତକ ପୂର୍ଣ୍ଣଭାବେ ବିକାଶ ପାଇନାହିଁ । ଏଯାବତ୍ ମଧ୍ୟ ମଣିଷ ଭିତରେ ସବୁକିଛି ଶୃଙ୍ଖଳିତ ଭାବେ ଓ ଦକ୍ଷତାପୂର୍ଣ୍ଣ ଭାବେ ସଂଗଠିତ ହୋଇନାହିଁ । ଅନ୍ୟପକ୍ଷରେ ମଣିଷ ହୋଇଉଠିଛି ବହୁ ଦ୍ୱନ୍ଦ୍ୱାତ୍ମକ ପରସ୍ପର ବିରୋଧୀ ଉପାଦାନ, ମନୋବୃତ୍ତି, ପ୍ରବେଗ ଓ ପ୍ରବୃତ୍ତିମାନଙ୍କର ଏକ ଅଧାପନ୍ତରିଆ ମିଶ୍ରିତ ସଂଗଠନ ।

ଶ୍ରୀଅରବିନ୍ଦଙ୍କ ଭାଷାରେ: ମଣିଷ ହେଉଛି ମାନସିକ, ସ୍ନାୟବିକ, ଦୈହିକ ଅଭ୍ୟାସଗୁଡ଼ିକର ଗୋଳିଆ ମିଶା ଏକ ଜଟିଳ ଜୀବନ୍ତ ବିଗ୍ରହ । ତାକୁ ପରିଚାଳିତ କରୁଛି ବା ଏକତ୍ର କରି ରଖୁଛି ତାର କେତେକ ଭାବନା, କାମନା ଓ ଆଉ କିଛି ଆନୁଷଙ୍ଗିକତା । ତା' ଭିତରେ ମଧ୍ୟ ଚାଲିଛି ବହୁ କ୍ଷୁଦ୍ର ସ୍ୱୟଂପରିଚାଳିତ ଶକ୍ତିମାନଙ୍କର କ୍ରିୟାପ୍ରତିକ୍ରିୟାର ପୁନରାବୃତ୍ତି ଏବଂ ତା' ସହିତ ଅଳ୍ପ କେତେକ ବିଶେଷ ଧରଣର ସ୍ପନ୍ଦନ । ଏସବୁ ସତ୍ତ୍ୱେ ବି ମଣିଷ ଯାହା ପାଇଛି- ତା' ପରଠାରୁ ଆହୁରି ବଡ଼ବଡ଼ କଥା ପାଇପାରିବାର ସମ୍ଭାବନା ମଧ୍ୟ ତା' ଭିତରେ ରହିଛି । ଅବ୍ୟକ୍ତ ଯେପରି ବ୍ୟକ୍ତ ହୋଇହୋଇ ଚାଲିଛି । ସେହିସବୁ ଅଭିବ୍ୟକ୍ତିର ମହାନାଟକ ରହିଛି ମଣିଷ ପାଖରେ ଏବଂ ଏକଥା ମଧ୍ୟ ସତ୍ୟ ଯେ ଅଳ୍ପ କିଛି ବୁଦ୍ଧିର ଅଧିକାରୀ ମଣିଷଟିଏ ବି ତା'ର ଅପରିପୂର୍ଣ୍ଣତାର ପୀଡ଼ା ଅନୁଭବ କରେ ଏବଂ ଆପଣାକୁ ନେଇ ସନ୍ତୁଷ୍ଟ ହେଉଥାଏ । ତା' ଭିତରେ ଆଉ କିଛି ପାଇବା ଲାଗି ବା ହେବାଲାଗି ଉଚ୍ଚାକାଂକ୍ଷାର ଦୀପଟିଏ ଉର୍ଦ୍ଧ୍ୱଶିଖା ହୋଇ ଜଳୁଥାଏ । ସେ ମଧ୍ୟ ଏକଥା ଜାଣେ ଯେ ସେ ଏବେ ଯାହା ଅଛି ତା' ଅପେକ୍ଷା ଅଧିକ କିଛି ମଧ୍ୟ ହୋଇପାରିବ । ଅବଶ୍ୟ ସବୁ ମଣିଷଙ୍କ ଭିତରେ ଏହି ଅସନ୍ତୋଷ ଖୁବ୍ ତୀବ୍ର ଭାବରେ ଅନୁଭୂତ ହୁଏନାହିଁ । ତଥାପି ଅନେକ ମଣିଷ ଅଛନ୍ତି ଯେଉଁମାନଙ୍କ ଭିତରେ ଅଜଣାକୁ ଜାଣିବା ପାଇଁ, କିଛି ଗୋଟାଏ ନୂତନ ସୃଷ୍ଟି କରିବାପାଇଁ ଏକ ତୀବ୍ର ଆକାଂକ୍ଷା ସୃଷ୍ଟି ହୋଇଥାଏ । ଏହି ପ୍ରକାର ମଣିଷମାନଙ୍କ ଭିତରେ ହିଁ ମାନବୀୟ ପ୍ରକୃତି ନିଜକୁ ଅତିକ୍ରମ କରିବା ପାଇଁ ଚେଷ୍ଟା କରେ । ଏହି ମଣିଷମାନଙ୍କୁ ସର୍ବୋତ୍କୃଷ୍ଟ ଲୋକ ବୋଲି କୁହାଯାଏ । ଏହିମାନେ ହିଁ ବରାନ୍ । ଏହିମାନଙ୍କଠାରୁ ଅନ୍ୟ ସାଧାରଣ ମଣିଷମାନେ ଜୀବନର ଅର୍ଥ ବୁଝନ୍ତି ଏବଂ ଜୀବନର ଲକ୍ଷ୍ୟ କ'ଣ

ତା' ମଧ୍ୟ ବୁଝନ୍ତି । ସେହି ଅସାଧାରଣ ଅଭୀପ୍ସୁ ବ୍ୟକ୍ତିମାନେ ଜାଣନ୍ତି ଯେ, ମଣିଷ ଜୀବନର ଲକ୍ଷ୍ୟ ହେଲା ପୂର୍ଣ୍ଣରୁ ପୂର୍ଣ୍ଣତର ଜୀବନ ଓ ଅଧିକତର ସଚେତନ, ମୁକ୍ତ ଓ ସଂଗତିପୂର୍ଣ୍ଣ ଜୀବନ ବଞ୍ଚିବା ।

ଶ୍ରୀଅରବିନ୍ଦ କୁହନ୍ତି- ''କିନ୍ତୁ ମଣିଷ ଯେପର୍ଯ୍ୟନ୍ତ ଏକ ଉର୍ଦ୍ଧ୍ୱଷ୍ଠ ଉଚ୍ଚତର ଶ୍ରେୟବସ୍ତୁକୁ ନପାଇଛି ସେପର୍ଯ୍ୟନ୍ତ ସେ ସବୁଦିନ ପାଇଁ ବିଶ୍ରାମ ନେଇପାରିବ ନାହିଁ । ସବୁ ପ୍ରାଣୀଙ୍କ ଭିତରେ ସେ ଶ୍ରେଷ୍ଠ । କିନ୍ତୁ ସେ ସମସ୍ତଙ୍କଠାରୁ ଅସନ୍ତୁଷ୍ଟ ପ୍ରାଣୀ । କାରଣ, ସେ ହିଁ କେବଳ ଆପଣାର ସୀମା ଜାଣେ ଓ ସେହି ସୀମାକୁ ପାରହୋଇ ଆଗକୁ ଯିବାଲାଗି ଛଟପଟ ହେଉଥାଏ'' । (The Life Divine-p-51)

ମଣିଷ ''ଗୋଟାଏ ଖୁବ୍ ସାମାନ୍ୟ ସତ୍ତା ।'' ଗୋଟିଏ ଚିନ୍ତନଶୀଳ ପ୍ରାଣୀ । ତା'ର ଜନ୍ମ ଅଜ୍ଞାନ ପଙ୍କ ଭିତରୁ । ତଥାପି ସେ କିଛି ଗୋଟାଏ ଉଚ୍ଚତର, ମହତ୍ତର ଓ ବିଶାଳତର ବସ୍ତୁ ଖୋଜୁଥାଏ ଓ ତାକୁ ପାଇବାକୁ ଅଭୀପ୍ସା କରୁଥାଏ । ଗୋଟିଏ କବିତାରେ ଶ୍ରୀଅରବିନ୍ଦ କହୁଛନ୍ତି-

"Aspiring to Godhead from insensible clay
He travels slow-footed towards the eternal Day"
(CWSA-2/Collected Poems-p-593)

ଅର୍ଥାତ୍- ଜନ୍ମ ତା'ର ଅଚିତିର କର୍ଦ୍ଦମ ଭିତରୁ
ତଥାପି ସେ ଆଶାକରେ ଦେବତାର ପଦ ।
ଖୁବ୍ ଧୀରେ ଚାଲୁଥାଏ ପାଦ ତାର
ଭେଟିବାକୁ ଶାଶ୍ୱତ ଦିବସ ।''

ମଣିଷ ଭିତରେ ଶ୍ରେୟ ଓ ପ୍ରେୟ ଉଭୟ ପ୍ରବୃତ୍ତି ସମାନ ଭାବରେ କ୍ରିୟାଶୀଳ ହୋଇଥାନ୍ତି । ତା' ସହିତ ଆଉସବୁ ପରସ୍ପର ବିରୋଧୀ ଚିତ୍ତବୃତ୍ତିର ମଧ୍ୟ କ୍ରିୟା ପ୍ରତିକ୍ରିୟା ତା' ଭିତରେ ଚାଲିଥାଏ ।

ଶ୍ରୀଅରବିନ୍ଦଙ୍କ ଭାଷାରେ: ମଣିଷ ହେଉଛି ବିପରୀତ ଗୁଣାବଳୀର ଏକ ସଂଗ୍ରହଶାଳା । କ୍ରମବିକାଶ ହେଉଛି ସବୁ ବୈପରିତ୍ୟର ଉର୍ଦ୍ଧ୍ୱରେ ରହିଛି ଯେଉଁ ଐକ୍ୟ ତାରି ଭିତରକୁ ଏକ ଆରୋହଣ । ସେଠାରେ ଏକ ସହିତ ଅନେକର, ବ୍ୟକ୍ତି ସହିତ ବିଶ୍ୱର ଏକ ମହାମିଳନ ଘଟିଥାଏ । ଜୀବନର ଲକ୍ଷ୍ୟଟିରେ କେବଳ ମାନବଜୀବନ ହିଁ ଉପନୀତ ହୋଇପାରେ । କାରଣ ମଣିଷ ଦ୍ୱାରା ଏବଂ ମଣିଷର ଭିତର ଦେଇ ଏହି ମହାନ୍ ଐକ୍ୟ ଓ ମିଳନ ସମ୍ଭବ ହେବ । ସାବିତ୍ରୀ ମହାକାବ୍ୟରେ ''ମଣିଷ କିଏ ଓ କଣ'' କହିବାକୁ ଯାଇ ଶ୍ରୀଅରବିନ୍ଦ କୁହନ୍ତି-

"A link between the demigod and the beast,"
Savitri-p-337

ଅର୍ଥାତ୍ ମଣିଷ ହେଲା ଉପଦେବତା ଓ ପଶୁ ଭିତରେ ଏକ ଯୋଗସୂତ୍ର ।

ତେଣୁ ମଣିଷକୁ ସେହି ଉପଦେବତା ସ୍ତରକୁ ଉପନୀତ ହେବାଲାଗି ବିବର୍ତ୍ତିତ ବା ବିକଶିତ ହେବାକୁ ପଡ଼ିବ ଏବଂ ତାକୁ ଛାଡ଼ିବାକୁ ପଡ଼ିବ ତାର ଏଇ ଦୁର୍ବଳ, ଅର୍ଦ୍ଧ ସଚେତନ ପାଶବିକ ଜୀବନକୁ କିମ୍ବା ତାକୁ ଏକ ଦିବ୍ୟଜୀବନରେ ରୂପାନ୍ତରିତ ହେବାକୁ ପଡ଼ିବ । ଏଠାରେ ପ୍ରଶ୍ନ ଉଠିପାରେ ଯଦି ମଣିଷକୁ ଉର୍ଦ୍ଧ୍ୱଗାମୀ ହେବାକୁ ହେବ, ତେବେ ସେ ଉପଦେବତା ସ୍ତରକୁ କାହିଁକି ଯିବ ? ଭଗବାନଙ୍କ ପାଖକୁ ସିଧା ଯିବନାହିଁ କାହିଁକି ? ତାହାହିଁ ତା'ର ବିବର୍ତ୍ତନର ଉଦ୍ଦେଶ୍ୟ ବା ନହେବ କାହିଁକି ! କାରଣ ଅତୀତରେ ମଣିଷ ଈଶ୍ୱର କୋଟୀରେ ଉପନୀତ ହେବା ପାଇଁ ଏ ସଂସାରକୁ ତ୍ୟାଗ କରିଛି ଏବଂ ତାକୁ ଏହି ପାର୍ଥିବ ଜୀବନକୁ ମଧ ଅସ୍ୱୀକାର କରିବାକୁ ପଡ଼ିଛି । ଈଶ୍ୱର ଅଛନ୍ତି ସ୍ୱର୍ଗରେ ଓ ମଣିଷ ଅଛି ପୃଥିବୀରେ ।

ବୈଦିକ ଋଷିମାନେ ଏହି ସତ୍ୟଟି ଉପଲବ୍ଧି କରି କହିଥିଲେ, ''ଏ ପୃଥିବୀ ଆମର ମାତା ଏବଂ ସ୍ୱର୍ଗ ଆମର ପିତା । ଆମେ ଏହି ଶାଶ୍ୱତ ଦମ୍ପତିଙ୍କର ସନ୍ତାନ ।'' ଏହି ଶାଶ୍ୱତ ଦମ୍ପତିଙ୍କର ପରିପୂର୍ଣ୍ଣ ଭାବେ ଓ ସାମଗ୍ରିକ ଭାବେ ସନ୍ତାନ ହୋଇ ଉଠିପାରିଲେ ମଣିଷ ଉପଦେବତା ହୋଇଯିବ- ଅନ୍ୟପ୍ରକାରେ କହିଲେ ଏଇ ମଣିଷ ହିଁ ହେବ ଅତିମାନବ ।

ଦିବ୍ୟଜୀବନ ଗ୍ରନ୍ଥରେ ଶ୍ରୀଅରବିନ୍ଦ କୁହନ୍ତି ''ମଣିଷ ନିଜେ ମଧ ଏକ ମନନଶୀଳ ଜୀବନ୍ତ ପରୀକ୍ଷାଗାର ହୋଇପାରେ- ଯାହା ଭିତରେ ଓ ଯାହାର ସଚେତନ ସହଯୋଗରେ ପ୍ରକୃତିଦେବୀ ଅତିମାନବ ବା ଦିବ୍ୟମାନବ ସୃଷ୍ଟି କରିବା ଲାଗି ସଂକଳ୍ପ କରିବେ ।''

(The Life Divine-p-6)

ଶ୍ରୀଅରବିନ୍ଦଙ୍କର ଅତିମାନବ ହେଲା ଦେବମାନବ । ଦିବ୍ ଧାତୁର ଅର୍ଥ କିରଣ ଦେବା । ଦିବ୍ୟ ଶବ୍ଦର ଅର୍ଥ ଯାହା ଆଲୋକ ଦ୍ୱାରା ଉଦ୍‌ଭାବିତ । ଅଗ୍ନିର ବୈଦିକ ରୂପ ହେଲା ଏକକାଳୀନ ଜ୍ୟୋତି ବିକିରଣ, ପ୍ରଜ୍ୱଳନ, ଉତ୍ତାପପ୍ରଦାନ, ନିରବଚ୍ଛିନ୍ନତା ଓ ଶୃଙ୍ଖଳା (ତପ) । ଯେତେବେଳେ ଦୁଇଟି ଯାକ ଗୁଣ ପୃଥକ ହୋଇଯାନ୍ତି- ସେତେବେଳେ ଆମେ ଏକ ଆଂଶିକ ସତ୍ୟ ପାଉ । ଶ୍ରୀଅରବିନ୍ଦଙ୍କ ଅତିମାନବ ଆଲୋକର ସତ୍ତା; କିନ୍ତୁ ଶକ୍ତିବିରହିତ ନୁହେଁ । ଦିବ୍ୟତା ପରିପୂର୍ଣ୍ଣ ହେଲେ ଏହା ଏକ ସଚେତନ ଶକ୍ତି ହୋଇଉଠେ । ସେ ଏପରି ଏକ

ଦେବତା, ଯିଏକି ଅନ୍ଧକାର ଶକ୍ତିର ଅଧିକାରୀ ଅସୁର ହାତରେ ପରାଜିତ ଓ ଲାଞ୍ଛିତ ହେବା ପରିବର୍ତ୍ତେ ସେମାନଙ୍କୁ ଆପଣାର ଆଲୋକିତ ଶକ୍ତିବଳରେ ହିଁ ଜୟ କରନ୍ତି । ଶ୍ରୀଅରବିନ୍ଦଙ୍କ ଦିବ୍ୟ ଅତିମାନବ ଏହି ସଂଘର୍ଷପୂର୍ଣ୍ଣ କୋଳାହଳମୟ ପୃଥିବୀକୁ ତ୍ୟାଗ କରି ଏକ ସ୍ୱର୍ଗୀୟ ପ୍ରଶାନ୍ତ ଶାଶ୍ୱତ ସ୍ଥିତିକୁ ପଳାୟନ କରନ୍ତି ନାହିଁ । ସେ ଅନ୍ଧକାର ସହିତ, ବିରୋଧୀଶକ୍ତି ସହିତ, ଅଜ୍ଞାନ ଓ ବିଶୃଙ୍ଖଳା ବିରୋଧରେ ସଂଗ୍ରାମ କରନ୍ତି ଏବଂ ସେମାନଙ୍କ ସ୍ଥାନରେ ଆଲୋକ, ମାଙ୍ଗଲ୍ୟ, ଜ୍ଞାନ ଓ ସୃଜନର ଆନନ୍ଦ ପ୍ରତିଷ୍ଠା କରନ୍ତି । ସେହି ଆଲୋକୋଜ୍ଜ୍ୱଳ ସତ୍ୟ ଭିତରେ ପ୍ରାଣଶକ୍ତି (ଅସୁ) ବିଜୟୀ ଉଦ୍ୟମ (ତପ) ଏବଂ ଜ୍ୟୋତି ପରିପୂର୍ଣ୍ଣଭାବେ ସଙ୍ଗତି ରକ୍ଷାକରି ଅବସ୍ଥିତ ହୁଏ ଓ କ୍ରିୟାଶୀଳ ହୁଏ- ତାକୁଇ ଶ୍ରୀଅରବିନ୍ଦ ଅତିମାନସ ସତ୍ୟ ଓ ଚେତନା ବୋଲି ଅଭିହିତ କରିଛନ୍ତି । ଶ୍ରୀଅରବିନ୍ଦ ଏହି ଅତିମାନସ ଶବ୍ଦ ସ୍ଥାନରେ ବୈଦିକ ''ବିଜ୍ଞାନ'' ଶବ୍ଦ ଓ ''ଅଧ୍ୟାତ୍ମ'' ଶବ୍ଦ ମଧ୍ୟ ବ୍ୟବହାର କରିଛନ୍ତି । ଏହି ଅତିମାନସ ଏକ ବିଶେଷ ଚେତନା ଓ ଏହା ମଧ୍ୟ ଏକ ବିଶେଷ ଶକ୍ତି । ଅତିମାନସ ଶକ୍ତି ସାଧାରଣ ମନ କ୍ଷେତ୍ରରେ- ଏପରିକି ଏହାର ଉଚ୍ଚତମ ଅଭିବ୍ୟକ୍ତିରେ ଯଥା ଊର୍ଦ୍ଧ୍ୱମାନସ, ଜ୍ୟୋତିମାନସ, ବୋଧିମାନସ ବା ପ୍ରବୁଦ୍ଧ ମାନସ ଏବଂ ଅଧିମାନସ କ୍ଷେତ୍ରରେ ମଧ୍ୟ ସ୍ୱତଃ କ୍ରିୟାଶୀଳ ହୁଏ ନାହିଁ ବା ସମ୍ପୂର୍ଣ୍ଣ ଭାବରେ ଅଜ୍ଞାନ ଓ ଅବିଦ୍ୟାରୁ ମୁକ୍ତ ରହିପାରେ ନାହିଁ । କାରଣ ଏହି ମିଶ୍ରିତ ଅବସ୍ଥା ହିଁ ଆମର କ୍ରମବିକାଶର ଭିତ୍ତିଭୂମି । ଅନ୍ୟପକ୍ଷରେ ''ଅତିମାନସ'' ଏପରି ଏକ ''ସତ୍ୟଚେତନା'' ଯାହାକି ସମ୍ପୂର୍ଣ୍ଣ ଭାବରେ ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନକୁ ଏକତ୍ର ଧରି ରଖିଥାଏ ଏବଂ ଏହି ଅତିମାନସ ଭିତରେ ''ସତ୍‌ସ୍ଥିତି''ର ଶକ୍ତି ମଧ୍ୟ ସ୍ୱାଭାବିକ ଭାବେ ନିହିତ ରହିଥାଏ ।

ଶ୍ରୀଅରବିନ୍ଦ ଏହାର କାରଣ ସ୍ୱରୂପ କୁହନ୍ତି- ''ଅତିମାନସର ପ୍ରକୃତି ହେଲା ସ୍ୱତଃ ଜ୍ଞାନମୟ । ଏହାହିଁ ସ୍ୱୟଂସିଦ୍ଧା ମହାବିଦ୍ୟା, ସେଥିପାଇଁ ପାର୍ଥିବ ମାନସ ଭଳି ଅତିମାନସକୁ ଜ୍ଞାନ ଆହରଣ କରିବାକୁ ପଡ଼େ ନାହିଁ । ଏହା ସ୍ୱୟଂ ସକଳ ଜ୍ଞାନର ଅଧିକାରୀ । ଏହାର ସୋପାନଗୁଡ଼ିକ ହେଲା- ସତ୍ୟରୁ ବୃହତ୍ତର ସତ୍ୟ ଆଡ଼କୁ, ସଠିକ ଦୃଷ୍ଟିରୁ ଗଭୀର ଦୃଷ୍ଟି ଆଡ଼କୁ, ବୋଧିରୁ ସମ୍ବୋଧି ଆଡ଼କୁ, ଆଲୋକରୁ ଉଜ୍ଜ୍ୱଳତମ ଓ ଅସୀମ ଜାଜ୍ୱଲ୍ୟମାନତାକୁ ।'' ଅତିମାନସ ହେଲା ମନ, ପ୍ରାଣ ଓ ଜଡ଼ର ଏକ ଊର୍ଦ୍ଧ୍ୱ ଅବସ୍ଥା । ବିଜ୍ଞାନ ଓ ଆନନ୍ଦର ସ୍ତରରେ ହିଁ ଏହାକୁ ଉପଲବ୍ଧି କରିହୁଏ । ଏହାବ୍ୟତୀତ ମଧ୍ୟ ଏହି ଜାଜ୍ୱଲ୍ୟମାନ ଜ୍ଞାନ ଯେଉଁ ସଂକଳ୍ପକୁ ଧରି ରଖିଥାଏ ଓ ନିଜ ସହିତ ସଂଲଗ୍ନ କରି ରଖିଥାଏ- ସେ ସଂକଳ୍ପ ହେଲା ସ୍ୱତଃସ୍ଫୂର୍ତ୍ତ ଭାବରେ ସଠିକ ଓ ପରମଶୃଜନଶୀଳ । ଅତିମାନସର ଜ୍ଞାନ ପରି ତା'ର ସଂକଳ୍ପ ବା ଇଚ୍ଛାଶକ୍ତି ମଧ୍ୟ ସର୍ବଦା ସତ୍ୟ ଉପରେ ଆଧାରିତ । ଫଳରେ ଏହା ଯେକୌଣସି ସିଦ୍ଧାନ୍ତ ନେବାବେଳେ କୌଣସି ପ୍ରକାର ଭ୍ରମ ପ୍ରମାଦରେ ପଡ଼ିଯାଏ ନାହିଁ । ଏହାଭିତରେ ଭାବାବେଗ ବା ଅନୁଭୂତିଗୁଡ଼ିକ ମଧ୍ୟ ସର୍ବଦା ଠିକ୍ ଓ ବାସ୍ତବତାର ଭିତ୍ତି ଉପରେ ସଂଚାରିତ ହୋଇଥାଏ । ଏହି ଭାବାବେଗ ବା ଅନୁଭୂତିସକଳ ଅହଂକାରର ସୀମା ଭିତରେ ଆବଦ୍ଧ ନଥାଏ ଏବଂ ସେଥିରେ ସାମାନ୍ୟତମ ଅଧିକାରବୋଧ ବା ପ୍ରତିପତ୍ତିର ବୋଧ ମଧ୍ୟ ନଥାଏ ।

ବିବର୍ତ୍ତନ ଓ ନିବର୍ତ୍ତନ (Evolution and involution)ର ନୀତି ହେଲା ଯାହା ଊର୍ଦ୍ଧ୍ୱରେ ଅଛି- ତାହା ମଧ୍ୟ ନିମ୍ନରେ ଅଛି । ଅଗ୍ରଗତି ଦୁଇ ପ୍ରକାର ହୋଇଥାଏ- ଆରୋହଣର ଗତି ଓ ଅବରୋହଣର ଗତି । ଯାହା କିଛି ବିବର୍ତ୍ତିତ ହେବାକୁ ଯାଉଛି, ତାହା ସେଠାରେ ବିବର୍ତ୍ତନ ଲାଗି ଆଗରୁ ପ୍ରସ୍ତୁତ ହୋଇରହିଛି, ତାହା ପ୍ରକୃତି ଭିତରେ ଗୁପ୍ତ ହୋଇ ରହିଛି । ଆରୋହଣ ହେଲା ଆତ୍ମାର ସ୍ୱତଃ ପ୍ରକାଶର ଧାରା । ଆବହମାନ କାଳରୁ ପ୍ରକୃତିଦେବୀ ଏହି ପ୍ରଚେଷ୍ଟା କରିଚାଲିଛନ୍ତି । ଏହି ପ୍ରାକୃତିକ ପ୍ରଚେଷ୍ଟାଟିକୁ ଯୋଗାଚାରୀ ମନୁଷ୍ୟ ସଚେତନ ଭାବରେ ତ୍ୱରାନ୍ୱିତ କରିପାରିବ ଓ ଏହି ଧାରାକୁ ଅବ୍ୟାହତ ରଖିପାରିବ । ଯେଉଁ ବ୍ୟକ୍ତି କ୍ରମବିକାଶଶୀଳ ହେବାର ପ୍ରଚେଷ୍ଟା କରୁଛି ସେ ଯଥାର୍ଥରେ ଈଶ୍ୱରଙ୍କର ବା ମା ପ୍ରକୃତିଦେବୀଙ୍କର କାର୍ଯ୍ୟରେ ଜଣେ ସହାୟକ ଓ ସହଯୋଗୀ ଭାବରେ ହିଁ ବିବେଚିତ ହୁଏ ।

ଊର୍ଦ୍ଧ୍ୱକୁ ଆରୋହଣ ନିମନ୍ତେ ଏପରି ଏକ ଶକ୍ତି ଆବଶ୍ୟକ ଯାହାକି ସମ୍ପୂର୍ଣ୍ଣ ଭାବରେ ସହାୟକ ହେବ । କିନ୍ତୁ ଏହି ଶକ୍ତି ଲାଭ କରିବା ପାଇଁ ମାନସିକ ଓ ପ୍ରାଣିକ ସଂକଳ୍ପ ଏକ ଅସମ୍ପୂର୍ଣ୍ଣ ଇଚ୍ଛାଶକ୍ତି । କାରଣ ମଣିଷର ମନ ଓ ପ୍ରାଣର ଶକ୍ତି ପର୍ଯ୍ୟାପ୍ତ ନୁହେଁ । ଯାହା ଊର୍ଦ୍ଧ୍ୱରେ ଅଛି- ତାକୁ ପ୍ରାପ୍ତ ହେବା ପାଇଁ ଊର୍ଦ୍ଧ୍ୱାରୋହଣ ବ୍ୟକ୍ତିକୁ ପ୍ରସ୍ତୁତ କରେ । ନୈତିକ ଓ ଆଧ୍ୟାତ୍ମିକ ରୂପାନ୍ତର ମଣିଷର ହାତପାହାନ୍ତାରେ ରହିଛି । ସେ ଊର୍ଦ୍ଧ୍ୱକୁ ଗତି କରି ସେହି ଶକ୍ତି ଅର୍ଜନ କରେ । ମାତ୍ର ଦେହ, ପ୍ରାଣ ଓ ମନ ପ୍ରକୃତିର ଅତିମାନସିକ ରୂପାନ୍ତର ପାଇଁ ଅତିମାନସ ଶକ୍ତି ଓ ଚେତାନକୁ ଊର୍ଦ୍ଧ୍ୱରୁ ନିମ୍ନକୁ ଅବତରଣ କରିବାକୁ ପଡ଼ିବ ।

ଶ୍ରୀଅରବିନ୍ଦଙ୍କ ଭାଷାରେ, ''ମଣିଷର ମନ ବିଶେଷତଃ ବୈଜ୍ଞାନିକ ମନ ଓ ବୁଦ୍ଧିବିଚାର ବିମର୍ଷ କରୁଥିବା ମନ ପକ୍ଷରେ ଏହି ଅଧ୍ୟାତ୍ମଦର୍ଶନକୁ ସ୍ୱୀକାର କରିବା କଷ୍ଟକର ହୁଏ । ଏହାର କାରଣ ହେଲା- ଅନେକଙ୍କର ଧାରଣା ହେଉଛି ଯେ ଆତ୍ମା ଏପରି କିଛି ବସ୍ତୁ ଯାହା ଆମର ଊର୍ଦ୍ଧ୍ୱରେ ରହିଛି- ପୃଥିବୀର ଊର୍ଦ୍ଧ୍ୱରେ ରହିଛି । ସେ କେବଳ ଊର୍ଦ୍ଧ୍ୱରୁ ନିମ୍ନକୁ

ଦୃଷ୍ଟିପାତ କରି ଆମକୁ ଚାହିଁରହିଛି ଏବଂ ଏହି ପାର୍ଥିବ ପ୍ରପଞ୍ଚକୁ ନିମ୍ନଭୂମିରୁ ତା' ସ୍ଥିତିର ଉଚ୍ଚତାକୁ ଆକର୍ଷଣ କରିଚାଲିଛି । ସେହି ଆତ୍ମା ମଣିଷର ଅନ୍ୟକୌଣସି ନିମ୍ନତର ସ୍ଥିତିକୁ ସ୍ୱୀକାର କରେନାହିଁ । ଆତ୍ମା ଯେ ସର୍ବବ୍ୟାପୀ ଓ ଆମ ଭିତରେ ମଧ୍ୟ ଗୁପ୍ତ ସତ୍ତାରୂପେ ବିଦ୍ୟମାନ- ଏକଥା ସେହି ବୁଦ୍ଧିସର୍ବସ୍ୱ ବ୍ୟକ୍ତିମାନେ ବିଶ୍ୱାସ କରନ୍ତି ନାହିଁ । ସମଗ୍ର ବିଶ୍ୱ ଯେ ଆତ୍ମାର ହିଁ ଅନ୍ୟ ଏକ ବ୍ୟକ୍ତରୂପ ଏହା ମଧ୍ୟ ସେମାନେ ବୁଝିପାରନ୍ତି ନାହିଁ ।''(The Life Divine-p-97)

ଶ୍ରୀଅରବିନ୍ଦଙ୍କ ମତରେ କ୍ରମବିକାଶ ହେଉଛି ଚେତନାର କ୍ରମବିକାଶ । କିନ୍ତୁ ଏହା ପ୍ରକୃତିଠାରୁ ବାହାରେ ନୁହେଁ- ଆକୃତି, ରୂପ ଓ ବ୍ୟକ୍ତିତ୍ୱଠାରୁ ମଧ୍ୟ ପୃଥକ ନୁହେଁ, ସମାଜର ବାହାରେ ନୁହେଁ; ଏହା ମଧ୍ୟ କାଳ ଓ ଇତିହାସର ବାହାରେ ନୁହେଁ । ଏହି ଚେତନାର କ୍ରମଉନ୍ମେଷ ଆମର ଏହି ପୃଥିବୀ ଓ ଏହି ସ୍ଥାନ, କାଳ ଓ ପାତ୍ର ଭିତରେ ସଂଘଠିତ ହୁଏ । ଏହାରି ଭିତରୁ ଅତିମାନସ ଚେତନାର ଅଭ୍ୟୁଦୟ ହୁଏ ଏବଂ ଅତିମାନସର ଯେ ଶକ୍ତି, ତାହା ସର୍ବବିଜୟୀ ଓ ସର୍ବଶୃଜନଶୀଳ ଅଟେ । କିନ୍ତୁ ଏହା କେବଳ ଏକ ଆଧ୍ୟାତ୍ମିକ ଆବଶ୍ୟକତା ନୁହେଁ, ଏହା ମଧ୍ୟ ସମଗ୍ର କ୍ରମବିକାଶ କର୍ମଧାରାର ଯୁକ୍ତିଯୁକ୍ତ ଚରମ ପରାକାଷ୍ଠା ଏମଂ ଏହି କ୍ରମବିକାଶର ଅନୁକ୍ରମରେ ଅତିମାନବର ଅଭ୍ୟୁଦୟ ଅବଶ୍ୟମ୍ଭାବୀ ।

ପ୍ରଚଳିତ କ୍ରମବିକାଶର ଶେଷ ଅଧ୍ୟାୟ (ସର୍ବଶେଷ ଅଧ୍ୟାୟ ନୁହେଁ) ଯାହାକୁ ଶ୍ରୀଅରବିନ୍ଦ ଅତିମାନସ ଅଧ୍ୟାୟ ବୋଲି କୁହନ୍ତି- ସେଥିରେ ମଣିଷର କୌଣସି ଏକ ଅନ୍ୱେଷଣକୁ ପ୍ରତ୍ୟାଖ୍ୟାନ କରାଯିବ ନାହିଁ- ଏପର୍ଯ୍ୟନ୍ତ ମାନବୀୟ ପ୍ରଜ୍ଞା ଓ ସାଧନା ବଳରେ ଯାହାକିଛି ଅର୍ଜନ କରାଯାଇଛି, ସେଗୁଡ଼ିକୁ ମଧ୍ୟ ବାତିଲ କରାଯିବ ନାହିଁ । ବରଂ ଅନ୍ୟପକ୍ଷରେ ମନୁଷ୍ୟ ଓ ପ୍ରକୃତି ଭିତରେ ଯେଉଁସବୁ ଶକ୍ତି ଓ ସମ୍ଭାବନା ଅବ୍ୟୟିତ ହୋଇଅଛି- ସେଗୁଡ଼ିକୁ ପରିପୂର୍ଣ୍ଣ ଭାବରେ ରୂପାୟିତ କରିବା ପାଇଁ ଅତିମାନସ ଚେତନା ସହାୟକ ହେବ । ଜୀବନର ପରିପୂର୍ଣ୍ଣତା କ୍ରମବିକାଶର ଲକ୍ଷ୍ୟ ହୋଇଥିବାରୁ ଭବିଷ୍ୟତରେ ଆଉ ଏକ ନୂତନ ଜୀବନର ବା ଅତିମାନବୀୟ ଜୀବନର ପ୍ରତିଷ୍ଠାର ସମ୍ଭାବନା ଏ ପୃଥିବୀପୃଷ୍ଠରେ ରହିଛି ।

ଶ୍ରୀଅରବିନ୍ଦଙ୍କ ଭାଷାରେ- ଜୀବନ ତା' ନିଜର ଶକ୍ତିର ବିକାଶ ଚାହେଁ ଏବଂ ସେହି ଶକ୍ତି ଦ୍ୱାରା ପ୍ରଭୁତ୍ୱ ମଧ୍ୟ ଚାହେଁ । ଜୀବନ ଚାହେଁ ଅଭିବୃଦ୍ଧି, କ୍ଷମତା, ବିଜୟ, ଅଧିକାର, ସନ୍ତୋଷ, ସୃଜନଆନନ୍ଦ, ପ୍ରେମ ଓ ସୌନ୍ଦର୍ଯ୍ୟ । ବଞ୍ଚିବାର ଆନନ୍ଦ କୋଉଠୁ ମିଳେ ? ବଞ୍ଚିବାର ଆନନ୍ଦ ମିଳେ ନିରବଚ୍ଛିନ୍ନ ଭାବେ ଆତ୍ମପ୍ରକାଶ କରିବାରେ- କ୍ରମଶଃ ବୃଦ୍ଧିପ୍ରାପ୍ତ ହେବାରେ ଏବଂ ନିଜକୁ ଅଫୁରନ୍ତ ଭାବେ ଶକ୍ତିଶାଳୀ ଓ ନିବିଡ଼ କରିବାରେ । ତେଣୁ ଜୀବନର ସବୁକିଛି ଅନ୍ୱେଷା- ସର୍ବବିଧ ଆତ୍ମପ୍ରକାଶକୁ ଅତିମାନସ ଶକ୍ତି ସହାୟତା କରିବ । ଏହି ଯେଉଁ ଅଧ୍ୟାତ୍ମ କ୍ରମବିକାଶର ଧାରା ଆସିବ- ତାହା ଜୀବନକୁ ତାର ଆତ୍ମବିକାଶର ଊର୍ଦ୍ଧ୍ୱ ସୀମା ପର୍ଯ୍ୟନ୍ତ ନେଇଯିବ । ଏହା କେବେ ମଣିଷକୁ ବ୍ୟକ୍ତିକେନ୍ଦ୍ରିକ, ଅହଂକାରୀ ଓ ସ୍ୱାର୍ଥପର ସୁଖସମ୍ଭୋଗର ଭୋକ୍ତା ହେବାକୁ ଦେବ ନାହିଁ ବା ଅନ୍ୟକୁ ଲୁଣ୍ଠନ ବା ଶୋଷଣ କରିବାକୁ ଅନୁମତି ଦେବ ନାହିଁ । ଅତିମାନସର ଶକ୍ତି ଆସିବ ଅତିମାନସୀୟ ଶକ୍ତିର କ୍ରିୟାଶୀଳତା ଭିତରୁ । ସେହି ଶକ୍ତିର ଉଜ୍ଜ୍ୱଳ ଅଭିବ୍ୟକ୍ତି ହେବ ''ପ୍ରେମ'' । ''ପ୍ରେମ'' ହେବ ଗୋଟିଏ ଆତ୍ମା ସହିତ ଆଉ ଏକ ଆତ୍ମାର ସଂସର୍ଗ, ମିଳନ ଓ ପରିଚୟ । ସେହି ପ୍ରେମ ଦୁଇ ସତ୍ତାକୁ ଏକ କରିଦିଏ- ଦୁହିଁଙ୍କୁ ଦିଏ ଆନନ୍ଦ ଓ ଶକ୍ତି, ନିକଟତମ ହେବାର ଉଲ୍ଲାସ, ଏକାତ୍ମ ହେବାର ହର୍ଷୋତ୍‌ଫୁଲ୍ଲତା ଏବଂ ବହୁ ଭାବରେ ଆତ୍ମପ୍ରକାଶର ପରିପୂର୍ଣ୍ଣ ଭାବ । ଏହି ଅତିମାନବତ୍ୱ କେବେବି ଅହଂକେନ୍ଦ୍ରିକ ହେବନାହିଁ ଏବଂ ମଣିଷ ଉପରେ କେବେବି ତାର ମାନସିକ, ବୌଦ୍ଧିକ ବା ପ୍ରାଣିକ ପ୍ରଭୁତ୍ୱ ବିସ୍ତାର କରିବ ନାହିଁ ଏବଂ ଅତିମାନସ ଶକ୍ତି ଓ ଚେତନା ଭିତରେ ଆବିର୍ଭୂତ ହେଇଥିବା ଅତିମାନବର ଆତ୍ମା ତା'ର ଯନ୍ତ୍ରଗୁଡ଼ିକର ରାସ୍ତା ଓ ପରିଚାଳକ ହେବ । ସେ ନିଜକୁ ଅଧିକାର କରିବ ଓ ଆତ୍ମଶକ୍ତିର ଜୀବନ ଉପରେ ପ୍ରଭାବ ବିସ୍ତାର କରିବ । ଏହି ଅତିମାନସ ଶକ୍ତି ଓ ଚେତନା ଭିତରେ ହିଁ ମଣିଷ ତା' ନିଜକୁ ଅତିକ୍ରମ କରିବାର ପ୍ରେରଣା, ଶକ୍ତି ଓ ସାମର୍ଥ୍ୟ ଲାଭ କରିବ । ଏହାରି ଭିତରୁ ମଧ୍ୟ ସେ ତାର ଆତ୍ମାର ପରିପୂର୍ଣ୍ଣ ଲାଭ କରିବ । ମଣିଷର ପ୍ରକୃତି ଭିତରେ ଭଗବାନ ଆତ୍ମପ୍ରକାଶ କରିବେ । ସେହି ଲକ୍ଷ୍ୟରେ ଅତିମାନସ ପରିଚାଳିତ ଅତିମାନବ କାର୍ଯ୍ୟ କରିଚାଲିବ ।

ଯେତେବେଳେ ପ୍ରକୃତି ଭିତରେ ଅତିମାନସ ନିଜକୁ ପ୍ରକାଶ କରିବ, ସେତେବେଳେ ଜୀବନ ତାର ସମସ୍ତ ବହୁବିଧତା ଓ ଐଶ୍ୱର୍ଯ୍ୟ ସହିତ ତାକୁ ଗ୍ରହଣ କରିବ ଏବଂ ତା' ସାହାଯ୍ୟରେ ନିଜକୁ ରୂପାନ୍ତରିତ କରିବ ଓ ସାରା ବିଶ୍ୱର ଦିବ୍ୟ ପରିବର୍ତ୍ତନ ଘଟାଇବ । ସେହି ରୂପାନ୍ତର ଯଦି ନ ଘଟେ, ତେବେ ମଣିଷ ଶରୀର, ତାର ପ୍ରାଣଶକ୍ତି, ତା'ର ସଂକଳ୍ପ ଶକ୍ତି, ତା'ର ମନ ଓ ବୁଦ୍ଧି ଦିବ୍ୟପ୍ରକୃତି ବା ପରାପ୍ରକୃତିକୁ ପ୍ରକାଶ କରିବେ କିପରି ? ତାର ପରା-ବିଜ୍ଞାନ ମଧ୍ୟ କିପରି ନିଜକୁ ପ୍ରକାଶ କରିବ ?

ଶ୍ରୀଅରବିନ୍ଦ ତାଙ୍କ ସାବିତ୍ରୀ ମହାକାବ୍ୟରେ କହୁଛନ୍ତି-

"When superman is born as Nature's king
His presence shall transfigure Matter's world:
He shall light up Truth's fire is Nature's night,
He shall lay upon the earth Truth's greater law;
Man too shall turn towards the Spirit's call."

(Savitri-p-708-709)

ଅର୍ଥାତ୍- ପ୍ରକୃତିର ରାଜା ରୂପେ ଜନ୍ମନେବେ ଯେତେବେଳେ ସେ ଅତିମାନବ/ତାଙ୍କ ଉପସ୍ଥିତି ବଳେ ରୂପାନ୍ତର ଘଟିବ ଏ ଜଡ଼ ପୃଥିବୀର/ପ୍ରକୃତିର ଅନ୍ଧକାର ରାତ୍ରିଗର୍ଭେ ସେ ଜାଳିବେ ସତ୍ୟର ଆଲୋକ/ସ୍ଥାପନ ସେ କରିବେ ଏଠାରେ ସତ୍ୟର ଯେ ବୃହତ୍ତର ନୀତି/ଆତ୍ମାର ଆହ୍ୱାନ ପ୍ରତି ଉନ୍ମୁଖ ହେବ ନିଶ୍ଚେ ମନୁଷ୍ୟର ଇଚ୍ଛା ଓ ସଂକଳ୍ପ ।

ଶ୍ରୀଅରବିନ୍ଦଙ୍କର କ୍ରମବିକାଶତତ୍ତ୍ୱର ମୂଳ ନୀତିଟି ହେଲା 'ଐକ୍ୟ ନୀତି' । ଯେତେବେଳେ ପ୍ରକୃତି ଭିତରେ ଏକ ଉଚ୍ଚତର ନୀତି, ସତ୍ୟ ଓ ଚେତନା ବିବର୍ତ୍ତିତ ହୁଏ ସେତେବେଳେ କେତେକ ନିଶ୍ଚିତ ପରିବର୍ତ୍ତନ ଘଟିବ ଏବଂ ପୂର୍ବରୁ ବିବର୍ତ୍ତିତ ହୋଇ ଆସିଥିବା ଆଙ୍ଗିକ ଓ ଅଭିବ୍ୟକ୍ତିର ମଧ୍ୟ ଏକ ବିରାଟ ପରିବର୍ତ୍ତନ ସହ ମଣିଷକୁ ଏକ ନୂତନ ପ୍ରକାରର ସମୁଚିତ ବ୍ୟବହାର ଦେଖାଇବାକୁ ପଡ଼ିବ ବା ଅତିମାନସ ପ୍ରଭାବ ସହିତ ନିଜକୁ ଖାପ ଖୁଆଇ ନେବାକୁ ପଡ଼ିବ । ତା'ଫଳରେ ନୂତନ ବିବର୍ତ୍ତନ ବେଳାରେ ସେମାନେ ବା ସେଗୁଡ଼ିକ ତା'ର ଉପଯୁକ୍ତ ଯନ୍ତ୍ର ହୋଇପାରିବ ।

ଶ୍ରୀଅରବିନ୍ଦ କହନ୍ତି, 'ଏକ ଆଲୋକିତ ମନ ବର୍ତ୍ତମାନର ଏହିସବୁ ବିଶୃଙ୍ଖଳ ପାର୍ଥିବ ମନରୁ ଉଦ୍‌ଭୁତ ଯାବତୀୟ ଅଜ୍ଞାନକୁ ଦୂରକରିବ । ଏପରି ମଧ୍ୟ ଘଟିପାରେ ଯେ- ବର୍ତ୍ତମାନର ମଣିଷମାନଙ୍କ ମଧ୍ୟରୁ ଯେଉଁମାନେ ସେଠାରେ ଉପନୀତ ହୋଇନପାରିବେ, ସେମାନେ ମଧ୍ୟ ଅତିମାନସ ରୂପାନ୍ତର ସମ୍ଭାବନା ସମ୍ବନ୍ଧରେ ଜାଣିଯିବେ ଏବଂ ସଚେତନ ଭାବରେ ସେଇଆଡ଼କୁ ଖୁବ୍ ଧୀରେ ଧୀରେ ଅଗ୍ରସର ହେବେ । ସମଗ୍ର ଭାବରେ ମଧ୍ୟ ମଣିଷର ଜୀବନ ଅଧିକ ଭାବେ ଜ୍ଞାନଦୀପ୍ତ ହୋଇଉଠିବ, ଊର୍ଦ୍ଧ୍ୱାୟିତ ହୋଇଉଠିବ, ସୁଶାସିତ ହେବ ଏବଂ ସଙ୍ଗତିପୂର୍ଣ୍ଣ ହେବ । ଏହି ଆଲୋକୋଜ୍ଜ୍ୱଳ ଅତିମାନସର ନୀତି ଓ କ୍ରିୟା ଫଳରେ ମଣିଷର ଜଡ଼ ଶରୀର, ଯାହାକି ବର୍ତ୍ତମାନ ଏତେ ଦୁର୍ବଳ ଶକ୍ତିହୀନ, ଅସ୍ୱଚ୍ଛ ଏବଂ ପଶୁର ଶରୀର ସହିତ ବହୁଭାବରେ ସମାନ ହୋଇରହିଛି- ତା' ଉପରେ ମଧ୍ୟ ଅତିମାନସର ଆଲୋକ କାର୍ଯ୍ୟ କରିବ ଏବଂ ତାହା ମଧ୍ୟ ଏକ ନୂତନ ସଙ୍ଗତିରେ ଅଧିକ ପରିପୂର୍ଣ୍ଣ ହୋଇଉଠିବ । ଏପରିକି, ମଣିଷ ଶରୀରର ଜୀବକୋଷଗୁଡ଼ିକ ମଧ୍ୟ ଦିବ୍ୟଆନନ୍ଦ ଅନୁଭବ କରିବେ ଏବଂ ସେହି ଜୀବକୋଷଗୁଡ଼ିକ ଭିତରେ ସ୍ୱର୍ଗୀୟ ଅଭୀପ୍ସା ଜାଗ୍ରତ ହେବା ଫଳରେ ମଣିଷର ଦୃଷ୍ଟି ଓ ଗତିପଥ ଆଉ ନିମ୍ନଆଡ଼କୁ ନହୋଇ ଊର୍ଦ୍ଧ୍ୱ ଦିଗରେ ପ୍ରସାରିତ ହେବ । ଦିବ୍ୟଜୀବନ ଗ୍ରନ୍ଥରେ ଓ ସାବିତ୍ରୀ ମହାକାବ୍ୟରେ ଶ୍ରୀଅରବିନ୍ଦ ଏକଥା ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି ।

ଶ୍ରୀଅରବିନ୍ଦ କୁହନ୍ତି, ଅତିମାନବର ଆଗମନ ସୁନିଶ୍ଚିତ । ଏହା ଈଶ୍ୱର ଓ ପ୍ରକୃତିଙ୍କର ଏକ ସୁଚିନ୍ତିତ ଓ ସୁଯୋଜିତ ସିଦ୍ଧାନ୍ତ । ଏହି ଯୋଜନାରେ ପ୍ରତ୍ୟେକ ବ୍ୟକ୍ତି ଭିତରେ ଅତିମାନବ ଅବସ୍ଥାରେ ଉପନୀତ ହେବାଲାଗି ଏକ ସମ୍ଭାବନା ରଖାଯାଇଛି । ଯେକୌଣସି ବ୍ୟକ୍ତି ସେ ଉଚ୍ଚକୁଳର ହେଉ ବା ନୀଚକୁଳର ହେଉ ସେ ତା'ର ଅଭିପ୍ସା ଓ ଉଦ୍ୟମ ଫଳରେ ଅତିମାନବ ହୋଇପାରିବ; ଅତିମାନବ କେବଳ ସାମନ୍ତ ଓ ଅଭିଜାତ ବଂଶରେ ଜନ୍ମହେବେ ଏପରି କଥା ନୁହେଁ । ବିବର୍ତ୍ତନର ସମୁଜ୍ଜ୍ୱଳ ନୀତି ଓ ଯୋଜନା ଅନୁସାରେ ସମଗ୍ର ମଣିଷ ଜାତିର ଜୀବନ କ୍ରମେ ଅଧିକ ଉଜ୍ଜ୍ୱଳ ହୋଇଉଠିବ ଓ ମଣିଷ ଜୀବନ ସ୍ୱତଃ ଊର୍ଦ୍ଧ୍ୱାୟିତ ହେବାକୁ ବାଧ୍ୟହେବ । ଦିବ୍ୟନୀତି ଦ୍ୱାରା ଶାସିତ ମଣିଷର ଜୀବନ ହେବ ସୁସଙ୍ଗତିପୂର୍ଣ୍ଣ । ଅତିମାନବ କେବଳ ବ୍ୟକ୍ତିଗତ ଭାବରେ ଏକ ମୁକ୍ତମାନବ ହେବନାହିଁ, ସେ ଏକ ମୁକ୍ତ ସମାଜର ଅଧିବାସୀ ମଧ୍ୟ ହେବ । ସମସ୍ତଙ୍କ ପ୍ରତି ତା'ର ରହିବ ଅନୁକମ୍ପା, କରୁଣା ଓ ସହାନୁଭୂତି ଓ ଅନ୍ତରର ଗଭୀର ବୁଝାମଣା । ତା'ର ଅତିମାନସିକ ଜ୍ଞାନ ଫଳରେ ସେ ପ୍ରକୃତିର ଯାବତୀୟ ବସ୍ତୁ ଓ ପ୍ରାଣୀ ସହିତ ମଧ୍ୟ ଚୈତିକ ସମ୍ପର୍କ ରଖିପାରିବ । ତା'ର ଅତିମାନସିକ ଶକ୍ତି ଓ ପ୍ରେମ ତାକୁ ସମସ୍ତଙ୍କ ସହିତ ଏକାତ୍ମ ହେବାରେ ମଧ୍ୟ ସାହାଯ୍ୟ କରିବ । ଏହିପରି ଭାବରେ ସେ ବିଶ୍ୱ ସହିତ ଏକ ଦିବ୍ୟସମ୍ବନ୍ଧ ସ୍ଥାପନ କରିପାରିବ ।

The Life Divine (ଦିବ୍ୟଜୀବନ) ଗ୍ରନ୍ଥର ପ୍ରଥମ ଭାଗରେ ଶ୍ରୀଅରବିନ୍ଦ ଗୋଟିଏ ସିଦ୍ଧାନ୍ତ ଦେଇଛନ୍ତି- ''ଅସ୍ତିତ୍ୱ (ମଣିଷ ଜୀବନ)ର ସମସ୍ତ ସମସ୍ୟା ହେଲା ସଙ୍ଗତିର ସମସ୍ୟା ।''

(The Life Divine-p-4)

ଆମର ନୈତିକତାର ସମସ୍ୟା ମଧ୍ୟ ଆମ ଅସ୍ତିତ୍ୱର ଏକ ମୌଳିକ ସମସ୍ୟା । ଏହାର ସମାଧାନ ରହିଛି କେବଳ ଜୀବନର ସଙ୍ଗତିକରଣ ଉପରେ । ସଙ୍ଗତି କ'ଣ ? ସଙ୍ଗତି ହେଲା- ସଙ୍ଗୀତରେ ବିଭିନ୍ନ ପ୍ରକାର ଧ୍ୱନନ କ୍ରିୟାର ସ୍ୱର ସନ୍ତୁଳନ ବା ଐକ୍ୟସାଧନ । ବିଭିନ୍ନ ପ୍ରକାର ଉପାଦାନ ମିଶି ଏକ ଜଟିଳ ସାମଗ୍ରିକତା ସୃଷ୍ଟି କରିବା ହେଲା

ସଙ୍ଗତି । ଏହି ସାମଗ୍ରିକତା ମଧ୍ୟ ଏକ ଅବ୍ୟବସ୍ଥିତ ସମଷ୍ଟି ନୁହେଁ । ଯାହା ଭିତରେ ଉପାଦାନଗୁଡ଼ିକ ସେମାନଙ୍କର ସ୍ୱାତନ୍ତ୍ର୍ୟ ହରାଇଥାନ୍ତି । ପ୍ରତିଟି ଉପାଦାନଙ୍କୁ ତା' ନିଜ ଭିତରେ ପରିପୂର୍ଣ୍ଣ ହେବାକୁ ହେବ । କୌଣସି ପ୍ରକାର ତାଳଭଙ୍ଗ ବା ସ୍ୱରଭଙ୍ଗ ନକରି ଉପାଦାନମାନେ ପରସ୍ପର ସହିତ ମିଶି ଐକ୍ୟତାନ ସୃଷ୍ଟି କରିବା ହେଲା ପ୍ରକୃତ ସଙ୍ଗତି । ଦୁଇଟିର ସମାନ ଆବଶ୍ୟକତା ରହିଛି- ବ୍ୟକ୍ତିର ପରିପୂର୍ଣ୍ଣତା ଓ ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ସମାଜ ବା ଅନୁଷ୍ଠାନର ପରିପୂର୍ଣ୍ଣତା । ଶ୍ରୀଅରବିନ୍ଦଙ୍କ ଅତିମାନବ ନିଜକୁ ସ୍ୱୟଂସମ୍ପୂର୍ଣ୍ଣ ମନେକରେ ନାହିଁ । ସେ ମଧ୍ୟ ଏପରି ଏକ ମହାନ୍ ସମୁନ୍ନତ ଅହଂବିଧୃତ ଆତ୍ମା ନୁହେଁ, ଯେକି ଏକାକୀ ଗୋଟାଏ ନଭଃସ୍ପର୍ଶୀ ଉଚ୍ଚତା ଉପରେ ଉପବେଶନ କରି ତା'ର ନିମ୍ନଭାଗରେ ଥିବା ସମସ୍ତଙ୍କ ଉପରେ ପ୍ରଭୁତ୍ୱ ଜାହିର କରୁଛି ଏବଂ ତା'ର ଏହି ମହାନ୍‌ଗୌରବକୁ ଏକା ଏକା ଉପଭୋଗ କରୁଛି । ଶକ୍ତିମାନ ହେବାର ଦୃଢ଼ ସଂକଳ୍ପ ଓ ଅତିମାନବର ଉଚ୍ଚାକାଂକ୍ଷା ହେତୁ ସେ ଯେତେବେଳେ ଯାହା ଇଚ୍ଛା କରୁଛି, ତାହା ପାଉଛି ।

ଶ୍ରୀଅରବିନ୍ଦଙ୍କ ଅତିମାନସିକ ମଣିଷ ବା ଅତିମାନବ ଏକ ସୁସଙ୍ଗତିପୂର୍ଣ୍ଣ ଐକ୍ୟ ନିଜ ଜୀବନରେ ପ୍ରତିଷ୍ଠା କରେ ଏବଂ ସମଷ୍ଟିଗତ ଜୀବନର ମଧ୍ୟ ପ୍ରତିଷ୍ଠା କରେ । ଏହି ସୁସଙ୍ଗତି ଓ ଐକ୍ୟ ନିମ୍ନସ୍ତରରେ ରହିଥିବା ବସ୍ତୁ ଓ ପ୍ରାଣୀମାନଙ୍କ ଭିତରକୁ ମଧ୍ୟ ସେ ଆଣିପାରେ । ତା' ନିଜ ଜୀବନ ଓ ତା' ନିଜସ୍ୱ ପୃଥିବୀକୁ ସେ ଗୋଟିଏ ସୁନ୍ଦର କଳାକୃତି ରୂପେ ଗଢ଼ି ତୋଳେ ।

ଶ୍ରୀଅରବିନ୍ଦଙ୍କ ଭାଷାରେ- ''ସେହି ଅତିମାନବ ତା' ସମାଜର ପ୍ରତିଟି ବ୍ୟକ୍ତିଙ୍କୁ ଗ୍ରହଣ କରିବ ତା' ନିଜର ଆତ୍ମା ବା ଆତ୍ମୀୟ ରୂପେ । ଚେତନାରୁ ଉଦ୍‌ଭୂତ ପ୍ରତିଟି ମାର୍ଗ ଓ ଶକ୍ତି ତାକୁ ମନେହେବ, ତାହା ସେତିକି ତା'ର ବିଶ୍ୱଜୀବନ ଉପଲବ୍ଧି ! ଅତିମାନସ ପରିଚାଳିତ ଅତିମାନବ ବିଶ୍ୱ ସମ୍ପର୍କରେ ସାର୍ବଜନୀନ ହେଲେ ବି, ବିଶ୍ୱର ନିମ୍ନତର ଶକ୍ତିମାନଙ୍କ ପାଖେ ସେ କେବେ ବଶ୍ୟତା ସ୍ୱୀକାର କରିବ ନାହିଁ । ସେ ତାର ଉଚ୍ଚତମ ସତ୍ୟ ଚେତନାରୁ କେବେ ବି ବିଚ୍ୟୁତ ହେବନାହିଁ । ସେ ନିଜ ଭିତରେ କେବେ ବି କୌଣସି ପ୍ରକାର ଅବ୍ୟବସ୍ଥିତ ପରିସ୍ଥିତି ସୃଷ୍ଟି କରିବ ନାହିଁ, ସଂଘର୍ଷମୟ ପରିସ୍ଥିତି ସୃଷ୍ଟି କରିବନାହିଁ କି କେବେ ବି କ୍ଷେତ୍ରଚ୍ୟୁତ ହେବନାହିଁ । ସାମଗ୍ରିକ ସଙ୍ଗତି ସୃଷ୍ଟି କରିଥିବା ବିଭିନ୍ନ ସଙ୍ଗତିଗୁଡ଼ିକୁ ମଧ୍ୟ ସେ କେବେ ବି ବିରୂପ କରିଦେବ ନାହିଁ ।

ଅମଙ୍ଗଳ ଓ ଆପେକ୍ଷିକ ମଙ୍ଗଳ (ମନ୍ଦ ଓ ଆପେକ୍ଷିକ ଭଲ) ହେଲେ ନିମ୍ନତର ଶକ୍ତି ଉଚ୍ଚତମ ସତ୍ୟର ବିପକ୍ଷ । ଏହି ଅମଙ୍ଗଳ ଓ ଆପେକ୍ଷିକ ମଙ୍ଗଳ ସାମଗ୍ରିକ ସଙ୍ଗତିରେ ବିଭ୍ରାଟ ସୃଷ୍ଟି କରନ୍ତି । ସେମାନେ ମଧ୍ୟ ସବୁକଥାରେ ବାଡ଼ ପକାଇ ଦିଅନ୍ତି- ସଂଘର୍ଷ ଓ ଅବ୍ୟବସ୍ଥା ସୃଷ୍ଟି କରନ୍ତି । ତେଣୁ ଅତିମାନବର ଜୀବନରେ ସେ ସବୁର ସ୍ଥାନ ନାହିଁ । ଜଣେ ଯେତେକାଳ ପର୍ଯ୍ୟନ୍ତ ମନ ବୁଦ୍ଧି ଉପରେ ନିର୍ଭର କରି ବଞ୍ଚୁଥାଏ ସେତେବେଳ ପର୍ଯ୍ୟନ୍ତ ନୀତିବାଦୀ ଲୋକଟି ପ୍ରେମ, ନ୍ୟାୟ, ସତ୍ୟ, ସଦ୍‌ଗୁଣ ଏବଂ ସତତା ପ୍ରଭୃତି ସମ୍ବନ୍ଧେ ଅସଂଖ୍ୟ ପରସ୍ପର ବିରୋଧୀ ନୀତି ବା ନିୟମ ସହିତ ବହୁ କଷ୍ଟରେ ସନ୍ଧି କରିଚାଲିଥାଏ ଓ ବଞ୍ଚୁଥାଏ । 'ପର' ପାଇଁ ଏହି ନୀତିଗୁଡ଼ିକର ଆବଶ୍ୟକତା ଅଛି- ଯଦିଓ ଏହି ପର ଶତ୍ରୁ ନୁହେଁ, ତଥାପି ତୁମଠାରୁ ସେ ପୃଥକ, ସେ ଅନ୍ୟ ଜଣେ । ତେଣୁ ତା' ସହିତ ସମ୍ପର୍କ ବା ସମ୍ବନ୍ଧ ଥାପିବାକୁ ହେଲେ ଉଭୟଙ୍କ ଭିତରେ ଉଭୟଙ୍କ ରାଜିନାମାରେ ନିର୍ଦ୍ଧାରିତ ହୋଇଥିବା ଓ ମାନସିକ ପଦ୍ଧତିରେ ସ୍ଥିର ହୋଇଥିବା କେତେକ ନୀତି ବା ସର୍ତ୍ତ ମାନିବାକୁ ହୁଏ । କିନ୍ତୁ ଏହି 'ଅନ୍ୟଜଣ'କୁ ଯେବେ ଆମେ ଦେଖିପାରୁ ମାନସିକ ଦୃଷ୍ଟିରେ ନୁହଁ- ଅତିମାନସିକ ଦୃଷ୍ଟିରେ ଦେଖିପାରୁ, ସେତେବେଳେ ସେହି ''ଅନ୍ୟଜଣକ'' ଆଉ 'ପର' ହୋଇ ରହେନାହିଁ, ନିଜର ହୋଇଯାଏ । ତେଣୁ ତା' ସହିତ ସମ୍ପର୍କ ସ୍ୱତଃ ଠିକ୍‌ଭାବେ ହୋଇଥାଏ, ମଙ୍ଗଳମୟ ହୋଇଥାଏ । ଆମର ସ୍ମରଣ ରଖିବାକୁ ଅଛି ଯେ- ଅତିମାନସିକ ଆତ୍ମା ହେଉଛନ୍ତି ପରିପୂର୍ଣ୍ଣ ଐକ୍ୟ ବା ସଂହତିର ଆତ୍ମା ।

ଶ୍ରୀଅରବିନ୍ଦଙ୍କ ଭାଷାରେ, ''ଯଦି ଅନ୍ୟମାନଙ୍କ ସହିତ ଓ ସତ୍ୟ ସହିତ ଜଣକର ଏକାତ୍ମତା ଆସିଯାଇଛି- ତେବେ ବୁଝିବାକୁ ହେବ ଯେ, ତା'ର ବ୍ୟକ୍ତିତ୍ୱ ଆଧ୍ୟାତ୍ମିକ ଉପଲବ୍ଧିର ସାରବସ୍ତୁରେ ଗଠିତ ବା ବର୍ଦ୍ଧିତ ହୋଇଛି, ତା ପାଇଁ ପ୍ରେମ ଓ ସତ୍ୟ ଲାଗି କୌଣସି ମାନସିକ ନୈତିକ ନିୟମ ରହିବା ଆବଶ୍ୟକ ନାହିଁ । ... ଯେଉଁଠି ସବୁକଥା ଆତ୍ମାର ସତ୍ୟ ଦ୍ୱାରା ନିର୍ଦ୍ଧାରିତ ବା ଚେତନାର ସତ୍ୟ ଦ୍ୱାରା ପରିଚାଳିତ, ସେଠି ସାର୍ବଜନୀନ କୌଣସି ନୈତିକ ଆଦର୍ଶ ବା ମାନ ରହିବା ଉଚିତ ନୁହେଁ ବା ସେ ସବୁକୁ ପାଳନ କରିବା ଲାଗି କୌଣସି ବାଧ୍ୟବାଧକତା ରହିବା ମଧ୍ୟ ଉଚିତ ନୁହେଁ । ସେଠାରେ ମଧ୍ୟ କୌଣସି ସାମାଜିକ ଆଦର୍ଶ ବା ସଦ୍‌ଗୁଣ, କୃତିତ୍ୱ ବା ଯୋଗ୍ୟତା ବିଚାରର ପ୍ରଶ୍ନ ଉଠିନପାରେ । ସେପରି ବ୍ୟକ୍ତିତ୍ୱରେ କୌଣସି ପାପ ବା ଅମଙ୍ଗଳର ପ୍ରେରଣା ରହିନପାରେ । ପ୍ରେମ, ସତ୍ୟ ଓ ମଙ୍ଗଳର ଶକ୍ତି ସେ ବ୍ୟକ୍ତିତ୍ୱରେ ସକ୍ରିୟ ହୋଇଥାଏ । କିନ୍ତୁ ଏହା ମାନସିକ ବିଚାର ଦ୍ୱାରା ଗଠିତ ହୋଇନଥାଏ । ବରଂ ଏହା ସେହି ବ୍ୟକ୍ତିର ପ୍ରକୃତିରେ ଏକ ମୌଳିକ ଉପାଦାନ ରୂପେ ସ୍ୱତଃ ବିଦ୍ୟମାନ ଥାଏ ଏବଂ ବ୍ୟକ୍ତି ଯେହେତୁ ନିଜ ଭିତରେ ସଙ୍ଗତି ପ୍ରତିଷ୍ଠା କରିଥାଏ- ସେଥିପାଇଁ ତା'ର ସମସ୍ତ

କର୍ମ ଓ ଚିନ୍ତା ଭିତରେ ଆଦୌ କୌଣସି ପ୍ରକାର ବିଶୃଙ୍ଖଳା ବା ଅଧଃପତନର ପ୍ରଚୋଦନା ନଥାଏ ।

ଏହିପରି ବ୍ୟକ୍ତିମାନଙ୍କ ପକ୍ଷରେ ଠିକ୍ କର୍ମ ବା ଉଚିତ କର୍ମଟିଏ କରିବା ଆଉ ନୈତିକ ଆଦର୍ଶ ହୋଇ ରହେନାହିଁ । ଏହା ପରମ ମଙ୍ଗଳକୁ ବାସ୍ତବ କ୍ଷେତ୍ରରେ ପ୍ରକାଶ କରିବା ପାଇଁ ଏକ ସ୍ୱତଃ ପ୍ରବୃତ୍ତ କ୍ରିୟା ହୋଇଉଠେ । ''ପରୋପକାର'' ଆଉ ଏକ ମାନସପ୍ରସୂତ ଧାର୍ମିକ ବା ଦାର୍ଶନିକ ଧାରଣା ହୋଇ ରହେନାହିଁ । ଅତିମାନବ ପାଇଁ ଏହାର ଆବଶ୍ୟକତା ନାହିଁ । ସେ ସମସ୍ତଙ୍କ ସହିତ, ବିଶ୍ୱ ସହିତ ନିୟତ ଏକାତ୍ମ ହୋଇ ରହିଥାଏ । ତେଣୁ ତା' ନିଜ ପାଇଁ ଓ ଅନ୍ୟପାଇଁ ମଙ୍ଗଳ କର୍ମ ଦୁଇଟା ପୃଥକ କର୍ମ ହୋଇ ରହେନାହିଁ । ସେ ଯେତେବେଳେ ଅନ୍ୟମାନଙ୍କର ମଙ୍ଗଳବିଧାନ କରୁଥାଏ, ସେତେବେଳେ ସେ ନିଜେ ଅନ୍ୟମାନଙ୍କଠାରୁ ପୃଥକ ନଥାଏ । ତଦ୍ୱାରା ସେ ନିଜର ଆତ୍ମସ୍ଫୂର୍ତ୍ତି ମଧ୍ୟ ଅନୁଭବ କରେ । ନିଜ ଭିତରେ ଓ ଅନ୍ୟ ଭିତରେ ସେ ସେହି ପରମ 'ଏକ'କୁ ଉପଲବ୍ଧି କରୁଥାଏ ।

ସାଧାରଣତଃ ଆମର ଦୈନନ୍ଦିନ ଜୀବନରେ ଦେଖାଯାଏ ଯେ ଯୋଉ କର୍ମରେ ମୁଁ ନିଜେ ଓ ଅନ୍ୟମାନେ ସଂପୃକ୍ତି ଥାନ୍ତି- ସେଗୁଡ଼ିକ ହୁଏତ ମୋର ଅହଂଗତ ପ୍ରବୃତ୍ତିମାନଙ୍କ ଦ୍ୱାରା ପରିବୃତ୍ତ ହୋଇ କ୍ରିୟାଶୀଳ ହେଉଛି କିମ୍ବା ତା'ର ବିପରୀତ କୌଣସି ନୈତିକ ଆଦର୍ଶର ସୀମା ଭିତରେ କ୍ରିୟାଶୀଳ ହେଉଛି । ଏଥିରୁ ଜଣାଯାଏ ଯେ ଏଇସବୁ କର୍ମଠ ସଂକଳ୍ପଗୁଡ଼ିକ ମଣିଷର ଆନ୍ଦୋଳିତ ଅଜ୍ଞାନ ଭିତରୁ ଜାତ ହୋଇଥାଏ ବା ଖୁବ୍ ବେଶୀ ହେଲେ ଅର୍ଦ୍ଧ-ଜ୍ଞାନରୁ ଜାତ ହୋଇଥାଏ । ଏପରି କ୍ଷେତ୍ରରେ ଜଣେ ନିଜ କର୍ମର ଶ୍ରେୟତା ଓ ପ୍ରେୟତା ସମ୍ବନ୍ଧରେ ନିଶ୍ଚିନ୍ତ ହୋଇପାରେ ନାହିଁ । କିନ୍ତୁ ଅତିମାନସିକ କର୍ମରେ କର୍ମସ୍ପୃହା ବା କର୍ମସଂକଳ୍ପ ଆସେ ସମୁଜ୍ଜ୍ୱଳ ଜ୍ଞାନର ଉତ୍ସାରଣ ଭିତରୁ । ଅତିମାନବ ଜାଣେ- କ'ଣ ସଂକଳ୍ପ କରିବାକୁ ହେବ । କାରଣ ଅତିମାନବ ଚିତ-ଶକ୍ତିର ଅଧିକାରୀ, ତା' ଭିତରେ ବିଶ୍ୱଜୀବନ ଚେତନାଶକ୍ତି କ୍ରିୟାଶୀଳ ହେଉଥାଏ ଏବଂ ସେ ମଧ୍ୟ ସେହି ଶକ୍ତିର ଯନ୍ତ୍ର ହୋଇଥାଏ ।

ଶ୍ରୀଅରବିନ୍ଦଙ୍କ ଅତିମାନବଠାରେ ପ୍ରଚଳିତ ନୈତିକ ମୂଲ୍ୟବୋଧଗୁଡ଼ିକର ପୁନଃ ମୂଲ୍ୟାୟନ ହୁଏ । ଏହା ପ୍ରକାଶ ପାଏ ସଙ୍ଗତିକରଣ ଭିତରେ । ଜ୍ଞାନ, ସଂକଳ୍ପ ଓ ଶକ୍ତି ବା କ୍ଷମତାର ସଙ୍ଗତିକରଣ ଭିତରେ ଶାଶ୍ୱତ ନୈତିକତାର ବୋଧ ସ୍ୱତଃ ଜାଗିଉଠେ । ଆଉ ମଧ୍ୟ ବ୍ୟକ୍ତି, ସମାଜ ଓ ସେହି ପରମ ଏକଙ୍କ ଭିତରେ ଏକ ସଙ୍ଗତି ଆସେ । ଅସ୍ତିତ୍ୱର ସ୍ୱାଭାବିକ ନୀତି ହେଲା ଏହି ସଙ୍ଗତି । ପ୍ରାଚୀନ ନୀତି ଶାସ୍ତ୍ର ମଣିଷ ପାଖରେ ଯେଉଁ ଅପାର୍ଥିବ ବା ଅତିପାର୍ଥିବ ସମାଧାନ ସବୁ ରଖିଥିଲା ଶ୍ରୀଅରବିନ୍ଦ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏଇ ଇହକାଳରେ ଓ ପୃଥିବୀପୃଷ୍ଠରେ ଆମେ ଯେଉଁ ଜୀବନ ବଞ୍ଚୁଛୁ- ତା'ରି ଭିତରେ ହିଁ ଆମକୁ ସବୁ ଯୁଦ୍ଧ ଲଢ଼ିବାକୁ ହେବ ଏବଂ ସବୁପ୍ରକାର ବିଜୟ ମଧ୍ୟ ହାସଲ କରିବାକୁ ହେବ । ଶ୍ରୀଅରବିନ୍ଦ କୁହନ୍ତି, ଶେଷ ବିଜୟ ଉପରେ ଆମକୁ ବିଶ୍ୱାସ ରଖିବାକୁ ହେବ । ଜୀବନର ଯାହା କିଛି ବର୍ତ୍ତମାନ 'ଭଲ'କୁ ବା 'ଶ୍ରେୟ'କୁ ବିରୋଧ କରୁଛି ବୋଲି ମନେ ହେଉଛି ସେଗୁଡ଼ିକୁ ପରିତ୍ୟାଗ କରି ଆମେ ଆଗକୁ ଯାଇପାରିବା ନାହିଁ; କିନ୍ତୁ ସେଗୁଡ଼ିକର ଦିବ୍ୟ ରୂପାନ୍ତର ଘଟାଇ ଆମକୁ ସବୁକିଛିକୁ ଧରି ଅଗ୍ରସର ହେବାକୁ ହେବ । ଏହି ନୀତି ଚରମ ବିପରୀତ ବସ୍ତୁ ବା ବିଷୟ ପ୍ରତି ମଧ୍ୟ ପ୍ରଯୁଜ୍ୟ । ଏକ ଅତିମାନସିକ ଚେତନାସମ୍ଭୂତ ସଙ୍ଗତି ଭିତରେ ସେଇ ବିପରୀତ ଗୁଡ଼ିକୁ ସମାହିତ କରିବାକୁ ପଡ଼ିବ । ଜୀବନର ନିମ୍ନ ଭୂମିରେ ପ୍ରାଣ, ମନ ଓ ଦେହ ସ୍ତରରେ ଆମେ ସବୁକିଛିର ବିପରୀତଗୁଡ଼ିକୁ ଭେଟୁ କିନ୍ତୁ ଆତ୍ମାର ସ୍ତରରେ ବା ଅତିମାନସ ଚେତନାରେ ଆଉ ବିପରୀତବୋଧ ରହେନାହିଁ । ଉଦାହରଣସ୍ୱରୂପ, ଦେହ ବା ପ୍ରାଣସ୍ତରରେ କ୍ରୋଧ ଅତିମାନସ ଚେତନାରେ ଏକ ପ୍ରଶାନ୍ତ ରୌଦ୍ର ଭାବରେ ରୂପାନ୍ତରିତ ହୋଇଯାଏ । ଦେହ ବା ପ୍ରାଣସ୍ତରର କାମ ବା ଯୌନବାସନା ଅତିମାନସ ଚେତନାରେ ଏକ ସମର୍ପଣମୟ ମହାନନ୍ଦ ଓ ଆହ୍ଲାଦନୀୟ ପ୍ରେମ ଭାବରେ ରୂପାନ୍ତରିତ ହୋଇଯାଏ ଓ ଅତିମାନସ ଚେତନାରେ ନିମ୍ନସ୍ତରର ମିଥ୍ୟା ଊର୍ଦ୍ଧ୍ୱସ୍ତରର ସତ୍ୟ ଜ୍ୟୋତିର ପ୍ରତିଫଳନରେ ଆଲୋକମୟ ହୋଇଯାଏ ।

କେବଳ ଏତିକିରେ ନୁହଁ- ଅତିମାନସ ଚେତନାରେ ଉଦ୍‌ବୁଦ୍ଧ ଅତିମାନବ ସବୁକିଛି ବିପରୀତ ଧାରଣା ଭିତରେ ବିରୋଧ ଦେଖେନାହିଁ; ବିରୋଧାଭାସ ହିଁ ଦେଖିଥାଏ । କିନ୍ତୁ ଏହି ପ୍ରତୀୟମାନ ବିରୋଧ ପଛରେ ସେ ଏକ ନିର୍ବିରୋଧ ସତ୍ୟର ସମର୍ଥନ ମଧ୍ୟ ଦେଖିବାକୁ ପାଏ ।

ଶ୍ରୀଅରବିନ୍ଦଙ୍କ ଭାଷାରେ, ଊର୍ଦ୍ଧ୍ୱସ୍ତରୀୟ ପ୍ରକୃତି ଓ ବିଚାରବୁଦ୍ଧି ଦ୍ୱାରା ପରିଚାଳିତ ଏକ ଆଧ୍ୟାତ୍ମିକ ସଚେତନ ମନୁଷ୍ୟସମାଜ ପ୍ରତିଷ୍ଠିତ ହେବ ଏବଂ ସେମାନଙ୍କ ଭିତରେ ପ୍ରକୃତିର ଦିବ୍ୟରୂପାନ୍ତର ଘଟିବ । ଯେତେବେଳେ ଏହି ଧରଣର ସଙ୍ଗତି ପ୍ରତିଷ୍ଠିତ ହୋଇପାରିବ, ସେତେବେଳେ ସମସ୍ତ ପ୍ରକାର ମାନବୀୟ ମୂଲ୍ୟବୋଧ ଗୁଡ଼ିକର ମଧ୍ୟ ପୁନର୍ମୂଲ୍ୟାୟନ ହେବ । ମଣିଷ ବୃହତ୍ତର ବିଚାରବୁଦ୍ଧି ଦ୍ୱାରା ପ୍ରକୃତ ମଙ୍ଗଳ ବା ଭଲର ନିରୂପଣ ହୋଇପାରିବ ଏବଂ ଏହି ଅତିମାନସିକ ମାଙ୍ଗଲ୍ୟ ଜୀବନର ସର୍ବଫଳପ୍ରଦ ନୀତି ହୋଇଉଠିବ ।

ଶ୍ରୀଅରବିନ୍ଦଙ୍କର ଅତିମାନବ ହେଉଛି ଏକ ଦିବ୍ୟମଣିଷ ଯାହାର

ପ୍ରକୃତିର ଦିବ୍ୟରୂପାନ୍ତର ଘଟିଛି । ସେ ଅତିମାନସ ଚେତନାରେ ବଞ୍ଚେ ଓ ବିକଶିତ ହୁଏ । ମନୁଷ୍ୟକୁ ନିଜର କ୍ରୀଡ଼ାନକ ରୂପେ ବ୍ୟବହାର କରୁଥିବା ନିୟତିର ନିର୍ମମ ଅନ୍ଧଶାସନରୁ ନିଜକୁ ମୁକ୍ତ ଅନ୍ତରାତ୍ମାର ନିର୍ଦ୍ଦେଶରେ ଜୀବନ ଅତିବାହିତ କରେ । ତା'ର ଜୀବନ ହୁଏ ସ୍ୱଚ୍ଛନ୍ଦ, ସରଳ, ସହଜ, ଆନନ୍ଦପୂର୍ଣ୍ଣ, ଦ୍ୱନ୍ଦ୍ୱରହିତ, ଊର୍ଦ୍ଧ୍ୱମୁଖୀ ଓ ନିଶ୍ଚିତ । ସତ୍ୟ ଓ ପ୍ରେମ ତା' ଜୀବନରେ ମୂଳ ଭିତ୍ତି ରୂପେ ଥାଏ । ଶ୍ରୀଅରବିନ୍ଦ କୁହନ୍ତି- ବୌଦ୍ଧିକ ମଣିଷ କ୍ରମବିକାଶର ଶୀର୍ଷଦେଶରେ ଅବଶ୍ୟ ଅଛି; କିନ୍ତୁ କ୍ରମବିକାଶର ଏହା ଶେଷ ସୋପାନ ନୁହେଁ । ତେଣୁ ପ୍ରକୃତି ଚାହେଁ- ମଣିଷ ତା'ର ବୁଦ୍ଧିସୀମାକୁ ପାରହୋଇ ଆତ୍ମାର ଚେତନାର କ୍ରମବିକାଶ ଲାଭ କରିବ । ଏହା ପରମେଶ୍ୱରଙ୍କ ଦ୍ୱାରା ଏକ ନିଧାର୍ଯ୍ୟ ସିଦ୍ଧାନ୍ତ । ଏଇ କ୍ରମବିକାଶର ଧାରାରେ ମଣିଷର ସଚେତନ ସହଯୋଗ ଆବଶ୍ୟକ । କାରଣ ପ୍ରକୃତିଦେବୀ ଏଇ ମଣିଷ ମାଧ୍ୟମରେ ହିଁ ଅତିମାନବକୁ ସୃଷ୍ଟି କରିବେ ।

ଏହି ପୃଥିବୀ ଉପରେ ଦିବ୍ୟଜୀବନ ପ୍ରତିଷ୍ଠାର ସମ୍ଭାବନା ମଣିଷର ସାଧାରଣ ସାଂସାରିକ ଅସ୍ତିତ୍ୱକୁ ବାଦ୍ ନେଇ ନୁହେଁ । ଏହି ଦିବ୍ୟଜୀବନ ମଣିଷ ଜୀବନର ବହୁ କିଛିକୁ ରୂପାନ୍ତରିତ କରିବ, ବହୁ କିଛି ଅଂଶକୁ ମଧ୍ୟ ଆଧ୍ୟାତ୍ମିକରଣ କରିବ ଏବଂ ଏହା ନିଶ୍ଚିତ ଭାବରେ ସବୁ କିଛିକୁ ଊର୍ଦ୍ଧ୍ୱାୟିତ  କରିବା ଦିଗରେ ସବୁକିଛିର ଆମୂଳ ପରିବର୍ତ୍ତନ କରିବ । ଫଳରେ ବ୍ୟକ୍ତି ଓ ବିଶ୍ୱ ଭିତରେ ଏକ ଚେତନାଗତ ମିଳନ ସଂଘଟିତ ହେବ । ଆତ୍ମାର ଉଜ୍ଜ୍ୱଳ ଆଲୋକରେ ଜୀବନ ହୋଇଉଠିବ ସମୁଜ୍ଜ୍ୱଳ ଏବଂ ମନୁଷ୍ୟ ଏକ ଉଚ୍ଚତର ଜୀବନଚର୍ଯ୍ୟା ଭିତରକୁ ଉନ୍ନୀତ ହୋଇଯିବ । ସେହି ଦିବ୍ୟ ଜୀବନଚର୍ଯ୍ୟା ଭିତରେ ଆଉ ଭଲ ମନ୍ଦ, ସତ୍ୟମିଥ୍ୟା, ସ୍ୱପ୍ନ ଓ ବାସ୍ତବତାର ଦ୍ୱନ୍ଦ୍ୱବୋଧ ରହିବନାହିଁ ଏବଂ ସେହି ଜୀବନରେ ହିଁ ପରମଆନନ୍ଦ, ପରମଜ୍ଞାନ ଓ ପରମସତ୍ୟର ଉପଲବ୍ଧି ସମ୍ଭବ ହେବ ।

ଅଭୀପ୍ସା, ପ୍ଲଟ୍ ୧୦୨,
ଶହୀଦ ନଗର, ଭୁବନେଶ୍ୱର-୭

□□□

*''ଚେତନା ହେଉଛି ଏକ ଶିଢ଼ି ସଦୃଶ, ପ୍ରତ୍ୟେକ ମହାନ୍ ଯୁଗରେ ଜଣେ ମହାନ୍ ଆତ୍ମା ଏହି ଶିଢ଼ିର କିଛି ପାହାଚକୁ ଯୋଡ଼ନ୍ତି ଏବଂ ଚେତନାର ଏଭଳି ଏକ ଉଚ୍ଚତର ସ୍ଥାନକୁ ଯାଆନ୍ତି ଯେଉଁଠାକୁ ସାଧାରଣ ମାନୁଷୀ ଚେତନା କେବେହେଲେ ଯାଇପାରେ ନାହିଁ । ତେଣୁ ଜଡ଼ ଜଗତ ବାହାରେ ଏବଂ ତାଠାରୁ ବିଚ୍ଛିନ୍ନ ହୋଇ ଏକ ଉଚ୍ଚତର ଚେତନାକୁ ପ୍ରାପ୍ତ ହେବା ସମ୍ଭବ, କିନ୍ତୁ ଏହାଦ୍ୱାରା ଜଡ଼ ଜଗତ ଏବଂ ଉଚ୍ଚତର ଜଗତକୁ ସଂଯୋଗ କରୁଥିବା ଶିଢ଼ିକୁ ଧରି ରଖିପାରେ ନାହିଁ, ଅଧିକନ୍ତୁ ବିଶ୍ୱର ମହାନ୍ ଯୁଗର ମହାନ୍ କୃତିତ୍ୱର ସାମର୍ଥ୍ୟ ରହିଛି ଶିଢ଼ିର ଆଉ ଏକ ମଧ୍ୟବର୍ତ୍ତୀ ପାହାଚକୁ ସଂଯୋଗ କରିବା ନିମନ୍ତେ ଯଦ୍ୱାରା ଜଡ଼ ଜଗତ ସହିତ ଥିବା ସମ୍ପର୍କକୁ ହରାଇବାକୁ ପଡ଼େ ନାହିଁ । ତେଣୁ ଉଚ୍ଚତମ ଚେତନାକୁ ଯିବାର ସାମର୍ଥ୍ୟ ଏବଂ ସେହି ସମାନ ସମୟରେ ଉଚ୍ଚତମ ଚେତନାକୁ ଜଡ଼ର ନିମ୍ନତମ ଚେତନାକୁ ସଂଯୋଗ କରିବା ଯାହାକି ଚେତନାର ବିଭିନ୍ନ ମଧ୍ୟବର୍ତ୍ତୀ ସ୍ତରରେ ଶୂନ୍ୟତା କିମ୍ବା ବିଚ୍ଛିନ୍ନତା ସୃଷ୍ଟି କରେ ନାହିଁ । ଏହି ଉପଲବ୍ଧିର ସାମଗ୍ରିକ ରହସ୍ୟଟି ହେଉଛି ଉଚ୍ଚତମ ଚେତନାକୁ ଜଡ଼ର ନିମ୍ନତମ ଚେତନା ସହ ସଂଯୋଗ କରିବା ଏବଂ ତାହା ଅବତାରଙ୍କ ବିଧି ନିର୍ଦ୍ଦିଷ୍ଟ କର୍ମ । ପ୍ରତ୍ୟେକ ଯୁଗରେ ଯୁଗାବତାରମାନେ ଶିଢ଼ିର ଗୋଟିଏ ଗୋଟିଏ ପାହାଚ ସଂଯୋଗ କରିଥାନ୍ତି ଏବଂ ଯାହାର ପରିଣାମ ସ୍ୱରୂପ ପୃଥିବୀରେ ନବ ସୃଜନାତ୍ମକ ଅଭିବ୍ୟକ୍ତି ହୁଏ, ବର୍ତ୍ତମାନ ଶ୍ରୀ ଅରବିନ୍ଦ ଯେଉଁ ସୋପାନଟିକୁ ଯୋଡ଼ିଛନ୍ତି ତାହାକୁ ଅତିମାନସ କୁହାଯାଏ । ଏହାର ଫଳାଫଳ ହେଉଛି ଚେତନା ଅତିମାନସ ଜଗତରେ ପ୍ରବେଶ କରେ ଏବଂ ତଥାପି ଏକ ବ୍ୟକ୍ତିଗତ ସ୍ୱରୂପ ଏବଂ ତାହାର ବ୍ୟକ୍ତିତ୍ୱକୁ ଜାରି ରଖେ ଏବଂ ଏ ଜଗତକୁ ଅତିମାନସ ଚେତନାକୁ ଅବତରଣ କରାଇବା ଦ୍ୱାରା ଏକ ନବ ସୃଷ୍ଟିକୁ ପ୍ରତିଷ୍ଠିତ କରାଏ ।''*

*ଶ୍ରୀମା*

TMCW/Vol-3/178-179

# ଜାତୀୟଶିକ୍ଷା : ଏକ ଦୃଷ୍ଟିପାତ

ଶ୍ରୀ ମଧୁସୂଦନ ମହାପାତ୍ର

ଆମ ଦେଶର ଶିକ୍ଷା ପରମ୍ପରାକୁ ଭାବିବା ବେଳେ ଜାତୀୟ ଶିକ୍ଷାପଦ୍ଧତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏ ବିଷୟରେ ଆମେ ଏଠାରେ କିଛି ଆଲୋଚ଼ନା କରିବାକୁ ଚେଷ୍ଟା କରିବା ।

ଗୋଟିଏ ଜାତି ପାଇଁ ଯେଉଁ ଭୂଖଣ୍ଡ ଗଢ଼ିଉଠିଥାଏ ତାହାହିଁ ହୁଏ ତାର ଜନ୍ମ ମରଣର ସାଥୀ । ଭାରତରେ ଏହାକୁ କୁହାଯାଏ ''ମାତୃଭୂମି'' । ଏହି ଭୂମିର ନଦ ନଦୀ, ବନ ପର୍ବତ, ପଶୁ ପକ୍ଷୀ, ଆତ୍ମୀୟ ସ୍ୱଜନ, ବୀର ମହାପୁରୁଷ, ପର୍ବ ପର୍ବାଣୀ, ବିଧି ପରମ୍ପରା, ସର୍ବୋପରି ଏହାର ପରମ୍ପରାଗତ ଧର୍ମ ଓ ଇତିହାସ ଇତ୍ୟାଦିକୁ ସମ୍ବଳ କରି ସଂପୃକ୍ତ ଜାତିଟି ନିଜକୁ ବିଶ୍ୱବକ୍ଷରେ ପରିଚିତ କରାଏ ଓ ନିଜେ ବଞ୍ଚିରହେ । ଏହାକୁ ସଶକ୍ତ ତଥା ଉତ୍ତରୋତ୍ତର ବିକାଶ କରିବା ଦେଶବାସୀ ସମସ୍ତଙ୍କର କର୍ତ୍ତବ୍ୟ । ଯେତେବେଳେ ଏହାର ଅପମାନ ହୁଏ ଅଥବା ଏହା ଉପରେ ଆଘାତ ଆସେ ବା ଏହା ପରାଧୀନ ହୋଇଯାଏ ସେତେବେଳେ ଜାତିର ଜନତାଙ୍କ କର୍ତ୍ତବ୍ୟ ହେଲା ଏହାକୁ ସୁରକ୍ଷିତ ଓ ସ୍ୱାଧୀନ କରିବା । ମାନବ ଇତିହାସରେ ବେଦ ସର୍ବପ୍ରାଚ଼ୀନ ସଂହିତା ଏବଂ ଏହାର ଉତ୍ତରାଧିକାରୀ ଭାରତ ଜାତି ସର୍ବପ୍ରାଚ଼ୀନ ଓ ସର୍ବଗୁଣସମ୍ପନ୍ନ ହୋଇଥିଲେ ବି ଦଶମ ଶତାବ୍ଦୀ ବେଳକୁ ଏହି ଜାତିପ୍ରେମ ଓ ବୀରତ୍ୱ ମନ୍ଦ ହେବାକୁ ଲାଗିଲା, ଫଳରେ ବାରମ୍ବାର ବୈଦେଶିକ ଆକ୍ରମଣର ଶିକାର ହୋଇ ଶେଷରେ ପରାଧୀନ ହୋଇଗଲା । ତା ପରେ ଦୀର୍ଘ ବହୁ ଶତାବ୍ଦୀ ଭାରତ ଜାତିର ସୁଷୁପ୍ତି କାଳ । ଦେଶରେ ବୈଦିକ ସଂସ୍କୃତିକ କ୍ରମ ଅବକ୍ଷୟ ଘଟୁଥିବାର ଦେଖି ଶିବାଜୀ ପ୍ରଭୃତି ରାଜାମାନେ ଧର୍ମରକ୍ଷା କରିବାକୁ ଯତ୍ନ କରିଥିଲେ । କିନ୍ତୁ ସମଗ୍ର ଭାରତକୁ ଉଦ୍‌ବୁଦ୍ଧ କରିଥିବା କୌଣସି ଜାତୀୟ ନେତାଙ୍କର ଉଦୟ ସେ ମଧ୍ୟରେ ହୋଇ ପାରି ନ ଥିବାରୁ ଏହାର ଆଂଶିକ ଫଳ ମିଳିଥିଲା । ଅଷ୍ଟାଦଶ ଶତାବ୍ଦୀରେ ସିପାହୀ ବିଦ୍ରୋହ ପରେ ଦୟାନନ୍ଦ ସରସ୍ୱତୀ, ରାଜା ରାମମୋହନ ରାୟ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ବଙ୍କିମ ଚନ୍ଦ୍ର ପ୍ରଭୃତିଙ୍କ ମାଧ୍ୟମରେ ଜାତୀୟ ଆତ୍ମାର ସ୍ୱର ପୁଣି ଭାରତବର୍ଷରେ ଅନୁରଣିତ ହେଲା, ମାତୃଭୂମିର ମୁକ୍ତି ପାଇଁ ତଥା ସମଗ୍ର ପୃଥିବୀରେ ଏହାର ମହତ୍ତ୍ୱକୁ ସାବ୍ୟସ୍ତ କରିବା ପାଇଁ ସନ୍ତାନମାନେ ଆଗେଇ ଆସିଲେ, ଏବଂ ପ୍ରାୟ ଏକ ଶତାବ୍ଦୀ ସଂଗ୍ରାମ ପରେ ଏ ଜାତି ନିଜର ସ୍ୱାତନ୍ତ୍ର୍ୟ ପୁଣି ଫେରିପାଇଲା । ଏଥିପାଇଁ କେତେ ଯେ ସନ୍ତାନଙ୍କ ଜୀବନ ଉତ୍ସର୍ଗିତ ହୋଇଛି ତାହାର କଳନା ନାହିଁ, ଏବଂ ଏହି ଇତିହାସକୁ ଏ ଜାତି ଭୁଲିପାରିବ ନାହିଁ । ଏଠାରେ କେବଳ ଜାତୀୟ ଶିକ୍ଷା ପାଇଁ ହୋଇଥିବା ଚିନ୍ତା ଓ ଉଦ୍ୟମ ବିଷୟରେ ଆମେ କିଛି ଦୃଷ୍ଟିପାତ କରି ଆଧୁନିକ ଅବସ୍ଥାକୁ ପୁଣି ଆସିବା ।

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ୧୯୦୦ ରୁ ୧୯୨୦ ଭିତରେ ଜାତୀୟ ଶିକ୍ଷା ପାଇଁ ବଙ୍ଗ ପ୍ରଦେଶରେ ପ୍ରବଳ ପ୍ରୟାସ ହୋଇଥିଲା । ଏଥିରେ ମୁଖ୍ୟତଃ ଶ୍ରୀଅରବିନ୍ଦ, ବାଳଗଙ୍ଗାଧର ତିଲକ, ବିପିନ ଚନ୍ଦ୍ର ପାଲ, ଲାଲା ଲଜପତ ରାୟ, ତଥା ଅନ୍ୟ ବହୁ ଦେଶପ୍ରେମୀ ଅଂଶଗ୍ରହଣ କରିଥିଲେ । ୧୯୦୬ ରେ କଲିକତାରେ ଜାତୀୟ ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ସେଥିରେ ଅଧ୍ୟକ୍ଷ ଭାବେ ଶ୍ରୀଅରବିନ୍ଦଙ୍କ ଯୋଗ ଦେବା ଏବଂ ସେହିପରି ଅନ୍ୟାନ୍ୟ ସ୍ଥାନରେ ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠା ପାଇଁ ଉଦ୍ୟମ ହେବା ଥିଲା ଏହାର ନିଦର୍ଶନ । 'ବନ୍ଦେ ମାତରମ୍'ରେ ପ୍ରକାଶିତ ଏକ ଲେଖାରେ ଇଂରେଜ ସରକାରଙ୍କ ଦ୍ୱାରା ଅଭିଯୁକ୍ତ ହେବା ହେତୁ ନୈତିକତାର ଉପରୋଧରେ ତାଙ୍କୁ ଜାତୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇ ଅଧ୍ୟାପକ ପଦକୁ ଆସିବାକୁ ହୋଇଥିଲା । ସେତେବେଳେ (୧୯୦୭ ଅଗଷ୍ଟ ୨୩) ସେ ସେଠାକାର ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବାବେଳେ ଉକ୍ତ ଅନୁଷ୍ଠାନର ଲକ୍ଷ୍ୟ ବିଷୟରେ ଯାହା କହିଥିଲେ ତାହାହିଁ ଜାତୀୟ ବିଦ୍ୟାଳୟର ଲକ୍ଷ୍ୟ:

"... When we established this college, and left other occupations, other chances of life, to devote our lives to this institution, we did so because we hoped to see in it the foundation, the nucleus, of a nation, of the new India which is to begin its career after this night of sorrow and trouble, on that day of glory and greatness when India will work for the world. What we want here is not

merely to give you a little information, not merely to open to you careers for earning a livelihood, but to build up sons for the motherland to work and to suffer for her. That is why we started this college and that is the work to which I want you to devote yourselves in future..."

*(SABCL, vol. 1, p 516)*

''... ଆମେ ଯେତେବେଳେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା କଲୁ ସେତେବେଳେ ଏହି ଅନୁଷ୍ଠାନଟିରେ ଆମ ଜୀବନକୁ ବିନିଯୋଗ କରିବାକୁ ଆମର ଅନ୍ୟ ସମସ୍ତ ଗୃହୀତ କର୍ମକୁ ତଥା ଅନ୍ୟ ସକଳ ଲାଭର ସମ୍ଭାବନାକୁ ତ୍ୟାଗ କରିଥିଲୁ; ଏହା କରିବା ପଛରେ କାରଣ ଥିଲା ଯେ ଏହାରି ଆଧାର ମଧ୍ୟରେ ଆମର ଦେଖିବାର ଆଶା ଥିଲା ଆମ ଜାତିର ତଥା ନବଭାରତର ସାର ଜ୍ୟୋତିଃକଣମାନଙ୍କୁ, ଏହା ସେହି ଭାରତ ଯେ କି ଏହି ଦୁଃଖ ଦୈନ୍ୟ ଓ ଦୁର୍ଦ୍ଦଶାର ତାମସୀ ରାତ୍ରି ପରେ ଏବେ ସେ ନିଜର ଅଭିଜାତ କର୍ମ କରିବାକୁ ଆରମ୍ଭ କରିଛି; ଆଗାମୀ ତାର ସେହି ବିଜୟଶ୍ରୀମଣ୍ଡିତ ତଥା ମହିମାନ୍ୱିତ ଦିବସରେ ତାକୁ ଦେଖିବାର ଆଶା ଥିଲା ଯେଉଁଥିରେ ସେ ପୃଥିବୀ ପାଇଁ କର୍ମ କରିବ । ବହିପତ୍ରରୁ ଲଭ୍ୟ ସାମାନ୍ୟ ସୂଚନାଧର୍ମୀ ଜ୍ଞାନ ଆମେ ତୁମମାନଙ୍କୁ ଦେବାକୁ ଚାହୁଁନା, ଯୋଗ୍ୟତା ସହ ଜୀବିକା ମାର୍ଗଟିଏ ଖୋଲିଦେବା ମଧ୍ୟ ସଂଲଗ୍ନ କରିବା ମଧ୍ୟ ନୁହେଁ, ଆମେ ଚାହୁଁ ମାତୃଭୂମିର ସେହି ସନ୍ତାନମାନଙ୍କୁ ଗଢ଼ିବାକୁ ଯେଉଁମାନେ କି ତା ପାଇଁ କର୍ମ କରିବେ ଓ କଷ୍ଟ ସହିବେ । ଏଇଥିପାଇଁ ଆମେ ଏହି ମହାବିଦ୍ୟାଳୟର ଶୁଭାରମ୍ଭ କରିଛୁ ଏବଂ ମୁଁ ଆଶା କରେ ଯେ ତୁମେମାନେ ଭବିଷ୍ୟତରେ ଏହି କାର୍ଯ୍ୟରେ ନିଜକୁ ବିନିଯୁକ୍ତ କରିବ । ...''

୧୯୦୮ରେ Bombay Girgaum ଠାରେ ଏକ ସଭାରେ ଗୋଖଲେ ପ୍ରଭୃତି ଯେତେବେଳେ ଏହାର ବାସ୍ତବତା ତଥା ଆଦର୍ଶ ଉପରେ ସନ୍ଦିହାନ ଥିଲେ ସେତେବେଳେ ଶ୍ରୀଅରବିନ୍ଦ କହିଥିଲେ:

''... ଶିବାଜୀ, ଆକବର, ଅଶୋକ ତଥା ପ୍ରାଚୀନ ଋଷିଗଣ ହେଉଛନ୍ତି ଭାରତୀୟ ଜାତୀୟ ଜୀବନର ଅଙ୍ଗୀଭୂତ ଉପାଦାନମାନଙ୍କ ମଧ୍ୟରୁ ଅନ୍ୟତମ । ... ଏକଥା ଆମର ମନେ ରଖିବାର ଅଛି, ଆମକୁ ପୂର୍ବପୁରୁଷଙ୍କ ଋଣ କେବଳ ଶୁଝିବାର ନାହିଁ, ଉତ୍ତରପୁରୁଷଙ୍କଠାରେ ମଧ୍ୟ ଆମର ଦେୟ ପରିଶୋଧ କରିବାର ଅଛି । ଆମ ମାନସିକ ଦୃଶ୍ୟପଟରେ ଯଦି ଏହିଭଳି ମହନୀୟ ବିଷୟ ଆମେ ଧୀରେ ଧୀରେ ରଖିପାରିବା ତେବେ ଆମେ ଦେଖିବା ଯେ ମହାନ୍ ମହାନ୍ ଦାର୍ଶନିକ, ରାଜନୀତିଜ୍ଞ ଏବଂ ସେନାପତିଙ୍କୁ ଆମ ଦେଶ ଜନ୍ମଦେବ । ବଙ୍ଗରାଜ୍ୟରେ ଯେଉଁ ଜାତୀୟ ଶିକ୍ଷାର ପ୍ରସାର ଚାଲିଛି, ଏହାକୁହିଁ ଦୃଷ୍ଟିରେ ରଖାଯାଇଛି । ଭୂଗୋଳ ପଢ଼ାଇବାବେଳେ ଆମ ବିଦ୍ୟାର୍ଥୀମାନଙ୍କ ମନରେ ଏହି ଛାପ ପକାଇବାର ଅଛି ଯେ ଭାରତ ଆମର ମାତୃଭୂମି, ଯେଉଁଠି ମହାରାଷ୍ଟ୍ର ଶିବାଜୀଙ୍କୁ ଜନ୍ମ ଦେଇଛି, ରାଣଜିତ୍ ସିଂହ ଦିନେ ପଞ୍ଜାବକୁ ଶାସନ କରୁଥିଲେ, ଏବଂ ହିମାଳୟ ଆମର ଋଷିମାନଙ୍କୁ ଆଶ୍ରୟ ଦେଇଥିଲା । ଇତିହାସ ଓ ଦର୍ଶନ ପଢ଼ାଇବା ବେଳେ ଆମକୁ ସେହି ସମାନ ଉଦ୍ଦେଶ୍ୟ ରଖିବାର ଅଛି ଯେପରି କି ବିଦ୍ୟାର୍ଥୀଙ୍କ ମଧ୍ୟରେ ଜାତୀୟତା ଜୀବନ୍ତ ହୋଇ ଉଠିବ । ...''

*(SABCL, vol 27, p 67)*

ଏହାପରେ ଭବିଷ୍ୟତ ମାନବଜାତି ପାଇଁ ପଣ୍ଡିଚେରୀରେ ଯୋଗମଗ୍ନ ଥିବାବେଳେ ବି ସେ ଭାରତଜାତିର କଥା ଭାବୁଥିଲେ । ତାଙ୍କ ଦ୍ୱାରା ଲିଖିତ ''ମାନବ ଯୁଗଚକ୍ର'' ପୁସ୍ତକରେ ସେ 'ଜାତୀୟ ଆତ୍ମାର ଆବିଷ୍କାର' ଅଧ୍ୟାୟଟିଏ ଲେଖି ବୁଝାଇଛନ୍ତି ଯେ ଜାତୀୟତା ଏକ ଈଶ୍ୱରପ୍ରଣୋଦିତ ବିଷୟ, ଏବଂ ପୃଥିବୀରେ ଭଗବତ୍ ରାଜ୍ୟ ପ୍ରତିଷ୍ଠା କରିବାକୁ ହେଲେ ସକଳ ଜାତି ସ୍ୱଗୁଣରେ ପରିପୁଷ୍ଟ ତଥା ସକଳଙ୍କ ମଧ୍ୟରେ ଏକ ଐକ୍ୟ ପ୍ରତିଷ୍ଠିତ ହେବା ଆବଶ୍ୟକ । ୧୯୧୮ ମସିହାରେ ଦେଶରେ ପାଳନ କରାଯାଉଥିବା ଜାତୀୟ ଶିକ୍ଷା ସପ୍ତାହ ଉପଲକ୍ଷେ ଦେଇଥିବା ନିଜର ଏକ ବାର୍ତ୍ତାରେ ସେ କହିଛନ୍ତି:

"National Education is, next to Self-Government and along with it, the deepest and most immediate need of the country, ... Home Rule and National Education are two inseparable ideals, and none who follows the one, can fail the other, unless he is entirely wanting either in sincerity or in vision, We want not only a free India, but a great India, ... It (National Education) cannot come by any extension or imitation of the system of the existing universities with its radically false principles, its vicious and mechanical methods, its dead-alive routine tradition and its narrow and sightless spirit. Only a new spirit and a new body born from the heart of the Nation and full of the light and hope of its resurgence can create it."

*(SABCL, vol 27, p 505)*

''ସ୍ୱରାଜ ଏବଂ ତା ସହିତ ତଥା ତା ପାଖାପାଖି ହୋଇ ରହିଛି

ଜାତୀୟ ଶିକ୍ଷା, ଯାହା ପାଇଁ ରହିଛି ଦେଶର ଅତି ଗଭୀରତମ ତଥା ଜରୁରୀ ଆବଶ୍ୟକତା, ... ସ୍ୱରାଜ ଏବଂ ଜାତୀୟ ଶିକ୍ଷା ଉଭୟ ଅବିଭାଜ୍ୟ ଦୁଇ ଆଦର୍ଶ, ଜଣେ ଯଦି ଏକେବାରେ ଅନାନ୍ତରିକ ହୋଇ ନ ଥାଏ ବା ଅନ୍ତର୍ଦୃଷ୍ଟିହୀନ ହୋଇ ନ ଥାଏ, ତେବେ ସେ ଯଦି ଗୋଟିକୁ ଅନୁସରଣ କରୁଛି ଅନ୍ୟଟିକୁ କଦାପି ଫିଙ୍ଗିଦେଇ ପାରିବ ନାହିଁ । ଆମେ କେବଳ ସ୍ୱାଧୀନ ଭାରତ ଚାହୁଁନା ପରନ୍ତୁ ଆମେ ଚାହୁଁ ମହାନ୍ ଭାରତ । ... ଅଧୁନା ସକ୍ରିୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷାପଦ୍ଧତିର ବିସ୍ତାର ତଥା ଅନୁକରଣ ଦ୍ୱାରା ଜାତୀୟ ଶିକ୍ଷା ଆସିପାରିବ ନାହିଁ, କାରଣ ଏଥିସହ ରହିଛି ମୂଳତଃ ମିଥ୍ୟା ନିୟମମାନ, ଦୋଷଯୁକ୍ତ ଓ ଯାନ୍ତ୍ରିକ ଶିକ୍ଷାଦାନ ପଦ୍ଧତି, ଭିତରେ ମୃତ ଅଥଚ ନାମକୁ ମାତ୍ର ଜୀବିତ, ଯନ୍ତ୍ରବତ୍ ଚାଳି, ସୂତ୍ରୀବଦ୍ଧ କାର୍ଯ୍ୟଧାରା ଏବଂ ସଂକୀର୍ଣ୍ଣ ତଥା ଅନ୍ଧ ଆବେଗ । ଏହାର ପୁନରଭ୍ୟୁଦୟ ଜନିତ ଆଲୋକ ଓ ଆଶାର ଭରା ଦେଶର ହୃଦୟରୁ ହିଁ ଏକ ନୂଆ ଚେତନା ଓ ନବୀନ ଦେହ ଜନ୍ମଗ୍ରହଣ କରିପାରିବ ।''

ଏହାଛଡ଼ା ଶ୍ରୀଅରବିନ୍ଦଙ୍କ 'ବନ୍ଦେ ମାତରମ୍' ଲେଖାଗୁଡ଼ିକୁ ଅନୁଧ୍ୟାନ କଲେ ଆମେ ଦେଖୁ ଏକ ଜାତୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ମଧ୍ୟ ତାଙ୍କର ସ୍ୱପ୍ନ ଥିଲା ।

କିନ୍ତୁ ରାଜନୀତିରୁ ଶ୍ରୀଅରବିନ୍ଦ ବିଦାୟ ନେବା ପରେ କ୍ରମେ ନେତା ତଥା ଲୋକଙ୍କ ମନରେ ଜାତୀୟ ଶିକ୍ଷାର କଥା ଅସ୍ପଷ୍ଟ ହୋଇ ନାନା ବିବାଦରେ ପର୍ଯ୍ୟବସିତ ହେଲା । ମୁଖ୍ୟତଃ ହିନ୍ଦୁ-ମୁସଲମାନ ବିବାଦ ହିଁ ଏଥିରେ ଅନ୍ତରାୟ ହୋଇଛି । ଜାତୀୟ ଆତ୍ମା ଅପେକ୍ଷା ଧର୍ମଗ୍ରନ୍ଥ, ଦେବଦେବୀ, ସାଂସ୍କୃତିକ ପରମ୍ପରା, ଖାଦ୍ୟପେୟ, ବେଶଭୂଷା ପ୍ରଭୃତିରେ ପାର୍ଥକ୍ୟ ବଜାୟ ରଖିବାର ବିଚାର ଦୃଢ଼ ହେବାକୁ ଲାଗିଲା । ଗୋଟିକୁ ଗ୍ରହଣ କଲେ ଅନ୍ୟଟି ଉପେକ୍ଷିତ ହୋଇଯାଉଛି ଏବଂ ବିଦ୍ରୋହ କରୁଛି । ଏହି ବିବାଦ ହେତୁ ଗାନ୍ଧିଜୀ ଜାତୀୟଶିକ୍ଷାର କଥା ନ କହି ମୌଳିକ ଶିକ୍ଷା କଥା କହିଥିଲେ ଓ ସେହି ଆଦର୍ଶରେ ଦେଶରେ ମୌଳିକ ଶିକ୍ଷାକେନ୍ଦ୍ରମାନ ଗଢ଼ିଉଠିଥିଲା ଯେତେବେଳେ କି ସରକାରୀ ଇଂରାଜୀ ସ୍କୁଲଗୁଡ଼ିକ ମଧ୍ୟ ପୂର୍ଣ୍ଣମାତ୍ରାରେ ଚାଲୁଥିଲେ । ଏଣେ ଦେଶର ବିଧିବ୍ୟବସ୍ଥାରେ ଜାତୀୟତାକୁ ବାଦ ଦେଇ ରାଜନୀତି ଓ ଅର୍ଥନୀତିକୁ ଗୁରୁତ୍ୱ ଦିଆଗଲା । ପୂର୍ବେ ଆଶା ଥିଲା ସ୍ୱାଧୀନତା ପରେ ଏହି ପାର୍ଥକ୍ୟ ଧୀରେ ଧୀରେ ଚାଲିଯିବ । କିନ୍ତୁ ବରଂ ବ୍ୟବଧାନ ଅଧିକ ହୋଇଛି । ରାଜନୀତି ଓ ଅର୍ଥନୀତିରେ ଦୃଷ୍ଟିନିବଦ୍ଧ କରି ଦେଶ ଚାଲିଛି । ଏହାଦ୍ୱାରା ଆର୍ଥିକ ତଥା ରାଜନୈତିକ ଫଳ କିଛି ଫଳିଥିଲେ ବି ଦୁର୍ନୀତି ବଢ଼ିଛି ଓ ସୁଚରିତ୍ରତାର ହାର କମିଛି, ସାଂସ୍କୃତିକ ତଥା ଜାତୀୟ ଚରିତ୍ରର ଘୋର ପତନ ଘଟିଛି । ପୂର୍ବେ ହୋଇଥିବା ବୀରତ୍ୱପୂର୍ଣ୍ଣ ଉଦ୍ୟମଗୁଡ଼ିକ ଏବେ କେବଳ ଇତିହାସ ପୋଥିରେ ବନ୍ଧା ହୋଇ ରହିଯାଇଛି । ଆଜିର ଯୁବକମାନଙ୍କୁ ସେନାବାହିନୀରେ ଯୋଗ ଦେବାକୁ ନାନା ପ୍ରକାରେ ଆକୃଷ୍ଟ କରିବାକୁ ଚେଷ୍ଟାକରିବାକୁ ହେଉଛି, ତଥାପି ସୁଖପ୍ରିୟ ସ୍ୱାର୍ଥପର ଯୁବକସମାଜ ଏଥିପାଇଁ ଅନିଚ୍ଛୁକ । ଜଣେ ଉଚ୍ଚଶିକ୍ଷିତ ଦୁର୍ନୀତିରେ ଲିପ୍ତ ରହିବା ବେଳେ ନିଜ ଦେଶ ବା ସ୍ୱଦେଶବାସୀଙ୍କ ବିଷୟରେ କିଛି ଭାବେ ନାହିଁ ।

ଜାତି ଇତିହାସ ଜାତିର ନିର୍ଝର
ସଦା ବହେ ତହୁଁ ଜାତିପ୍ରାଣଧାର
ସେ ଧାରାରୁ ନୀର ପିଇଛି ଯେ ନର
ନିଶ୍ଚୟ ହେବ ସେ ଜାତିକର୍ମବୀର । - *ମଧୁସୂଦନ ଦାସ*

ଏଭଳି ଅବସ୍ଥାରେ ଦେଶର ଆର୍ଥିକ ଉନ୍ନତି ହେଲେ ବି ମୂଲ୍ୟବୋଧ ଦୃଷ୍ଟିରୁ ଏଭଳି ଜୀବନରେ କି ମହତ୍ତ୍ୱ ରହିଛି ? ମୋଟ ଉପରେ କହିଲେ, ଆଧୁନିକତାର ପ୍ରବାହରେ ଆମେ ଏପରି ଭାସିଯାଇଛୁ ଯେ ଜାତିର ବା ଗୋଷ୍ଠୀର କୌଣସି ପ୍ରଧାନ କ୍ଷେତ୍ରରେ ଜାତୀୟ ଆଦର୍ଶ ବର୍ତ୍ତମାନ ନାହିଁ । ଅର୍ଥ ଓ ରାଜନୀତି, ଖେଳ କସରତ, କଳା, ଚଳଚ୍ଚିତ୍ର ପ୍ରଭୃତିକୁ ନେଇ ଯାହାକିଛି ଆନ୍ତର୍ଜାତୀୟ ପ୍ରତିଯୋଗୀତା ହେଉଛି ସେଥିରେ ସ୍ୱଦେଶର ସମ୍ମାନ ଦେଖିବାକୁ ଅଧିକାଂଶ ଦେଶବାସୀ ଉତ୍ସୁକ କିନ୍ତୁ ଏ ଜାତିର ଲକ୍ଷ୍ୟ, ପୂର୍ବପୁରୁଷଙ୍କ ତପସ୍ୟାଲବ୍ଧ ସମ୍ପଦ ଯେ ଦିନକୁ ଦିନ କ୍ଷୟ ହୋଇଚାଲିଛି ସେଥିପାଇଁ କାହାର ଚିନ୍ତା ନାହିଁ । କୌଣସି ଦେଶରେ ମାତୃଭାଷା ଯଦି ଗୌଣ ହୋଇ ସେଠାରେ ଗୋଟିଏ ବିଦେଶୀ ଭାଷା ପ୍ରଧାନ ହୋଇଥାଏ, ଦେଶ-ଇତିହାସର ମହାପୁରୁଷ, ଜ୍ଞାନୀ, ବୀର, ତପସ୍ୱୀଙ୍କୁ ଯେଉଁଠି ବିଶ୍ୱାସ କରାଯାଉ ନଥାଏ କିମ୍ବା ଦେଶର ନାଗରିକଗଣ ଯଦି ସେମାନଙ୍କୁ ଠିକ୍ ଭାବେ ଜାଣୁ ନ ଥାନ୍ତି ଅଥଚ ଅନ୍ୟମାନଙ୍କ ସିଦ୍ଧାନ୍ତକୁ ସହଜରେ ସତ୍ୟ ବୋଲି ମାନି ତାହାରି ଅନୁଗତ ହୋଇଯାଉଥାନ୍ତି, ଦେଶର ଶିକ୍ଷାନୀତି, ନ୍ୟାୟପଦ୍ଧତି, ଶାସନପଦ୍ଧତି, ଅର୍ଥବ୍ୟବସ୍ଥା, ଯନ୍ତ୍ରବିଦ୍ୟା ପ୍ରଭୃତି ଯଦି ବୈଦେଶିକ ବୁଦ୍ଧିବିଦ୍ୟାରେ ଚାଲୁଥାଏ, ତେବେ ସେ ଜାତିର ସ୍ଥିତି କେଉଁଠି ? ସେ ଦେଶ ସ୍ୱାଧୀନ ବୋଲି କେଉଁ ସତ୍ୟରେ କୁହାଯିବ ? ଏଭଳି ପରିସ୍ଥିତିରେ ନିଜର ଜାତୀୟ ଶିକ୍ଷାପଦ୍ଧତି ବିଷୟରେ ଚିନ୍ତା କରିବା ବି ଅସମ୍ଭବ ପରି ଲାଗୁଛି । ଅନ୍ୟପକ୍ଷରେ ବର୍ତ୍ତମାନ ଦେଶର ଶିକ୍ଷା ବିଶେଷଜ୍ଞମାନେ ଜାତୀୟ ଶିକ୍ଷା କଥା ନ କହି ଦେଶରେ ଅନ୍ତର୍ଜାତୀୟ ବା ବିଶ୍ୱସ୍ତରୀୟ (World class Education) ଶିକ୍ଷାର ପ୍ରବର୍ତ୍ତନ ପାଇଁ ଏପରିକି ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟମାନଙ୍କୁ ଏ ଦେଶରେ ନିଜର କେନ୍ଦ୍ର ପ୍ରତିଷ୍ଠା କରିବାକୁ

ସେମାନଙ୍କର ପ୍ରସ୍ତାବ ଏବଂ ସେଥିପାଇଁ ସରକାର ମଧ୍ୟ ତତ୍ପର । ସେମାନଙ୍କ ଉଦ୍ଦେଶ୍ୟ ପିଲାଙ୍କ ବ୍ୟକ୍ତିତ୍ୱର ବା ମୂଲ୍ୟବୋଧର ବିକାଶ ନୁହେଁ: ଉନ୍ନତ ଦେଶମାନଙ୍କରେ ପଢୁଥିବା ପିଲାମାନେ ଯେଉଁ ସୁବିଧା ସୁଯୋଗ ପାଉଛନ୍ତି ଆମ ପିଲାମାନେ ମଧ୍ୟ ସେଇ ସୁବିଧା ପାଇ ସେମାନଙ୍କ ପରି ଯୋଗ୍ୟ ହୁଅନ୍ତୁ, ଏହାହିଁ ମୁଖ୍ୟ ଉଦ୍ଦେଶ୍ୟ । ଏଭଳି କଥା ଓ ବିଚାର ଉପରକୁ ପ୍ରଗତିଶୀଳ ଭଳି ମନେହେଉଛି, ଏବଂ ଅଭିଭାବକମାନେ ନିଜ ପିଲାଙ୍କୁ ଏହିପରି ଶିକ୍ଷା ଦେବାକୁ ଚାହାନ୍ତି ବୋଲି ଯୁକ୍ତି ଏହା ପଛରେ ରହିଛି । କିନ୍ତୁ ଏହି ଯୋଜନାର ଉଦ୍ଦେଶ୍ୟ କଣ ଆମେ ତାହା ଭାବିଛୁ କି ? ଏଥିରେ ମୁଖ୍ୟତଃ ରହିଛି ଉନ୍ନତ ଦେଶ ବା ମହାଦେଶର ଶିକ୍ଷାଖସଡ଼ାକୁ ଅନୁସରଣ କରି ବିଶ୍ୱବିଦ୍ୟାଳୟ ଚଳାଇବା । କିନ୍ତୁ ଏବେ ଦେଖାଦେଉଥିବା ନାନା ମାନବୀୟ ସମସ୍ୟାର ରଚନାତ୍ମକ ସମାଧାନରେ ଏହାର କିଛି ଭୂମିକା କଣ ଅଛି ? ଏହିଭଳି ଅବସ୍ଥାରେ ଆମେ ଆନ୍ତର୍ଜାତୀୟ ଯୁଗକୁ ଆସିଯାଇଛୁ । କିନ୍ତୁ ଜାତୀୟ ଶିକ୍ଷାକୁ ଯଥାର୍ଥରେ ପ୍ରୟୋଗ କରିଲେ ତାହାରି ଭିତରେ ଆନ୍ତର୍ଜାତୀୟତା ରହିଛି, ବିଶେଷ କରି ଭାରତର ଯେଉଁ ବସୁଧୈବ କୁଟୁମ୍ବକମ୍ ଭାବର ସୁନ୍ଦର ବିକାଶ ଘଟିଛି ତାହାହିଁ ଆନ୍ତର୍ଜାତୀୟତାର ମୂଳମନ୍ତ୍ର । ଏଣୁ ପ୍ରଥମେ ଆମେ ଆମର ଜାତୀୟ ଶିକ୍ଷାକୁ ସୁସଂଗତ ଓ ଦୃଢ଼ତାର ସହ ଗଢ଼ିବାର ଅଛି ।

*ଅଧ୍ୟାପକ*
*ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପୁଦୁଚେରୀ*

□□□

*''ଚେତନାର କର୍ମ ହେଉଛି ଆତ୍ମାର ଆରୋହଣ ଏବଂ ଶକ୍ତିର ଅବତରଣ ଯାହାକି ଜଡ଼ ଜଗତକୁ ଉର୍ଦ୍ଧ୍ୱତର ଜଗତ ସହିତ ସମ୍ପର୍କିତ କରେ, ଚେତନାର ଏହି ଆରୋହଣ ଏବଂ ଅବତରଣ କର୍ମଟି ଅବତାରଙ୍କ ନିମନ୍ତେ ବିଧି ନିର୍ଦ୍ଦିଷ୍ଟ ହୋଇଥାଏ । ଏପରିକି ଯଦି ସେ ବନ୍ଦୀଶାଳାରେ ରୁହନ୍ତି, ଏବଂ କାହା ସହିତ ତାଙ୍କର ସାକ୍ଷାତକାର ହୁଏ ନାହିଁ ଓ କେବେବି ସେ ବାହାରକୁ ଯାଆନ୍ତି ନାହିଁ ତଥାପି ସେ ଚେତନାର ଅଭିଯାତ୍ରା ଜାରି ରଖନ୍ତି । କାରଣ ଏହା ଚେତନାର ଏକ କର୍ମ ଯାହାକି ଅତିମାନସକୁ ଜଡ଼ ଜଗତ ସହିତ ସମ୍ପର୍କିତ କରେ, ତାଙ୍କର କୌଣସି ସ୍ୱୀକୃତି ପାଇବାର ଆବଶ୍ୟକତା ନାହିଁ, ଆତ୍ମା ଓ ପରମାତ୍ମା ମଧ୍ୟରେ ଥିବା ସଚେତନ ସଂଯୋଗର ପ୍ରତିଷ୍ଠା ନିମନ୍ତେ ତାଙ୍କର କୌଣସି ବାହ୍ୟ ସାମର୍ଥ୍ୟର ଆବଶ୍ୟକତା ନଥାଏ । ତାଙ୍କ ଦ୍ୱାରା ଥରେ ଯେତେବେଳେ ବିଜ୍ଞାନମୟ ଜଗତ ଓ ଜଡ଼ ଜଗତ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ହୋଇଯାଏ, ଏହାର ପ୍ରଭାବରେ ବାହ୍ୟ ଜଗତରେ ନୂତନ ସୃଜନାତ୍ମକ ଅଭିବ୍ୟକ୍ତିର ପ୍ରକାଶ ଘଟେ, ଯାହାକି ଏକ ସୁସଙ୍ଗତ ସାମୁହିକ ଆଶ୍ରମ ଜୀବନରୁ ଆରମ୍ଭ ହୋଇ ଏକ ପରିପୂର୍ଣ୍ଣ ପୃଥିବୀରେ ପରିସମାପ୍ତି ହୁଏ ।''*

*ଶ୍ରୀମା*
TMCW/Vol-3/179

*''ତୁମେ ଯେତେବେଳେ ଏହା ଅନୁଭବ କର ଯେ ତୁମେ ଯାହା କରିବା ପାଇଁ ପୃଥିବୀକୁ ଆସିଥିଲ ତାହା କରିସାରିଛ, ଯାହାସବୁ ଜାଣିବାର ଆବଶ୍ୟକତା ଥିଲା ସେସବୁ ଜାଣିସାରିଛ, ଯେତେବେଳେ ତୁମକୁ ବସି ରହିବାକୁ ଇଚ୍ଛାହୁଏ ଏବଂ ଯାହାସବୁ କର୍ମ କରିଥିଲ ତାର ସୁଖଫଳ ଭୋଗ କରିବାକୁ ଇଚ୍ଛା ହୁଏ, ଏବଂ ଏହି ଅନୁଭବ ହୁଏ ଯେ ତୁମେ ଜୀବନରେ ଯଥେଷ୍ଟ କର୍ମ କରିସାରିଛ, ସେତେବେଳେ ତୁମେ ହଠାତ୍ ବୃଦ୍ଧ ହୋଇଯାଅ ଏବଂ ତୁମ ଶରୀରର ଅବକ୍ଷୟ ହେବା ଆରମ୍ଭ ହୋଇଯାଏ । ।''*

*-ଶ୍ରୀମା*

# ସାର୍ଦ୍ଧ ଶତାବ୍ଦୀର ଶ୍ରଦ୍ଧାଞ୍ଜଳି

ଶ୍ରୀ କୁମାର ଚନ୍ଦ୍ର ମିଶ୍ର

ଯେତେବେଳେ ଏକ ଦେଶ ବା ଜାତିର କୌଣସି ଉଚ୍ଚ ଲକ୍ଷ୍ୟ କିମ୍ବା ମହତ୍ତମ ଆଦର୍ଶ ନଥାଏ ସେତେବେଳେ ସେହି ଦେଶ ବା ଜାତିର ଅବକ୍ଷୟ ଅବଶ୍ୟମ୍ଭାବୀ ହୋଇଉଠେ । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ପବିତ୍ର ଭାରତ ଭୂଖଣ୍ଡରେ ଡଃ କୃଷ୍ଣଧନ ଘୋଷ ଓ ଶ୍ରୀମତୀ ସ୍ୱର୍ଣ୍ଣଲତା ଦେବୀଙ୍କ କୋଳ ମଣ୍ଡନ କରି ଯୁଗାବତାର ଶ୍ରୀଅରବିନ୍ଦ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖ (ଗୁରୁବାର), ଏକାଦଶୀ ଗତ ଦ୍ୱାଦଶୀ ତିଥିରେ ବ୍ରାହ୍ମମୁହୂର୍ତ୍ତରେ ତୃତୀୟ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲେ ।

ଦିବ୍ୟଜନନୀ ଶ୍ରୀମା କହନ୍ତି:

"Sri Aurobindo came to tell the world of the beauty of the future that must be realised.

He came to give not a hope but a certitude of the splendour towards which the world moves. The world is not an unfortunate accident, it is a marvel which moves towards its expression.

The world needs the certitude of the beauty of the future. And Sri Aurobindo has given that assurance." (CWM-13, P. 15, 27 Nov. 1971)

''ଭବିଷ୍ୟତରେ ଯେଉଁ ସୌନ୍ଦର୍ଯ୍ୟ ରୂପ ନେବ ସେହି ସମ୍ପର୍କରେ ଜଗତକୁ ଜଣାଇବା ଲାଗି ଶ୍ରୀଅରବିନ୍ଦ ଆବିର୍ଭୂତ ହୋଇଥିଲେ । ପୃଥିବୀ ଯେ ଏକ ଦିବ୍ୟ ଐଶ୍ୱର୍ଯ୍ୟ ଦିଗରେ ଗତି କରୁଛି, ତାହା କେବଳ ଏକ ଆଶା ନୁହେଁ, ବରଂ ଏକ ସୁନିଶ୍ଚିତତା- ଏହା ଘୋଷଣା କରିବାକୁ ଶ୍ରୀଅରବିନ୍ଦ ଆସିଥିଲେ । ଏ ଜଗତ ଏକ ଦୁର୍ଭାଗ୍ୟଜନକ ଆକସ୍ମିକ ଘଟଣା ନୁହେଁ, ଏହା ଏକ ବିସ୍ମୟ ଯାହା ତା'ର ଅଭିବ୍ୟକ୍ତି ଦିଗରେ ଆଗେଇ ଚାଲିଛି ।''

ଏ ଜଗତ ଆବଶ୍ୟକ କରେ ଭବିଷ୍ୟତର ସୌନ୍ଦର୍ଯ୍ୟ ଓ ଏକ ଉଜ୍ଜ୍ୱଳ ସମ୍ଭାବନା ସମ୍ପର୍କରେ ଏକ ସକାରାତ୍ମକ ଦୃଢ଼ ପ୍ରତିଶ୍ରୁତି । ଶ୍ରୀଅରବିନ୍ଦ ହିଁ ସେହି ପ୍ରତିଶ୍ରୁତି ଦେବାରେ ସକ୍ଷମ ହୋଇଛନ୍ତି । ସେ ନିଜେ ହିଁ ସେହି ପ୍ରତିଶ୍ରୁତି । ସେ ତାଙ୍କରି ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି ଯାହା ଫଳରେ ମାନବ ସମାଜ ଏକ ନୂତନ ଚେତନା ମଧ୍ୟରେ ଜନ୍ମଲାଭ କରିପାରିବ । ଏହି ପ୍ରତିଶ୍ରୁତିକୁ ସାକାର କରିବା ଲାଗି ହିଁ ଶ୍ରୀଅରବିନ୍ଦ ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ । ସେ କହିଛନ୍ତି ଯେ ମଣିଷ ହେଉଛି ଏକ ମଧ୍ୟବର୍ତ୍ତୀକାଳୀନ ଜୀବ । ସେ ବର୍ତ୍ତମାନ ମାନସ ଚେତନାରେ ବାସ କରୁଛି, କିନ୍ତୁ ସେ ଏକ ନୂତନ ସତ୍ୟଚେତନା ଲାଭ କରିପାରିବ । ବିବର୍ତ୍ତନ ଧାରାରେ ଏହା ସଂଘଟିତ ହେବା ପୂର୍ବନିର୍ଦ୍ଦିଷ୍ଟ । ମାତ୍ର ମଣିଷ ଇଚ୍ଛାକଲେ ଏହି ଧାରାଟିକୁ ତ୍ୱରାନ୍ୱିତ କରିଦେଇ ପାରିବ । ସେ ଏକ ସମ୍ପୂର୍ଣ୍ଣ, ସୁନ୍ଦର, ସୁସମଞ୍ଜସ ଜୀବନ ଯାପନ କରିପାରିବ । ପାର୍ଥିବ ଜଗତରେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କରି ସମଗ୍ର ଜୀବନକାଳ ମଧ୍ୟରେ ଏହି ଚେତନାକୁ - ଯାହାର ନାମ ସେ ଦେଇଛନ୍ତି ଅତିମାନସ ଚେତନା - ନିଜ ମଧ୍ୟରେ ପ୍ରତିଷ୍ଠା କରିବାରେ ଓ ତାଙ୍କରି ଅନୁଗାମୀମାନଙ୍କୁ ଏହାକୁ ଉପଲବ୍ଧି କରିବାରେ ସାହାଯ୍ୟ କରିବା ନିମିତ୍ତ, ମାର୍ଗଦର୍ଶନ କରାଇବା ନିମିତ୍ତ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଦେଇଥିଲେ ।

ପଣ୍ଡିଚେରୀରେ ଦୀର୍ଘ ୪୦ ବର୍ଷ କାଳ (୧୯୧୦ ରୁ ୧୯୫୦ ମସିହା ଅବଧିରେ) ଏକାନ୍ତ ବାସରେ ତୀବ୍ର କଠୋର ତପସ୍ୟା କରି - ରାଜର୍ଷି ଭଗୀରଥ ପତିତପାବନୀ ଗଙ୍ଗାଙ୍କୁ ବିଷ୍ଣୁଲୋକରୁ ଅବତରଣ କରି ଆଣିଲା ପରି - ମହାଯୋଗୀ ମହର୍ଷି ଶ୍ରୀଅରବିନ୍ଦ ଅତିମାନସ ସତ୍ୟଚେତନାକୁ ଅବତରଣ କରି ନେଇ ଆସିଥିଲେ । ଏହି ପ୍ରଚଣ୍ଡ ଶକ୍ତିଶାଳୀ ସତ୍ୟଚେତନାକୁ ପ୍ରଥମେ ନିଜ ଶରୀରକୁ ଆଧାର ରୂପେ ଅର୍ପଣ କରି ମହର୍ଷି ଦଧିଚୀଙ୍କ ପରି ଲୋକକଲ୍ୟାଣ ନିମନ୍ତେ ସ୍ୱେଚ୍ଛାରେ ସେ ଇହଲୀଳା ସମ୍ବରଣ କରିଥିଲେ - ଡିସେମ୍ବର ୫ ତାରିଖ, ୧୯୫୦ ମସିହାରେ ।

ମହାଯୋଗୀ ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ କେବଳ ଆପଣା ଶରୀର ମଧ୍ୟରେ ମୂର୍ତ୍ତ କରିଥିଲେ, ସେତିକି ନୁହେଁ, ଏହି ଲକ୍ଷ୍ୟରେ ଉପନୀତ ହେବା ଲାଗି ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ପୁଙ୍ଖାନୁପୁଙ୍ଖ ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ

ଉଦ୍‌ଘାଟିତ କରିଥିଲେ, ତାହାନୁହେଁ, ବରଂ ସିଏ ବ୍ୟକ୍ତିଗତ ସିଦ୍ଧିଦ୍ୱାରା ଆମ୍ଭମାନଙ୍କ ସମ୍ମୁଖରେ ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ରଖିଯାଇଛନ୍ତି, ସେ ଆମ୍ଭମାନଙ୍କୁ ଏହି ପ୍ରମାଣ ଦେଇ ଯାଇଛନ୍ତି ଯେ ଏହି ଲକ୍ଷ୍ୟ ନିଶ୍ଚିତ ରୂପେ ସାଧିତ ହୋଇପାରିବ ଏବଂ ଏଥିଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ - ଦେବ ମୁହୂର୍ତ୍ତ (The hour of God)। ଏହାର ସାଧନ ସମ୍ପର୍କରେ ସଚେ଼ତନ କରାଇବା ଏହି ଅତିମାନସ ଯାତ୍ରାକୁ ଅଧିକ ସାବଲୀଳ ଓ କ୍ଷିପ୍ରତର କରିବା ନିମିତ୍ତ ହିଁ ସେ ପୂର୍ଣ୍ଣଯୋଗର ଅବତାରଣା କରିଯାଇଛନ୍ତି - ଯାହା କୌଣସି ଧରାବନ୍ଧା ନୀତିନିୟମ, ବିଧି-ବିଧାନ କିମ୍ବା ପ୍ରଚାର ଉପଚାର ଦ୍ୱାରା ପରିଚାଳିତ ନୁହେଁ । ଏହା ସାର୍ବଜନୀନ ଓ ସର୍ବଜନ ଆଦୃତ । ପୃଥିବୀର ଯେକୌଣସି ପ୍ରାନ୍ତର, ଯେକୌଣସି ଧର୍ମର ଓ ବିଶ୍ୱାସର ବ୍ୟକ୍ତି ଏହି ଯୋଗ-ସାଧନାକୁ ଗ୍ରହଣ କରିପାରିବେ । ମାନବ ସମାଜର ଆଧ୍ୟାତ୍ମିକ ଇତିହାସରେ ଏହି ଧରଣର ଅନନ୍ୟତା ଉପସ୍ଥାପନ କରିଥିବା ବ୍ୟକ୍ତିତ୍ୱ ଅତି ବିରଳ। ଦିବ୍ୟଜନନୀ ଶ୍ରୀମା କହନ୍ତି:

"What Sri Aurobindo represents in the history of the earth's spiritual progress is not a teaching, not even a revelation; it is a mighty action straight from the Supreme."

(15 Aug. 1964, Ref: CWM-13, P. 4)

ଏହାର ଓଡ଼ିଆ ଭାବାନୁବାଦ ହେଲା - ‘‘ବିଶ୍ୱର ଆଧ୍ୟାତ୍ମିକ ଇତିହାସରେ ଶ୍ରୀଅରବିନ୍ଦ ଯାହା ପ୍ରତିନିଧିତ୍ୱ କରନ୍ତି ତାହା କୌଣସି ଶିକ୍ଷା ନୁହେଁ; ଏପରିକି କୌଣସି ଏକ ଦିବ୍ୟ ପ୍ରକଟନ ନୁହେଁ; ତାହାହେଲା ପରମଙ୍କ ଠାରୁ ପ୍ରତ୍ୟକ୍ଷ ଭାବେ ଉତ୍ସାରିତ ଏକ ନିଷ୍ପତ୍ତିମୂଳକ କର୍ମପ୍ରବାହ।’’

‘‘ଏକ ନିଷ୍ପତ୍ତିମୂଳକ କର୍ମପ୍ରବାହ’’ - ଏହି ବାକ୍ୟାଂଶଟି ସୂଚାଇ ଦିଏ ଯେ ଶ୍ରୀଅରବିନ୍ଦଙ୍କ କର୍ମଧାରା ଏପରି ପ୍ରବଳ ଶକ୍ତିସମ୍ପନ୍ନ ଯେ ତାହା ସଂଘଟିତ ହେବା ଅନିବାର୍ଯ୍ୟ ଓ ବିଧିନିର୍ଦ୍ଦିଷ୍ଟ । ଏହା କୌଣସି ପ୍ରଚାର ପ୍ରସାର କିମ୍ବା ବିଜ୍ଞାପନ କିମ୍ବା ଅନ୍ୟର ସହଯୋଗ କି ଅସହଯୋଗ ଉପରେ ନିର୍ଭର କରେନାହିଁ । ମହାଯୋଗୀ ଶ୍ରୀଅରବିନ୍ଦ କୌଣସି ପ୍ରଚାର-ପ୍ରସାର କି ବିଜ୍ଞାପନ ଉପରେ ବିଶ୍ୱାସ କରୁନଥିଲେ କି ପସନ୍ଦ କରୁନଥିଲେ । ସେ ବିଶ୍ୱାସ କରୁଥିଲେ ନୀରବ ଅଥଚ ବଳିଷ୍ଠ ଓ ଦୃଢ଼ କର୍ମାନୁଷ୍ଠାନ ଉପରେ । "I prefer to do solid work ....".

୧୯୦୮ ମସିହାରେ, ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଶ୍ରୀଅରବିନ୍ଦ ଆଲିପୁର ଜେଲ୍‌ରେ ବର୍ଷେ କାଳ ରାଜଦ୍ରୋହୀ ବନ୍ଦୀ ରୂପେ ଜୀବନଯାପନ କରିଥିଲେ । ଯେତେବେଳେ ଶ୍ରୀଅରବିନ୍ଦଙ୍କ ବିରୁଦ୍ଧରେ ବିଖ୍ୟାତ ଆଲିପୁର ବୋମା ମକଦ୍ଦମାର ଫଳାଫଳକୁ ଉତ୍ସୁକତାର ସହ ଦେଶବାସୀ ଚାହିଁ ରହିଥାନ୍ତି ସେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ବଙ୍ଗଳା ଭାଷାରେ ସୁପ୍ରସିଦ୍ଧ ଦୀର୍ଘ କବିତା ‘ନମସ୍କାର’ ପ୍ରକାଶ ପାଇଥିଲା । ଓଡ଼ିଆରେ ଏହାର ପ୍ରଥମ ପଦଟି ହେଲା -

‘‘ଅରବିନ୍ଦ ରବୀନ୍ଦ୍ରର ଘେନ ନମସ୍କାର ।
ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ ଆତ୍ମାର
ବାଣୀ ମୂର୍ତ୍ତି ତୁମେ । ତୁମ ଲାଗି ନୁହେଁ ମାନ,
ନୁହେଁ ଧନ, ନୁହେଁ ସୁଖ, କେଉଁ କ୍ଷୁଦ୍ର ଦାନ
ଚାହିଁନାହଁ କେଉଁ କ୍ଷୁଦ୍ର କୃପାଭିକ୍ଷା ଲାଗି
ବାଢ଼ିନାହଁ ଆତୁର ଅଞ୍ଜଳି, ଅଛଜାଗି
ପରିପୂର୍ଣ୍ଣତାର ଲାଗି ସର୍ବ ବାଧାହୀନ ।
ଯା'ର ଲାଗି ନରହେ ଚିର ରାତ୍ରୀଦିନ
ତପୋ ମଗ୍ନ, ଯା'ରଲାଗି ବଜ୍ରରବେ
ଗାଇଛନ୍ତି ମହାଗୀତ, ମହାବୀରସର୍ବେ
ଯାଇଛନ୍ତି ସଙ୍କଟ ଯାତ୍ରାରେ .....’’

ଶ୍ରୀଅରବିନ୍ଦ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇ ଜେଲ୍‌ରୁ ମୁକ୍ତ ହେଲେ । ଏହି ମକଦ୍ଦମାର ଫଳାଫଳ ଯୋଗୁଁ ସରକାରୀ ଦପ୍ତର ଲଜ୍ଜିତ ହେଲେ। କିନ୍ତୁ ଦେଶପ୍ରେମୀ ଓ ଶ୍ରେଷ୍ଠ ନେତା ରୂପେ ଶ୍ରୀଅରବିନ୍ଦ ଦେଶବାସୀଙ୍କ ହୃଦୟରେ ଦେବତାର ସ୍ଥାନ ଅଧିକାର କଲେ ।

୧୯୧୦ ମସିହାରେ ଫ୍ରାନ୍‌ସର ଗୁଣୀଜ୍ଞାନୀ ବ୍ୟକ୍ତି ପଲ୍ ରିଚାର୍ଡ଼ (Paul Richard) କୌଣସି ରାଜନୈତିକ କାର୍ଯ୍ୟରେ ପଣ୍ଡିଚେ଼ରୀ ଆସିଥିଲେ । ପଣ୍ଡିଚେ଼ରୀର ଗଣ୍ୟମାନ୍ୟ ଲୋକଙ୍କଠାରୁ ଶ୍ରୀଅରବିନ୍ଦଙ୍କ ବିଷୟରେ ଅବଗତ ହୋଇ ତାଙ୍କରି ଦର୍ଶନାଭିଳାଷୀ ହେଲେ । ଦର୍ଶନଶାସ୍ତ୍ର ଓ ଆଧ୍ୟାତ୍ମିକତା ପ୍ରତି ତାଙ୍କର ସହଜାତ ଆଗ୍ରହ ଓ ଆକର୍ଷଣ ରହିଥିଲା । ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କଲାପରେ ସେ ଲେଖନ୍ତି:

"The hour is coming of great things, of great events and also of great men, the Divine man of Asia. All my life I have sought for them across the world for my life. I had felt they must exist somewhere in the world; that this world would die if they did not live, For they are its light, its heat, its life. It is in Asia I found the greatest man of them - the leader, the hero of tomorrow. He is a Hindu. His name is Aurubindo Ghose". (Ref: 'Beyond Man'

by George Van Vrekhem. P: 93) ଏହାର ଭାବାନୁବାଦ ହେଲା- ସମୟ ଉପଗତ ମହାନ ବିଷୟ ଲାଗି, ମହାନ ଘଟଣା ଓ ମହତ୍ ବ୍ୟକ୍ତିଙ୍କ ଆଗମନ ଲାଗି- ଏସିଆ ମହାଦେଶର ଦିବ୍ୟମାନବଙ୍କ ଲାଗି । ମୁଁ ମୋର ସାରା ଜୀବନ ପୃଥିବୀ ବ୍ୟାପି ସେମାନଙ୍କ ଅନ୍ୱେଷଣରେ ସମୟ ଅତିବାହିତ କରିଛି । ମୁଁ ଅନୁଭବ କରିଛି ଯେ ଜଗତର କେଉଁଠି ନା କେଉଁଠି ସେମାନେ ଅବଶ୍ୟ ଅଛନ୍ତି । ଯଦି ସେମାନେ ନଥାନ୍ତେ ଏ ପୃଥିବୀ କେଉଁ କାଳୁ ଧ୍ୱଂସ ହୋଇସାରନ୍ତାଣି । କାରଣ ସେମାନେ ତା'ର ଆଲୋକ, ଉତ୍ତାପ ଓ ଜୀବନ । ସେମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠ ବ୍ୟକ୍ତି ସେହି ବ୍ୟକ୍ତିଙ୍କୁ ମୁଁ ଏସିଆରେ ଆବିଷ୍କାର କରିପାରିଛି - ସେ ହେଉଛନ୍ତି ଆଗାମୀ କାଲିର ଅଗ୍ରଣୀ ନେତା ଓ ବୀରନାୟକ । ସେ ଜଣେ ହିନ୍ଦୁ । ତାଙ୍କରି ନାମ ଅରବିନ୍ଦ ଘୋଷ ।''

ଶ୍ରୀଅରବିନ୍ଦଙ୍କ ସହ ପଲ୍ ରିଚାର୍ଡ଼ଙ୍କର ଏହି ସାକ୍ଷାତକାର ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ପଲ୍ ରିଚାର୍ଡ଼ ତାଙ୍କର ସହଧର୍ମିଣୀ ମୀରା ଆଲଫାସାଙ୍କ ସହ ସୁଦୂର ପ୍ୟାରିସ ସହରରୁ ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ସେତେବେଳେ ଫ୍ରାନ୍ସର ଜଣେ ବିଦୂଷୀ, ମହୀୟସୀ ମହିଳା ରୂପେ ମୀରା ଆଲଫାସା ପରିଚିତା ଥିଲେ । ସେ ଯାଏଁ ସେ ଆଦ୍ୟାଶକ୍ତି ମହାମାୟା ଦିବ୍ୟଜନନୀ ଶ୍ରୀମା ରୂପେ ପରିଚିତା ହୋଇନଥିଲେ । ଏହା ଥିଲା ଶ୍ରୀଅରବିନ୍ଦଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତକାର ଯାହାଙ୍କୁ ସେ ବାରମ୍ବାର ସ୍ୱପ୍ନରେ ଦେଖି କୃଷ୍ଣ ବୋଲି ନାମିତ କରିଥିଲେ ଓ ଅନେକ ଗୂଢ଼ ଆଧ୍ୟାତ୍ମିକ ରହସ୍ୟର ଶିକ୍ଷାଲାଭ କରିପାରିଥିଲେ । ବର୍ତ୍ତମାନ ଏହି ମଣି-କାଞ୍ଚନ ସଂଯୋଗ ପ୍ରତ୍ୟକ୍ଷରେ ହେଲା ପରେ ମାର୍ଚ୍ଚ ୩୦ ତାରିଖ ୧୯୧୪ର ଧ୍ୟାନ ଓ ପ୍ରାର୍ଥନାରେ ଦିବ୍ୟଜନନୀ ଲେଖନ୍ତି: ''ଶତ ଶତ ଜୀବ ଯଦି ଗାଢ଼ତମ ଅଜ୍ଞାନତା ମଧ୍ୟରେ ବୁଡି ରହିଥାନ୍ତି ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ । କାଲି ଯାହାଙ୍କୁ ଆମେ ଦେଖିଲୁ ସେ ପୃଥିବୀପୃଷ୍ଠରେ ବିଦ୍ୟମାନ । ସେହି ଉପସ୍ଥିତି ହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ଆଉ ତୋର ରାଜତ୍ୱ ଯଥାର୍ଥରେ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।''

୧୯୨୮ ମସିହା ମେ ମାସ ୨୯ ତାରିଖରେ ଶ୍ରୀଅରବିନ୍ଦଙ୍କୁ ଦ୍ୱିତୀୟ ଥର ଦର୍ଶନ କରିବା ଲାଗି ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ୟୁରୋପରୁ ପ୍ରତ୍ୟାବର୍ତ୍ତନ ବେଳେ ପଣ୍ଡିଚେରୀରେ ଅଟକିଗଲେ । ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ସେ ତାଙ୍କ ଅନୁଭୂତିକୁ ନିମ୍ନମତେ ଲିପିବଦ୍ଧ କରିଛନ୍ତି: ''ମୁଁ ପ୍ରତ୍ୟକ୍ଷ କଲି ପ୍ରାଚୀନ ଆର୍ଯ୍ୟଋଷିଙ୍କ ବାଣୀ ଯେପରି ତାଙ୍କରି ମାଧ୍ୟମରେ ଘୋଷଣା କରୁଛି ସେହି ଅନାବିଳ ପ୍ରଶାନ୍ତି ଯାହା ମାନବର ଆତ୍ମାକୁ ସକଳର ମାଧ୍ୟମରେ, ମିଳନର ସ୍ୱଚ୍ଛନ୍ଦ୍ୟରେ ଧରି ରଖିଛି । ମୁଁ ତାଙ୍କୁ କହିଲି, ଆପଣ ସେହି ବାଣୀର ସଂଧାନ ପାଇଛନ୍ତି ଯେଉଁଥିଲାଗି ଆମେ ଅପେକ୍ଷା କରିଛୁ । ଭାରତର ବାଣୀ ଆପଣଙ୍କ କଣ୍ଠ ସ୍ୱରରେ ଧ୍ୱନିତ ହେବ, ଶୃଣ୍ୱନ୍ତୁ ବିଶ୍ୱେ ..... । ବହୁବର୍ଷ ପୂର୍ବେ ଶ୍ରୀଅରବିନ୍ଦଙ୍କୁ ତାଙ୍କରି ବୀର୍ଯ୍ୟଦୀପ୍ତ ଯୌବନରେ ଦେଖିଥିଲି । ମୁଁ ତାଙ୍କର ପ୍ରଶସ୍ତି ରଚନା କରି ଲେଖିଥିଲି- ''ଅରବିନ୍ଦ ରବୀନ୍ଦ୍ରେର ଲହ (ନିଅ) ନମସ୍କାର ।'' ଆଜି ମୁଁ ତାଙ୍କୁ ଦେଖିଲି ପ୍ରଜ୍ଞାର ମୌନ ଐଶ୍ୱର୍ଯ୍ୟର ଜ୍ୟୋତିରେ । ମନେ ମନେ ପୁନର୍ବାର କହିଲି ''ଅରବିନ୍ଦ ରବୀନ୍ଦ୍ରେର ଲହ (ନିଅ) ନମସ୍କାର'' ।

କହିବା ବାହୁଲ୍ୟ ଯେ ବିଶ୍ୱକବି ରବୀନ୍ଦ୍ରନାଥ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଠାରୁ ବୟସରେ ପ୍ରାୟ ୧୨ ବର୍ଷ ବଡ଼ ।

୧୯୧୯ ମସିହା ଏପ୍ରିଲ୍ ୨୦ ତାରିଖରେ ମିସେସ୍ ଏନି ବେସାନ୍ତଙ୍କ ପରାମର୍ଶକ୍ରମେ ବିଖ୍ୟାତ ଚିତ୍ରକର ମୁକୁଲ ଦେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ତାଙ୍କର ଏକ ଛବି ଆଙ୍କିବା ଲାଗି ଅନୁମତି ଚାହିଁଥିଲେ ଓ ଶ୍ରୀଅରବିନ୍ଦ ସ୍ୱୀକୃତି ପ୍ରଦାନ କରିଥିଲେ । ଶ୍ରୀଅରବିନ୍ଦ ଗୋଟିଏ କାଠଚୌକିରେ ଘଣ୍ଟାକରୁ ଅଧିକ ସମୟ ନୀରବ ନିଶ୍ଚଳ ହୋଇ ବସିଥିଲେ । ଏହି ଅବଧିରେ ଆଖି ପଲକ ବି ସ୍ଥିର ନିଶ୍ଚଳ ରହିଥିଲା । ତିନୋଟି ବୈଠକରେ ସେ ତାଙ୍କର ଚିତ୍ର ଆଙ୍କିବା ଅବସରରେ ଏପରି ନିଶ୍ଚଳ ଭାବେ ବସିଥିବା ଦେଖି ମୁକୁଲ ଦେ ବିସ୍ମିତ ଓ ଚମତ୍କୃତ ହୁଅନ୍ତି । ସେ କହନ୍ତି: ''ସତ୍ୟ-ଶିବ-ସୁନ୍ଦରର ଉପାସକ ସଚ୍ଚିଦାନନ୍ଦ ସ୍ୱରୂପ ଆମ ଭାରତର ଜଣେ ମହାନ୍ ମହର୍ଷିଙ୍କୁ ମୁଁ ନୟନ ଭରି ଦେଖିପାରିଛି । ସେହି ଦିନର ସେହି ଋତ୍ୱିକ୍ ମୁଖର ହସ ଓ ପ୍ରଚ୍ଛନ୍ନ ଦୃଷ୍ଟି ଆଜିମଧ୍ୟ ମୋର ମାନସଚକ୍ଷୁରେ ଅମ୍ଳାନ ଭାବେ ରହିଛି ।''

କନ୍ନଡ଼ ସାହିତ୍ୟର 'ଜନପଥ' ପୁରସ୍କାରପ୍ରାପ୍ତ ପଦ୍ମଶ୍ରୀ ଭି. କେ. ଗୋକକ୍ (Dr. V. K. Gokak), ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଡ଼. କେ. ଆର୍. ଶ୍ରୀନିବାସ ଆୟାଙ୍ଗାର ଓ ଡ: ସି. ଆର. ରେଡ୍ଡିଙ୍କ ପରି ଅନେକ ମନୀଷୀ ଓ ବୁଦ୍ଧିଜୀବୀ ଶ୍ରୀଅରବିନ୍ଦଙ୍କର ଭୂୟସୀ ପ୍ରଶଂସା କରିଯାଇଛନ୍ତି । ଭାରତର ପୂର୍ବତନ ରାଷ୍ଟ୍ରପତି ଦାର୍ଶନିକ Dr. ରାଧାକ୍ରିଷ୍ଣନ୍ କହନ୍ତି: ''ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟିରୁ ପ୍ରକାଶିତ ଚମତ୍କାର ଭାଷାରେ ଯେଉଁ ଶାଣିତ ଯୁକ୍ତି ଉପସ୍ଥାପନା କରିଛନ୍ତି ତାହା ତାଙ୍କ ମତରେ ମୂଳ ବେଦାନ୍ତ । ତାଙ୍କର ସମନ୍ୱୟଧର୍ମୀ ତତ୍ତ୍ୱ ଅନୁସାରେ ବସ୍ତୁ ପର୍ଯ୍ୟାୟରୁ ଚୂଡ଼ାନ୍ତ ଭାଗବତ ପର୍ଯ୍ୟାୟ ଯାଏ ବ୍ରହ୍ମ (Absolute) ବହୁ ସ୍ତରରେ ଅଭିବ୍ୟକ୍ତ, ବହୁସ୍ତର ଦେଇ ସୃଷ୍ଟିର ବିକାଶ ।'' ବିଶିଷ୍ଟ

ଦାର୍ଶନିକ, ଶ୍ରୀଅରବିନ୍ଦ ଆଶ୍ରମର ସଭ୍ୟ, ପୂର୍ଣ୍ଣଯୋଗର ଅନନ୍ୟ ପ୍ରବକ୍ତା ଅରବିନ୍ଦ ବସୁ ଲେଖନ୍ତି: "Sri Aurobindo, the illumined, inspired seer-poet has raised poetry to the level of mantra and transformed English into a devabhasa, a language of Gods."
(Ref: Sri Aurobindo : A garland of Tributes, Aug 1973, Page: 3, Editor - Dr. Arabinda Basu)

ଏହାର ଓଡ଼ିଆ ଭାବାନୁବାଦ ହେଲା: ପ୍ରଦୀପ୍ତ ପ୍ରେରଣାଯୁକ୍ତ ଋଷି-କବି ଶ୍ରୀଅରବିନ୍ଦ କବିତାକୁ ମନ୍ତ୍ରର ସ୍ତରକୁ ଉନ୍ନୀତକରି ଇଂରେଜୀ ଭାଷାକୁ ଦେବ ଭାଷାରେ ରୂପାନ୍ତରିତ କରିଦେଇ ଯାଇଛନ୍ତି ।''

ପୁନଶ୍ଚ ଲେଖନ୍ତି: "If Sri Aurobindo's life-task has been to realise the Divine by the Supermind and then to effect its descent in mind, Life and Matter, to help man to become superman, then he is preeminently the Avatar of the Age. The Agnostic became a seer, the seer, evolved into a Yogi, the Yogi received in his material body the Supramental Consciousness, the spiritual mystic without peer became the incarnate Divine." (i bid p: 7-8) ଏହାର ଓଡ଼ିଆ ଭାବାନୁବାଦ ହେଲା : ''ଯଦି ଶ୍ରୀଅରବିନ୍ଦଙ୍କ ଜୀବନର ବ୍ରତ ଥିଲା ଅତିମାନସ ଶକ୍ତିଦ୍ୱାରା ଦିବ୍ୟପରମ ସତ୍ତାଙ୍କୁ ଉପଲବ୍ଧି କରିବା, ତା'ର ପ୍ରଭାବକୁ ବିଶ୍ୱମନ, ବିଶ୍ୱପ୍ରାଣ ଓ ବିଶ୍ୱ-ଜଡ଼ ମଧ୍ୟକୁ ଅବତରଣ କରାଇ ଅତିମାନବ ହେବା ନିମିତ୍ତ ମଣିଷକୁ ସାହାଯ୍ୟ କରିବା, ତେବେ ସେ ନିଶ୍ଚିତ ରୂପେ ଏ ଯୁଗର ସର୍ବଶ୍ରେଷ୍ଠ ବା ସର୍ବାଗ୍ରଗଣ୍ୟ ଅବତାର ଅଟନ୍ତି ।

ନାସ୍ତିକ ହେଲେ ସନ୍ଥ, ସନ୍ଥ ବିବର୍ତ୍ତିତ ହେଲେ ଯୋଗୀ ରୂପରେ, ଯୋଗୀ ଆପଣା ଜଡ଼ ଶରୀରରେ ଅତିମାନସ ଚେତନାକୁ ଗ୍ରହଣ କରି ଆଧ୍ୟାତ୍ମିକ ରହସ୍ୟବାଦୀ ହେଲେ ଜଣେ ଅତୁଳନୀୟ ଦିବ୍ୟ ବିଗ୍ରହ - ଭଗବାନ !''

"The day is not far off when Cosmic Nature will sing an endless poem of tribute to the Rishi, the Yogi, the Avatar - Sri Aurobindo."
(Ref. Sri Aurobindo - garland of tributes)

''ସେହିଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ବିଶ୍ୱପ୍ରକୃତି ଶେଷହୀନ ପ୍ରଶସ୍ତିର ବିଜୟ ସଙ୍ଗୀତ ଗାନ କରିବ ସେହି ମହାନ୍ ମହର୍ଷି, ଯୋଗୀ ଓ ଅବତାରଙ୍କ ଉଦ୍ଦେଶ୍ୟରେ - ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ !''

୧୯୪୮ ଡ଼ିସେମ୍ବର ମାସରେ ଶ୍ରୀଅରବିନ୍ଦଙ୍କୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ତରଫରୁ ଜାତୀୟ ପୁରସ୍କାର ଦିଆଯାଇଥିଲା । ସମ୍ମାନପତ୍ରରେ ଲେଖାଯାଇଥିଲା ଯେ ସେ ଜାତିର ଜଣେ ମହାନ୍ ମହାବୀରଙ୍କ ଠାରୁ ମଧ୍ୟ ମହତ୍ତର, ସେ ଜଣେ ସର୍ବଯୁଗର ସର୍ବମାନବ ଗୋଷ୍ଠୀର ବ୍ୟକ୍ତି । ସେ ସନାତନ, ସେ ମାନବ ସମାଜର ତ୍ରାଣକର୍ତ୍ତା, ମହାନ୍ କବି, ନାଟ୍ୟକାର, ଦାର୍ଶନିକ ଓ ସମାଲୋଚକ । ବେଦ, ଗୀତା ଆଦିର ଅନନ୍ୟ ଭାଷ୍ୟକାର - ସେ ବହୁଭାବରେ ଏ ସବୁଠାରୁ ମଧ୍ୟ ଅଧିକ, ଅନ୍ତହୀନ ବିଶ୍ୱାତ୍ମାରେ ତଲ୍ଲୀନ ସାଧୁ ଓ ସନ୍ଥ ଯିଏ ବିଶ୍ୱାତୀତ ମହାସତ୍ୟକୁ ବିଶ୍ୱରେ ବିତରଣ କରିଛନ୍ତି ।

ତାମିଲନାଡୁର ଶସ୍ୟାଗାର ରୂପେ ପରିଚିତ ତାଞ୍ଜୋର ଜିଲ୍ଲାରେ ସ୍ୱାମୀ ବାସୁଦେବ ଆୟାଙ୍ଗାର ନାମକ ଜଣେ ସିଦ୍ଧଗୁରୁ ଥିଲେ । ସେ 'ନାଗାଇଜାପତା' ନାମକ ଏକ ବୈଷ୍ଣବ ସମ୍ପ୍ରଦାୟ ପ୍ରତିଷ୍ଠା କରିଥିଲେ । ତାଞ୍ଜୋର ସହର ଉପକଣ୍ଠରେ 'କୁସୁମାକରନ୍' ନାମରେ ତାଙ୍କରି ଗାଦି ଭଗ୍ନାବସ୍ଥାରେ ପରିତ୍ୟକ୍ତ ହୋଇ ଏଯାଏଁ ରହିଛି । ସ୍ୱାମୀ ବାସୁଦେବ ଆୟାଙ୍ଗାର ତିରୁଚିରାପଲ୍ଲୀ ଜିଲ୍ଲାର କୋଡ଼ିୟାଲ୍ଲମ୍ ଗ୍ରାମର ବିଖ୍ୟାତ ଜମିଦାର ଭି. ରଙ୍ଗସ୍ୱାମୀ ଆୟାଙ୍ଗରଙ୍କର ସେ କୁଳଗୁରୁ ଥିଲେ । ସେ ନିଜ ଦେହରକ୍ଷାର ଅବ୍ୟବହିତ ପୂର୍ବରୁ ଜମିଦାର ପରିବାରର ସମସ୍ତ ଶିଷ୍ୟମାନଙ୍କ ଗହଣରେ ଘୋଷଣା କରିଥିଲେ ଯେ, ଉତ୍ତର ଭାରତରୁ ଜଣେ ମହାନ୍ ଯୋଗୀ ନିକଟ ଭବିଷ୍ୟତରେ ଆସିବେ । ସେମାନେ ତାଙ୍କୁ ଆପଣାର ଗୁରୁରୂପେ ଗ୍ରହଣ କରିପାରିବେ । ସେ ଉତ୍ତରା ଯୋଗୀ ରୂପେ ପରିଚିତ ହେବେ । ସେ ସମଗ୍ର ମାନବ ସମାଜକୁ ଏକ ନୂତନ ପଥର ସନ୍ଧାନ ଦେବେ । ତାଙ୍କର ଆଗମନ ସୂଚାଇଦେବ ଯେ ଭାରତବର୍ଷ ଅଚିରେ ସ୍ୱାଧୀନତା ପ୍ରାପ୍ତ କରିବ । ସେ ତାଙ୍କର ତିନୋଟି ପାଗଳାମି ବା ବିଶେଷ ଆଦର୍ଶ ଯୋଗୁଁ ଦେଶରେ ବେଶ ପରିଚିତ ହେବେ । (Refer: Uttara Yogi - a historical novel by Arup Mitra, Art teacher of Sri Aurobindo International Centre of Education, Pondicherry)

୧୯୦୫ ମସିହାରେ ଶ୍ରୀଅରବିନ୍ଦ ତାଙ୍କର ସହଧର୍ମିଣୀ ମୃଣାଳିନୀ ଦେବୀଙ୍କ ନିକଟକୁ ବଙ୍ଗଳା ଭାଷାରେ ଲିଖିତ ଚିଠିରେ ୩ଟି ପାଗଳାମି କଥା ଲେଖିଛନ୍ତି । ଅତି ସଂକ୍ଷିପ୍ତରେ ସେହି ତିନୋଟି ପାଗଳାମି ହେଲା : ୧. ତାଙ୍କରି ପ୍ରତିଭା, ଉଚ୍ଚଶିକ୍ଷା, ବିଦ୍ୟା, ଧନ ଯାହାକିଛି ଅଛି ସବୁ ଭଗବାନଙ୍କର । ତେଣୁ ସବୁକିଛି ତାଙ୍କରି ପାଇଁ ହିଁ ବିନିଯୋଗ ହେବା ଆବଶ୍ୟକ । ଦ୍ୱିତୀୟ ପାଗଳାମି ହେଲା- ୨. ଯେକୌଣସି ପ୍ରକାରେ ଭଗବାନଙ୍କ ସହ ସାକ୍ଷାତ୍ ଦର୍ଶନ ଲାଭ କରିବାକୁ ହେବ ।

୩. ତୃତୀୟ ମନୋଭାବଟି ହେଲା, ଲୋକେ ସ୍ୱଦେଶକୁ ଗୋଟାଏ ଜଡ଼ ପଦାର୍ଥ, କେତେଗୁଡ଼ାଏ ପଡ଼ିଆ ଜମି, ଶସ୍ୟକ୍ଷେତ୍ର, ବଣ, ପର୍ବତ, ନଦୀ ବୋଲି ଜାଣନ୍ତି । କିନ୍ତୁ ସ୍ୱଦେଶ ମାତୃସ୍ୱରୂପା ଅଟନ୍ତି । (ଅତି ଉପାଦେୟ ଚମତ୍କାର ଚିଠିଟି ଶ୍ରୀଅରବିନ୍ଦ ସାହିତ୍ୟ ସଂଗ୍ରହ, ଖଣ୍ଡ ୧, ପୃ ୨୨୭-୨୨୮ରେ ସ୍ଥାନିତ । ସବିସ୍ତୃତ ବିବରଣୀ ସେଥିରୁ ପଠନୀୟ)

ମୃଣାଳିନୀ ଦେବୀଙ୍କ ନିକଟକୁ ଲିଖିତ ପତ୍ର ସବୁ ପୁଲିସ୍ ହାତରେ ପଡ଼ି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା । ଭି. ରଙ୍ଗସ୍ୱାମୀ ଆୟାଙ୍ଗାର ''ମୋର ତିନୋଟି ପାଗଳାମି'' ଶିରୋନାମାରେ ପ୍ରକାଶିତ ପତ୍ରଟିକୁ ଉତ୍କଣ୍ଠାର ସହ ପଢ଼ି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରିବା ଲାଗି କଲିକତା ଯାଇଥିଲେ । ସେଠାରୁ ନିରାଶ ହୋଇ ଫେରିବା ପରେ ସୂଚନା ପାଇ ପଣ୍ଡିଚେରୀସ୍ଥ ଶଙ୍କର ଚେଟ୍ଟୀଆରଙ୍କ ଘରେ ତାଙ୍କର କୁଳଗୁରୁ ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇ କୃତକୃତ୍ୟ ହୋଇଥିଲେ । ନାଗାଇଜାପତା ସ୍ୱାମୀ ବାସୁଦେବ ଆୟାଙ୍ଗାରଙ୍କ ଭବିଷ୍ୟବାଣୀ ସଫଳ ହୋଇଥିଲା । ଦକ୍ଷିଣ ଭାରତରେ ମହାଯୋଗୀ ଶ୍ରୀଅରବିନ୍ଦ ''ଉତ୍ତରା ଯୋଗୀ'' ରୂପେ ପରିଚିତ ହୋଇଥିଲେ ।

ବେଲ୍‌ଜିୟମ୍‌ର ଲେଖକ, ଦାର୍ଶନିକ, ଅଧ୍ୟାତ୍ମବାଦୀ ମହିଳା ଆଲକ୍‌ଜେଣ୍ଡ୍ରା ଡାଭିଡ୍ ନିଲ୍ (Alexandra David - Neel, 1868-1969). ୧୯୧୧ ମସିହାରେ ଭାରତ ପରିଭ୍ରମଣ କଲାବେଳେ ଶ୍ରୀଅରବିନ୍ଦଙ୍କ ସହ ପଣ୍ଡିଚେରୀରେ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲେ । ସାକ୍ଷାତ୍ କଲାପରେ ସେ ଲେଖନ୍ତି: "I spent two wonderful hours reveiwing the ancient philosophical ideas of India with a man of rare intelligence. He belongs to that uncommon category I so much admire, the reasonable mystic. I am truely grateful to the friends who advised me to visit this man. He thinks with such clarity, there is such lucidness in his reasoning, such lustre in his eyes, that he leaves one with an impression of having contemplated the genius of India such as one dreams it to be after reading the noblest pages of Hindu philosophy."
(Ref : Sri Aurobindo Archives and Research, 1887, P: 114)

ଏହାର ଭାବାନୁବାଦ ହେଲା: ''ଭାରତର ପ୍ରାଚୀନ ଦାର୍ଶନିକ ଚିନ୍ତାଧାରା ସମ୍ପର୍କରେ ଜଣେ ଅନନ୍ୟ ମନୀଷା-ସମ୍ପନ୍ନ ବ୍ୟକ୍ତିଙ୍କ ସହ ଅତି ଚମତ୍କାର ଦୁଇଘଣ୍ଟା ମୁଁ ଅତିବାହିତ କରିଥିଲି । ସେ ଅସାଧାରଣ ବର୍ଗର ଜଣେ ରହସ୍ୟବାଦୀ ଯୋଗୀ ଥିଲେ, ଯାହାଙ୍କୁ ମୁଁ ଏତେ ସମ୍ମାନ କରେ । ଏପରି ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବା ଲାଗି ଯେଉଁ ବନ୍ଧୁମାନେ ମୋତେ ପରାମର୍ଶ ଦେଇଥିଲେ, ମୁଁ ସତରେ ସେମାନଙ୍କ ପ୍ରତି କୃତଜ୍ଞ । ତାଙ୍କରି ଚିନ୍ତାରେ ଏପରି ସ୍ୱଚ୍ଛତା ଥିଲା, ତାଙ୍କରି ଯୁକ୍ତିଗୁଡ଼ିକ ଏପରି ସୁବୋଧ ଓ ସ୍ୱଷ୍ଟ ଥିଲା, ତାଙ୍କରି ଚକ୍ଷୁରେ ଏପରି ଔଜଲ୍ୟ ଥିଲା ଯେ ଜଣେ ହିନ୍ଦୁ ଦର୍ଶନ ଶାସ୍ତ୍ରର ମହତ୍ତ୍ୱପୂର୍ଣ୍ଣ ସାରଗର୍ଭକ ପୃଷ୍ଠାଗୁଡ଼ିକ ପଢ଼ିଲା ପରେ ଭାରତର ପ୍ରତିଭା ସମ୍ପର୍କରେ ଯେପରି କଳ୍ପନା କରିଥାଏ, ସେପରି ସ୍ୱପ୍ନର ଏକ ଧାରଣା ସେ ମାନସପଟରେ ଉଦ୍ରେକ କରିଦେଇଥିଲେ ।

ଶ୍ରୀଅରବିନ୍ଦଙ୍କର ଥିଲା ୫ଟି ସ୍ୱପ୍ନ । ଅତି ସଂକ୍ଷିପ୍ତରେ କୁହାଯାଇ ପାରେ ଯେ ୧. ଭାରତର ଐକ୍ୟ, ୨. ଏସିଆ ମହାଦେଶର ଅଭ୍ୟୁଦୟ, ୩. ମାନବ ସମାଜର ଐକ୍ୟ, ୪. ପୃଥିବୀ ଲାଗି ଭାରତର ଆଧ୍ୟାତ୍ମିକ ଅବଦାନ, ୫. ତ୍ୱରାନ୍ୱିତ ବିବର୍ତ୍ତନ ପ୍ରକ୍ରିୟା ଦ୍ୱାରା ଅତିମାନସ ପ୍ରଜାତିର ଆବିର୍ଭାବ - ଏହି ୫ଟି ସ୍ୱପ୍ନକୁ ସାକାର କରିବା ଲାଗି ସେ ସମଗ୍ର ମାନବ ସମାଜକୁ ଅନୁପ୍ରାଣିତ କରିବା ସଙ୍ଗେ ସଙ୍ଗେ ସେଥିନିମିତ୍ତ ଆପଣାର ସମସ୍ତ ଯୋଗଶକ୍ତିକୁ ପ୍ରୟୋଗ କରିଛନ୍ତି ଓ ଯଥାର୍ଥ ମାର୍ଗଦର୍ଶନ କରାଇଛନ୍ତି ।

ଶ୍ରୀଅରବିନ୍ଦଙ୍କ ସ୍ୱଳ୍ପକାଳୀନ ରାଜନୈତିକ ସକ୍ରିୟତାକୁ ନେଇ ବିଖ୍ୟାତ ଐତିହାସିକ ଓ ପ୍ରାକ୍ତନ ମଧ୍ୟପ୍ରଦେଶର ଗଭର୍ଣ୍ଣର ଶ୍ରୀ ପଟ୍ଟାଭି ସୀତାରାମାୟା (1880-1959) ଲେଖନ୍ତି: ''ଶ୍ରୀଅରବିନ୍ଦଙ୍କ ପ୍ରତିଭା ଉଲ୍‌କା ପରି ଝଟକି ଉଠିଥିଲା, ତେବେ ଆକାଶ ଶୀର୍ଷରେ ତାହା ବିରାଜିତ ଥିଲା - ଅତି ସ୍ୱଳ୍ପ କାଳ ଲାଗି, ଅଥଚ ସେତିକି ସମୟ ମଧ୍ୟରେ କନ୍ୟାକୁମାରୀଠାରୁ ହିମାଳୟ ଯାଏ ସାରା ଦେଶ ଉଦ୍ଭାସିତ ହୋଇ ଉଠିଥିଲା ତାହାର ଦ୍ୟୁତିର ଉଜ୍ଜ୍ୱଳତାରେ ।''

ଡ଼. କେ. ଏମ୍ ମୁନ୍‌ସି (Dr. K. M. Munshi, 1887-1971) ଜବାହାରଲାଲ ନେହ୍ରୁଙ୍କ ମନ୍ତ୍ରୀମଣ୍ଡଳରେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ । ଭାରତର ସମ୍ବିଧାନ ପ୍ରଣୟନ କରିବାରେ ମଧ୍ୟ ତାଙ୍କରି ବିଶେଷ ଭୂମିକା ରହିଥିଲା । ବରୋଦା କଲେଜରେ ସେ ଶ୍ରୀଅରବିନ୍ଦଙ୍କର ଜଣେ ଗୁଣମୁଗ୍ଧ ଛାତ୍ର ଥିଲେ । ତାଙ୍କରି ଦ୍ୱାରା ସଂକଳିତ ମାସିକ ପତ୍ରିକା Bhavan's Journalରେ ସେ ଲେଖନ୍ତି: "To the students of the college Prof. A. Ghose was a figure enveloped in a mystery. He was reputed to be a poet, a master of many languages". ସେ ସ୍ୱୀକାର କରନ୍ତି ଯେ Prof. A Gଙ୍କ ଦ୍ୱାରା ସେ ଜୀବନରେ ବହୁ ଭାବରେ ପ୍ରଭାବିତ ହୋଇଛନ୍ତି ।

୧୮୯୩ ମସିହାରୁ ୧୯୦୬ ମସିହା ମଧ୍ୟରେ ତେରବର୍ଷ କାଳ ବରୋଦାରେ ସେ ତାଙ୍କରି କର୍ମମୟ ଜୀବନ ଆରମ୍ଭ କରି ବିଭିନ୍ନ ଦପ୍ତରରେ କାର୍ଯ୍ୟ କରିଥିଲେ । ଉକ୍ତ ଅବସରରେ ସର୍ବଦା ବରୋଦା ରାଜାଙ୍କ ଅନୁରୋଧକ୍ରମେ ସେ ତାଙ୍କର ସବୁ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଓ ବକ୍ତୃତା ପ୍ରସ୍ତୁତ କରୁଥିଲେ । କାରଣ ବରୋଦା ରାଜା ସୟାଜୀରାଓ ଗାଇକ୍ୱାଡ଼ ଜାଣିଥିଲେ ଯେ ଶ୍ରୀଅରବିନ୍ଦଙ୍କ ଇଂରାଜୀ ରଚନାଶୈଳୀ ଅତି ଉଚ୍ଚକୋଟୀର - ତାହାର ପଟାନ୍ତର ନାହିଁ । ବରୋଦା କଲେଜରେ ପ୍ରଫେସର ରୂପେ ଯୋଗଦେଇ ଫ୍ରେଞ୍ଚ, ଇଂରାଜୀ, ଲାଟିନ୍ ଭାଷା ପଢ଼ାଇ ଛାତ୍ରସମାଜର ଅତିପ୍ରିୟ ସମ୍ମାନାସ୍ପଦ ପ୍ରଫେସର ରୂପେ ପରିଚିତ ଥିଲେ । ଯଦିଓ ସେ ଜଣେ ଦକ୍ଷ ପ୍ରଶାସକ ଥିଲେ, ତେବେବି ଶିକ୍ଷା ଅଧ୍ୟୟନ, କବିତା ଓ ସାହିତ୍ୟ ରଚନା ଓ ଯୋଗସାଧନା ପ୍ରତି ଅଧିକ ଆକୃଷ୍ଟ ଥିଲେ । କୌଣସି ପୂର୍ବପ୍ରସ୍ତୁତି ନଥାଇ, କୌଣସି ବହି କିମ୍ବା ଟିପାଖାତାର ସାହାଯ୍ୟ ନନେଇ ସେ ଚମତ୍କାର ଭାବେ ପଢ଼ାଇ ଛାତ୍ରମାନଙ୍କର ଅତି ପ୍ରିୟପାତ୍ର ହୋଇଥିଲେ । ଜଣେ କବି ଓ ବହୁଭାଷା ପ୍ରବୀଣ, ଅନନ୍ୟ ବହୁମୁଖୀ ପ୍ରତିଭାମଣ୍ଡିତ ପ୍ରଫେସର ରୂପେ ସେ ଛାତ୍ରମାନଙ୍କର ପୂଜ୍ୟ ହୋଇଥିଲେ ।

୧୯୩୦ ମସିହା ଫେବୃଆରୀ ଦର୍ଶନକୁ ଶ୍ରୀଅରବିନ୍ଦଙ୍କ ଶ୍ୱଶୁର ଶ୍ରୀ ଭୂପାଲ ଚନ୍ଦ୍ର ବସୁ ସସ୍ତ୍ରୀକ ଆଶ୍ରମକୁ ଆସି ଦର୍ଶନ ସମୟରେ ଶ୍ରୀଅରବିନ୍ଦଙ୍କୁ ଦେଖିବା ମାତ୍ରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ଦର୍ଶନ କକ୍ଷରୁ ବାହାରକୁ ଆସି ଆତ୍ମବିଭୋର ହୋଇ ଚାଲିଯାଉଥିବା ସମୟରେ, ପଶ୍ଚାତ୍‌ରୁ ଯେତେବେଳେ କବି ନିଶିକାନ୍ତ କୌତୁକ ଛଳରେ ଅଥଚ ସସଂଭ୍ରମରେ କାନ୍ଧରେ ହାତ ରଖି ପଚାରିଲେ - ''କି ମହାଶୟ ଜାମାତାଙ୍କୁ ପ୍ରଣାମ କଲେ ?'' । ଭୂପାଳବାବୁ ପଛକୁ ଅନାଇ ବିସ୍ମୟରେ ଭାବବିହ୍ୱଳ ହୋଇ କହିଲେ: ''ଜାମାତା ! ସ୍ୱୟଂ ନାରାୟଣଙ୍କୁ ତ ମୁଁ ପ୍ରଣାମ କରିଆସିଲି ।''

ଭଗବାନଙ୍କ ସ୍ତବ କେବେ ସମାପ୍ତ ହୁଏନା !

ତେବେ ଗଙ୍ଗାଙ୍କୁ ଗଙ୍ଗାଜଳରେ ପୂଜା କଲାପରି ତାଙ୍କରି ବାଣୀ ମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇପାରେ -

"A thinker and toiler in the ideal's air,
Brought down the earth's dumb need her radiant power.
His was a spirit that stooped from larger spheres
Into our province of ephemeral sight,
A colonist from immortality.
A pointing beam on earth's uncertain roads,
His birth help up a symbol and a sign;
His human self like a translucent cloak
Covered the All-Wise who leads the unseeing world."

*Savitri - A Legend and a symbol, Page: 22*

''ମନୀଷୀ ସେ କର୍ମୀ ପୁଣି ଆଦର୍ଶ ମଣ୍ଡଳେ,
ଆଣିଲେ ପୃଥ୍ୱୀର ମୂକ ପ୍ରୟୋଜନ ପାଇଁ ଦେବୀଙ୍କ ଉଜ୍ଜ୍ୱଳ ଶକ୍ତି ।
ରାଜର୍ଷି ଚେତନା ତାଙ୍କ ଅବତୀର୍ଣ୍ଣ ହେଲା ଏଥି ମହତ୍ତର ଲୋକକୁ
ନଶ୍ୱର ଦୃଷ୍ଟିର ଆମର ଏଇ ପରିବେଶ ଦେଶେ,
ଅମୃତ ଧାମରୁ ଆଗତ ସେ ଜଣେ ଔପନିବେଶିକ ।
ଦିଗ୍‌ଦର୍ଶକ ରଶ୍ମିରେଖା ଏକ ପୃଥିବୀର ଅନିଶ୍ଚିତ ପଥପରେ,
ଜନମ ତାଙ୍କର ସମ୍ମୁଖେ ତୋଳିଲା ଏକ ପ୍ରତୀକ, ସୂଚନା ପୁଣି,
ବିଶଦ ଗୋଟିଏ ବସନ ସମ ମାନବୀୟ ସତ୍ତା ତାଙ୍କ
କରିଲା ଆବୃତ ସର୍ବଜ୍ଞ ପ୍ରଭୁଙ୍କୁ ଚଳାନ୍ତି ସେ ଅନ୍ଧ ଜଗତକୁ ।''

*ସାବିତ୍ରୀ, ଏକ ଆଖ୍ୟାନ ଓ ପ୍ରତୀକ, ପୃ:୬୬*

*ଅନୁବାଦକ:ଶ୍ରୀ ରାଜକୃଷ୍ଣ ମହାନ୍ତି*
*ଭୁବନେଶ୍ୱର*

□□□

*- ''ନିଜକୁ ସମ୍ପୂର୍ଣ୍ଣରୂପେ କେବଳ ଭଗବାନଙ୍କ ନିକଟରେ ସମର୍ପଣ କରିଦେବା ହେଉଛି ଏହି ଯୋଗର ସମଗ୍ର ନୀତି, ଅନ୍ୟକାହାଠାରେ ନୁହେଁ ଏବଂ ଅନ୍ୟକିଛି ପାଇଁ ନୁହେଁ । ଏବଂ ଦିବ୍ୟ ମାତୃଶକ୍ତି ସହିତ ଏକତ୍ୱ ଲାଭ କରି ପରାଜଗତର ଶକ୍ତିଗୁଡ଼ିକୁ, ଯଥା ଆଲୋକ, ଶକ୍ତି, ବିଶାଳତା, ଶାନ୍ତି, ଶୁଦ୍ଧତା, ସତ୍ୟଚେତନା ଏବଂ ଅତିମାନସ ଦିବ୍ୟସତ୍ତାଙ୍କ ଆନନ୍ଦ ପ୍ରଭୃତି ଏଠାକୁ ଅବତରଣ କରାଇବା ।''*

*-ଶ୍ରୀ ଅରବିନ୍ଦ*

# ବ୍ୟକ୍ତି ଚେତନାର ସାତଗୋଟି ଅଜ୍ଞାନତା : ସପ୍ତ ଅଜ୍ଞାନତା

ଶାନ୍ତିଲତା ପ୍ରଧାନ

ସୃଷ୍ଟିର ଆଦ୍ୟ ମୁହୂର୍ତ୍ତରେ ପରମସତ୍ୟ ଯେତେବେଳେ ତାଙ୍କ ଉଚ୍ଚତମ ସ୍ଥିତିରେ ଅବସ୍ଥାନ କଲେ, ସକଳ ଶୂନ୍ୟତା ସହିତ ସେ ପରମଜ୍ଞାନର ଅଧିକାରୀ ଥିଲେ । କୌଣସି ଦୂଷିତତା ବା ମଳିନତା ତାଙ୍କ ମଧ୍ୟରେ ପ୍ରବେଶ କରି ନ ଥିଲା । କାଳିମା ତାଙ୍କୁ ସ୍ପର୍ଶ ମଧ୍ୟ କରି ନ ଥିଲା । ନିରୋଳା ଜ୍ଞାନର ସେ ଏକମାତ୍ର ଅଧିକାରୀ ଥିଲେ । ମାତ୍ର ସୃଷ୍ଟି ରଚନା ପାଇଁ ଯେତେବେଳେ ସେହି ପରମ ସତ୍ୟ ଏକରୁ ବହୁ ହେବାକୁ ଚାହିଁଲେ, ନିଶ୍ଚିତ ଭାବରେ କହିହେବ ଯେ ତାଙ୍କର ଆଉ ଊର୍ଦ୍ଧ୍ୱସ୍ଥ କିଛି ଉଚ୍ଚତା ବା ସ୍ଥିତି ନ ଥିଲା । କାରଣ ସେ ହିଁ ସର୍ବୋଚ୍ଚ ସ୍ଥିତିରେ ବିଦ୍ୟମାନ । ତେଣୁ ତାଙ୍କୁ ନିମ୍ନରେ ସୃଷ୍ଟି ରଚନା କରିବା ପାଇଁ ନିମ୍ନସ୍ତରକୁ ଆସିବାକୁ ହେବ । ଏଠାରେ ଗୋଟିଏ ତଥ୍ୟ ବୁଝିବାର କଥା ଯେ ପ୍ରସାରିତ ଊର୍ଦ୍ଧ୍ୱସ୍ଥ ତାଙ୍କର ଥିବା ଏକାନ୍ତ ଜ୍ଞାନ, ଶକ୍ତି, ସାମର୍ଥ୍ୟ, ଜ୍ୟୋତି, ଚେତନା ଆଦିକୁ ନିଶ୍ଚିତ ଭାବରେ ସଂକୁଚିତ ହେବାକୁ ପଡ଼ିବ । କାରଣ ସେ ଆଉ ସର୍ବୋଚ୍ଚ ଏକକ ସ୍ଥିତିରେ ନାହାନ୍ତି । ଊର୍ଦ୍ଧ୍ୱ ଭୂମିରେ ସେ କେବଳ ଏକ ଥିଲେ । ସେ ବହୁ ଭାବରେ ନିଜକୁ ବିଭକ୍ତ କରି ଏହି ନିମ୍ନ ଭୂମି ବା ନିମ୍ନ ଜଗତରେ ପ୍ରବେଶ କରିଛନ୍ତି । ତେଣୁ ତାଙ୍କ ସହ ଥିବା ଊର୍ଦ୍ଧ୍ୱସ୍ଥ ସମ୍ପଦ ସବୁ ଯଥା- ଜ୍ଞାନ, ଶକ୍ତି, ଜ୍ୟୋତି, ଚେତନା ଆଦି ସବୁକିଛି ସଂକୁଚିତ ହେବାକୁ ବାଧ । କାରଣ ଏଠି ସେ କ୍ଷୁଦ୍ର କ୍ଷୁଦ୍ର ଭାଗରେ ବିଭକ୍ତ ହୋଇଛନ୍ତି ଓ ପ୍ରତ୍ୟେକ ଭାଗରେ ତାଙ୍କର ନିଜସ୍ୱ ଶକ୍ତି, ଜ୍ୟୋତି, ଚେତନା ଆଦି ରହିଛି । ଅର୍ଥାତ୍ ଏଠି ନିମ୍ନ ଜଗତରେ ପରମ ଜ୍ଞାନ ସଂକୁଚିତ ହୋଇ ରହିଛନ୍ତି । ତେବେ ତାଙ୍କୁ ଧରି ରଖିବ କିଏ ? ଯିଏ ଧରି ରଖିଥିଲା ତାକୁ ହିଁ କୁହାଗଲା 'ପରମ ଅଜ୍ଞାନ' । ଅର୍ଥାତ୍ 'ପରମ ଜ୍ଞାନ' ସଂକୁଚିତ ହୋଇ 'ପରମ ଅଜ୍ଞାନ' ମଧ୍ୟରେ ଆବୃତ୍ତ ହୋଇ ରହିଲେ । ଅଜ୍ଞାନ ସେହି ଜ୍ଞାନକୁ ସୁରକ୍ଷିତ ଭାବରେ ଧରି ରଖିଛି । ତେଣୁ ଅଜ୍ଞାନକୁ ଅସ୍ୱୀକାର କରି ହେବନି ।

ତେଣୁ ବିଶ୍ୱ ଯେତେବେଳେ ଆସିଲା, ସେହି ସମୟରୁ ବିଶ୍ୱ ଅଜ୍ଞାନ ମଧ୍ୟ ଆସିଲା । ତେଣୁ ଏହି ଦ୍ୱୈତ୍ୟବୋଧର ସୃଷ୍ଟି ହୋଇଛି । ତେଣୁ ଏହି ସୃଷ୍ଟି ହେଲା ବୋଲି ଏସବୁ ହୋଇଛି । ନଚେତ କିଛି ଏହାର ଆବଶ୍ୟକତା ନଥିଲା । ତେଣୁ ଆମେ ବୁଝିବା ସଙ୍କୋଚନ ହିଁ ଅଜ୍ଞାନ, ପରିବ୍ୟାପ୍ତି - ପ୍ରସାରଣ ହିଁ ଜ୍ଞାନ, ସେଥିପାଇଁ ବିଶ୍ୱରେ ଜ୍ଞାନ ଅଛି, ବିଶ୍ୱରେ ଅଜ୍ଞାନ ମଧ୍ୟ ରହିବ ହିଁ ରହିବ ।

ଯେମିତି ଏକ ବୀଜକୁ ମଞ୍ଜି ସୁରକ୍ଷିତ କରି ରଖିଛି, ସେହିଭଳି ଅଜ୍ଞାନ, ଜ୍ଞାନକୁ ସୁରକ୍ଷିତ ରଖିଛି । ତେଣୁ ଆମେ ଜ୍ଞାନ ପାଖକୁ ଯିବାକୁ ହେଲେ ଅଜ୍ଞାନର ଦ୍ୱାର ମଧ୍ୟ ଦେଇ ଯିବାକୁ ପଡ଼ିବ । ଅଜ୍ଞାନର କବାଟ ଖୋଲିଲେ ଜ୍ଞାନ ନିକଟରେ ପହଞ୍ଚି ପାରିବା । ସେଥିପାଇଁ ପ୍ରଭୁ The Synthesis of Yogaରେ କହୁଛନ୍ତି ଯେ, ''ନିମ୍ନ ଭାଗରେ ଥିବାବେଳେ ଊର୍ଦ୍ଧ୍ୱକୁ ଆରୋହଣ କରିବା ସେହି ଅଜ୍ଞାନତାକୁ ସାଙ୍ଗରେ ଧରି ସଂକୀର୍ଣ୍ଣତାକୁ ନେବାକୁ ହେବ, ତାହା ଆମ ଢାଙ୍କୁଣି ବା ଖୋଳ । ଯଥାର୍ଥ ଜ୍ଞାନ କେନ୍ଦ୍ରରେ ରହିଛି । ସୃଷ୍ଟିର ପ୍ରତି ଅବସ୍ଥାରେ ଅଣୁକଣାରେ ସେହି ଜ୍ଞାନ ଶକ୍ତି ବିଦ୍ୟମାନ ରହିଛି ।''

ମଣିଷ ମଧ୍ୟରେ ଥିବା ଏହି ଅଜ୍ଞାନତା ହିଁ ନିମ୍ନଭୂମିରେ ସମସ୍ତ ଦୁଃଖର କାରଣ । ପବିତ୍ର ଗ୍ରନ୍ଥ ସାବିତ୍ରୀରେ ଶ୍ରୀଅରବିନ୍ଦ ଲେଖିଛନ୍ତି, "Pain is the signature of the ignorance." (Savitri-p-453) ଅର୍ଥାତ୍ ଅଜ୍ଞାନତାର ସ୍ୱାକ୍ଷର ହେଲା ଯନ୍ତ୍ରଣା । ସ୍ୱାମୀ ବିବେକାନନ୍ଦ ମଧ୍ୟ କହିଛନ୍ତି ଯେ, Ignorance is cause of all miseries, we see in the world. ଏହି ପୃଥିବୀରେ ଯେତେ ଯେତେ ଯନ୍ତ୍ରଣା ଦେଖିବାକୁ ମିଳେ ତା'ର କାରଣ ହେଲା 'ଅଜ୍ଞାନତା' । ମଣିଷ ଜୀବନରେ ସେ ଯେତେ ସବୁ କାର୍ଯ୍ୟ କରିଯାଉଛି, ସବୁର ଯୋଗଫଳକୁ ମୂଲ୍ୟାୟନ କରାଗଲେ, ସେଥିରୁ 'ଶୂନ୍ୟ' ହିଁ ମିଳିବ । ତା'ର ଚେତନା ଏକ ମଶାଲ, ଯାହା ନିର୍ବାପିତ ହେବା ପାଇଁ ହିଁ ଜଳୁଛି । କାରଣ ହେଲା ଯେ, ସେ ଅଜ୍ଞାନତା ମଧ୍ୟରେ ରହୁଛି । ପ୍ରଭୁ ଶ୍ରୀଅରବିନ୍ଦ କୁହନ୍ତି - "He is ignorant of the meaning of his life." (Savitri, p.53) ସେ ଜୀବନର ଅର୍ଥ ବିଷୟରେ ଅଜ୍ଞାନ । ତା' ଜୀବନର ଲକ୍ଷ୍ୟ କିଛି ବୁଝେନି । ସେ ତା'ର ଊର୍ଦ୍ଧ୍ୱତର ସତ୍ୟକୁ ଜାଣେନି । ସେ କାହିଁକି ଜନ୍ମ ନେଇଛି, ତା'ର ତାତ୍ପର୍ଯ୍ୟ ବିଷୟରେ ଅଜ୍ଞ । ଏ ପୃଥିବୀର ଅଜ୍ଞାନ ଘେରା ଅତଳ ଗହ୍ୱରରେ ମନୁଷ୍ୟ ତା'ର ସମ୍ମୁଖ ପଦକ୍ଷେପ କ'ଣ ବା ପରବର୍ତ୍ତୀ ମୁହୂର୍ତ୍ତ ବିଷୟରେ କିଛି ଜାଣେନି ।

ଏସବୁ ଭିତରେ ଉପନିଷଦ୍ କହେ ଭଗବାନ ସୃଷ୍ଟିକୁ ଗଢ଼ିଦେଇ ସେ ସୃଷ୍ଟିର ଊର୍ଦ୍ଧ୍ୱରେ ରହନ୍ତି ନାହିଁ । ଅର୍ଥାତ୍ ବଢ଼େଇ କାଠରେ ମୂର୍ତ୍ତି ନିର୍ମାଣ କଲାଭଳି ବା କୁମ୍ଭାର ମାଟିରେ କଳସ, ହାଣ୍ଡି ଗଢ଼ିଲା ଭଳି ଭଗବାନଙ୍କର ସୃଷ୍ଟି ନୁହେଁ । କାରଣ ବଢ଼େଇ ବା କୁମ୍ଭାର ଯାହାସବୁ କାଠ ବା ମାଟିରେ ସୃଷ୍ଟି କରିଗଲେ ତା' ସହିତ ମିଶି ରହି ନାହାନ୍ତି । ତାକୁ ସବୁ ଗଢ଼ିଦେଇ ସେମାନେ ଅଲଗା ହୋଇ ରହିଲେ । ମାତ୍ର ଭଗବାନ ଏ ସୃଷ୍ଟିକୁ ଗଢ଼ିଦେଇ ତା' ଠାରୁ ପୃଥକ୍ ହୋଇ ଚାଲିଯାଇ ନାହାନ୍ତି, ସେ ନିଜେ ତାଙ୍କ ସୃଷ୍ଟି ସହ ମିଶି ଯାଇଛନ୍ତି । ଅନ୍ୟ ବାଟରେ ବୁଝିବାକୁ ଗଲେ ସେ ଫୁଲକୁ କେବେ ସୃଷ୍ଟି କରିନାହାନ୍ତି, ସେ ନିଜେ ଫୁଲ ହୋଇଯାଇଛନ୍ତି । ସେ ଝରଣାକୁ ସୃଷ୍ଟି କରିନାହାନ୍ତି, ନିଜେ ଝରଣା ହୋଇଯାଇଛନ୍ତି ବା ସେ ନିଜେ ବୃକ୍ଷକୁ ସୃଷ୍ଟି କରିନାହାନ୍ତି ନିଜେ ବୃକ୍ଷ ହୋଇଯାଇଛନ୍ତି । ସେ ଆମମାନଙ୍କୁ କେବଳ ସୃଷ୍ଟି କରିନାହାନ୍ତି, ସେ 'ଆମେ'ରେ ପରିଣତ ହୋଇଯାଇଛନ୍ତି ।

କାରଣ ସେ ସୃଷ୍ଟିକୁ ଉପଭୋଗ କରନ୍ତି, ତାଙ୍କର ଉପସ୍ଥିତି ଏଠାରେ ଥାଏ ଓ ତାକୁ ସେ ପରିଚାଳନା କରନ୍ତି । ଉପନିଷଦ କହେ ସେ ସୃଷ୍ଟିକୁ ଗଢ଼ିଦେଇ ସୃଷ୍ଟିର ଊର୍ଦ୍ଧ୍ୱରେ ରହନ୍ତି ନାହିଁ, କାରଣ ସେ ସୃଷ୍ଟିକୁ ବ୍ୟବହାର କରନ୍ତି, ତାଙ୍କର ଅସ୍ତିତ୍ୱ ଏଠି ଥାଏ ଓ ତାକୁ ସେ ପରିଚାଳନା କରନ୍ତି ।

ଆମର ଏ ଯେଉଁ ସୃଷ୍ଟି ହୋଇଛି, ଉପନିଷଦରେ ସେ ସୃଷ୍ଟିର ୭ଟି ସ୍ତର ବର୍ଣ୍ଣନା କରାଯାଇଛି । ସାତଟି ବିଶ୍ୱମୟ ମୂଳ ନୀତି/ମୂଳ ସ୍ଥିତି (Seven Cosmic Principle) ଭିତରେ ଏ ବିଶ୍ୱ ଗଠିତ । ତାହା ତିନିଟି ନିକୃଷ୍ଟ ସ୍ତର ତଳେ, ଚାରିଟି ଉତ୍କୃଷ୍ଟ ସ୍ତର ଊର୍ଦ୍ଧ୍ୱରେ ରହିଛନ୍ତି ।

ନିମ୍ନରେ ୩ଟି ନିକୃଷ୍ଟସ୍ତର ବା ସ୍ଥିତି ହେଲା ଶାରିରୀକ, ପ୍ରାଣିକ ଓ ମାନସିକ । ଊର୍ଦ୍ଧ୍ୱରେ ଯେଉଁ ଚାରିଟି ସ୍ଥିତି ତାହା ପ୍ରଥମେ- (i) Divine Truth - ଦିବ୍ୟସତ୍ୟ, (ii) Divine Bliss - ଦିବ୍ୟ ଆନନ୍ଦ, (iii) Divine will & consciousness - ଦିବ୍ୟ ସଂକଳ୍ପ ଓ ଦିବ୍ୟ ଚେତନା, (iv) Divine Being - ଦିବ୍ୟ ଅସ୍ତିତ୍ୱ । ଏହିଭଳି ୭ଟି ସ୍ତର ।

ଅନ୍ତର୍ଜଗତରେ ବୈଦିକ ଋଷିମାନେ ଯାହା ନିରୀକ୍ଷଣ କରିଥିଲେ, ସେମାନେ ସବୁଠି ସାତ ସଂଖ୍ୟାକୁ ଯୋଡ଼ିଛନ୍ତି । ସାତଟି ସ୍ତର - ଶ୍ରୀଅରବିନ୍ଦଙ୍କ ପ୍ରତୀକରେ ମଧ୍ୟ ସାତଟି ସ୍ତର । ଅର୍ଥାତ୍ ସମଗ୍ର ସୃଷ୍ଟିକୁ ପ୍ରତୀକାତ୍ମକ ଭାବରେ ରଖାଯାଇଛି । ସପ୍ତନଦୀ, ସପ୍ତ ଚେତନା... ।

ସେହିଭଳି ଅଜ୍ଞାନକୁ ମଧ୍ୟ ସାତଗୋଟି ବିଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା-

୧) **ମୂଳ ଅଜ୍ଞାନ** (Original Ignorance): ଅନେକ ସ୍ଥାନରେ ଏହା ଆତ୍ମ-ଅଜ୍ଞାନ ବା Self-ignorance ଭାବରେ ବିବେଚନା କରାଯାଏ ।

ବ୍ୟକ୍ତିଗତ ଭାବରେ ଆମ ନିଜ ଭିତରେ କେନ୍ଦ୍ରୀୟ ସତ୍ତା self ବା ଆତ୍ମା ଭାବରେ ରହିଛନ୍ତି । ସେ ବ୍ୟକ୍ତିର ପରିଚାଳନା ଦାୟିତ୍ୱ ନେଇଛନ୍ତି । ସେ ସମ୍ପୂର୍ଣ୍ଣ ନିର୍ମଳ । ମାତ୍ର ତାଙ୍କ ଚତୁଃପାର୍ଶ୍ୱରେ ଅଜ୍ଞାନମୟ ପ୍ରକୃତି ତାଙ୍କୁ ଢ଼ାଙ୍କୁଣି ଭଳି ଘୋଡ଼ାଇ ରଖିଛି । ଆମ ଚକ୍ଷୁ ଯାହା ପ୍ରତ୍ୟକ୍ଷ କରେ, କର୍ଣ୍ଣ ଯାହା ଶ୍ରବଣ କରେ, ଇନ୍ଦ୍ରିୟ ଯାହା ଅନୁଭବ କରେ... ବା ଯାହା ଅନୁଭବ କରି ପାରେନି - ଏ ସବୁକୁ ଜଣେ କେହି ପୁରୁଷ ପରିଚାଳନା କରନ୍ତି । ଏ ବିଷୟରେ ଆମର ଧାରଣା ହିଁ ନାହିଁ । ଯଦି କେହି ଏ ବିଷୟରେ ଆଲୋଚନା କରନ୍ତି, ଶୁଣି ବିଶ୍ୱାସ ମଧ୍ୟ ହୁଏନି । ଅର୍ଥାତ୍ ଆମ ମନ ଜାଣେନି ଯେ ସୃଷ୍ଟିରେ ଜଣେ ବିଧାତା ସମୁଚ୍ଚ ସ୍ତରରେ ବିଦ୍ୟମାନ (Bliss Self & Supramental Self) ଯିଏ ସକଳ ସତ୍ତା ଓ ସକଳ ସୃଷ୍ଟିର ଉତ୍ସ, ଏ ବିଷୟ ଆମେ ଜାଣୁ ନାହୁଁ ।

ଆମେ ଅନ୍ୟମାନଙ୍କ ସହ ସମ୍ପର୍କିତ ହେବା ବେଳେ, ତାହା ସାମଗ୍ରିକ ହେଉନାହିଁ । ତା'ର ଅନ୍ତର୍ସତ୍ତା ସହ ହେଉନାହିଁ । ତା'ର ଅଂଶର କିଛି ମାତ୍ରାକୁ ସ୍ପର୍ଶ କରୁଅଛି । ଏହାହିଁ ଅଜ୍ଞାନତା । ଏହା ବ୍ୟକ୍ତି ସ୍ତରରେ ରହି କାର୍ଯ୍ୟ କରେ । ଏ ଜଗତର ପ୍ରତ୍ୟେକ ସୃଷ୍ଟି ଯେ ସେହି ପରମ ଭଗବାନଙ୍କ ଠାରୁ, ଏ ବିଷୟ ସେ ଜାଣେନି । ମନ ଜାଣେନି ଯେ ଆରମ୍ଭ (origin) କେଉଁଠାରୁ ଆସିଲା । ଏହାକୁ 'ଆତ୍ମ-ଅଜ୍ଞାନତା' ବା self ignorance କୁହାଯାଏ ।

ବାସ୍ତବରେ ଏହି ଜଗତ କୌଣସି ଅନ୍ଧଦେବତା ବା ନିୟତିର ନିର୍ମାଣ ନୁହଁନ୍ତି; କିମ୍ବା ଏଣେତେଣେ ଖେଳାଇ ହୋଇ ପଡ଼ିଥିବା ଇଟାଖଣ୍ଡ ଦ୍ୱାରା ଏ ଜଗତର ନିର୍ମାଣ ହୋଇନାହିଁ । ଏକ ସଚେତନ ଶକ୍ତି ଜୀବନର ଯୋଜନା କରିଛନ୍ତି..., ନକ୍ସା ଆଙ୍କିଛନ୍ତି, ଯେଉଁ ନକ୍ସାର ପ୍ରତି ବିନ୍ଦୁ..., ଅର୍ଦ୍ଧବୃତ୍ତ, ବକ୍ରରେଖା ବା ପ୍ରତ୍ୟେକ ରେଖା ଅର୍ଥପୂର୍ଣ୍ଣ । ସୁନ୍ଦର ଭାବରେ ଏହା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ 'ସାବିତ୍ରୀ'ରେ ଲିପିବଦ୍ଧ ରହିଛି ।

"This world was not built with
random bricks of chance
A blind God is not destiny architect;
A conscious power has drawn the plan of life,
There as a meaning in each curve and line."

Savitri p-460

ତେବେ ଏହି ଅଜ୍ଞାନର କିଭଳି ଅନ୍ତ ହେବ ?

ପୂର୍ଣ୍ଣଜ୍ଞାନ absolute knowledgeକୁ ଆମ ଭିତରେ ଅନୁଭବ କରିହେବ; ଏହି ଅଜ୍ଞାନ ଅପସରି ଯିବ । ସୃଷ୍ଟି ଆପଣାର ନିଜସ୍ୱ ସର୍ବୋଚ୍ଚ, ପୂର୍ବ ନିର୍ଦ୍ଦିଷ୍ଟ ପଥକୁ ଅନୁସରଣ କରିବେ । ସୃଷ୍ଟି ସେତେବେଳେ ଯାଇ ମୃତ୍ୟୁର ମୃତ୍ୟୁ ହୋଇଯାଇଥିବ the end death is the death of ignorance. ଅଜ୍ଞାନତାର ବିଲୁପ୍ତି ହେଲେ ମୃତ୍ୟୁର ମୃତ୍ୟୁ ହେବ । ପୂର୍ଣ୍ଣଜ୍ଞାନ ହାସଲ ହୋଇଯାଇ ପାରିବ ।

୨) **ବିଶ୍ୱଗତ ଅଜ୍ଞାନ** (Cosmic ignorance): ବିଶ୍ୱ ଅଜ୍ଞାନ ଅର୍ଥ କ'ଣ ? ମଣିଷ ନିଜ ଇନ୍ଦ୍ରିୟ ମାଧ୍ୟମରେ ଯାହା ଉପଲବ୍ଧି କରୁଛି, ଯାହା ଦେଶ ଓ କାଳ (time & space) ମଧ୍ୟରେ ରହିଛି, ତାହା ହିଁ ଶେଷକଥା । ମନ ଜାଣେ ନାହିଁ ଯେ ଜଣେ ଏ ସୃଷ୍ଟିର ଉର୍ଦ୍ଧ୍ୱରେ ରହିଛନ୍ତି, ଯାହାଙ୍କର କୌଣସି ସ୍ଥିତି ନାହିଁ ବା ଅସ୍ତିତ୍ୱ ନାହିଁ । ସେ କାଳାତୀତ (timeless), ସ୍ଥିର (immobile), ଶାନ୍ତ, ନିଶ୍ଚଳ ଏବଂ ଅପରିବର୍ତ୍ତନୀୟ ସତ୍ତା । ସେ ବିଶ୍ୱକୁ ଗଢ଼ିଛନ୍ତି ଓ ବିଶ୍ୱର ଉର୍ଦ୍ଧ୍ୱରେ ସେ ହିଁ ରହିଛନ୍ତି । ବିଶ୍ୱର ଗଠନ ହେଲାପରେ ସେ ସାକାର ହୋଇଛନ୍ତି । ମାତ୍ର ବିଶ୍ୱସୃଷ୍ଟି ପୂର୍ବରୁ ସେ ସେହିଭଳି ଥିଲେ । ମାତ୍ର ସେ ଯେତେବେଳେ ବିଶ୍ୱ ସମ୍ବନ୍ଧରେ କଳ୍ପନା କରେ ଯେ ବିଶ୍ୱପ୍ରକୃତି ଯେମିତି ସର୍ବଦା ଚଳମାନ ରହିଛି । ତା'ର ପରିବର୍ତ୍ତନ (mutation) ଅଛି । ସେ ବର୍ତ୍ତମାନ ଦେଶ ଓ କାଳ ମଧ୍ୟରେ ସୀମାବଦ୍ଧ ହୋଇଯାଇଛି । ଏହା ବିଶ୍ୱର ଅସ୍ତିତ୍ୱ । We are ignorant of a spaceless, timeless, immobile, immutable Spiritual Self. ଅର୍ଥାତ୍ ଆମେ ସେହି କାଳାତୀତ, ଦେଶାତୀତ, ସ୍ଥିର, ଶାନ୍ତ ଅକ୍ଷର ଆତ୍ମା ବିଷୟରେ ଅଜ୍ଞ । ମଣିଷର ବିଶ୍ୱ ସମ୍ବନ୍ଧରେ ଏହିଭଳି ଆଂଶିକ ଧାରଣାକୁ 'ବିଶ୍ୱ ଅଜ୍ଞାନ' Cosmic ignorance କୁହାଯାଏ ।

ଆଧ୍ୟାତ୍ମଜ୍ଞାନ (Spiritual Knowledge) ଦ୍ୱାରା ଏହି ବିଶ୍ୱଗତ ଅଜ୍ଞାନକୁ ଅତିକ୍ରମ କରାଯାଇ ପାରିବ । ଶ୍ରୀଅରବିନ୍ଦ କହିଛନ୍ତି, ଭଗବାନ୍ ଯେ କେବଳ ବିଶ୍ୱଜଗତରେ ରହନ୍ତି, ତାହା ସତ୍ୟ, ମାତ୍ର ସେ ସବୁକିଛିରେ ପରିଣତ ହୋଇଯାଇଛନ୍ତି । ଅର୍ଥାତ୍ ସେ ବିଶ୍ୱର ନିର୍ମାଣ କରିଛନ୍ତି, ସେ ମଧ୍ୟ ସମଗ୍ର ବିଶ୍ୱରେ ପରିଣତ ହୋଇଛନ୍ତି । ଅର୍ଥାତ୍ ଝରଣାଟିଏ, ଚଢ଼େଇଟିଏ, ଗଛଟିଏ, ଫୁଲଟିଏ ସେ ନିର୍ମାଣ କରିଛନ୍ତି ଏବଂ ସେ ନିଜେ ହିଁ ସେଇ ଚଢ଼େଇ.... ଗଛ ବା ଝରଣା । ଯଦି ଜଣେ ଏସବୁ କିଛିକୁ ଭୁଲିଯିବ, ତା'ର ସାଧନା ଓ ସବୁକିଛିକୁ ହରାଇବ ।

ଛାନ୍ଦୋଗ୍ୟ ଉପନିଷଦରେ କଥିତ ଅଛି: ସତ୍ୟକାମ ଗୁରୁ ଗୃହକୁ ଶିକ୍ଷା କରିବାକୁ ଯାଇଥାନ୍ତି । ଗୁରୁ ତାଙ୍କୁ କିଛି ଗାଈ ଦେଇ କହିଲେ, ଏ ଗାଈଙ୍କ ସଂଖ୍ୟା ଏକ ହଜାର ହୋଇସାରିଲେ ତୁମେ ଏହାକୁ ନେଇଯିବ । ସତ୍ୟକାମ ନିଜର ସମସ୍ତ ସାମର୍ଥ୍ୟ ଦେଇ ଗାଈମାନଙ୍କ ସେବା କରିବାକୁ ଲାଗିଲେ ଓ କ୍ରମଶଃ ସେମାନଙ୍କ ସଂଖ୍ୟା ବଢୁଥାନ୍ତି, କେତେବେଳେ ଏକ ହଜାରରେ ପହଞ୍ଚିଲା ତାହା ସେ ଜାଣିନଥାନ୍ତି । ଗାଈମାନଙ୍କ ମଧ୍ୟରେ ଥିବା ଏକ ଷଣ୍ଢ ସତ୍ୟକାମଙ୍କୁ କହିଲା, ଆମ ସଂଖ୍ୟା ଏକ ହଜାରରୁ ଅଧିକ ହୋଇଗଲାଣି, ଚାଲ ଆମେ ଆଶ୍ରମ ଯିବା । ତୁମେ ବ୍ରହ୍ମଜ୍ଞାନ ଲାଭ ପାଇଁ ଆଶ୍ରମ ଆସିଥିଲ, ଦେଖ ପୃଥିବୀର ପୂର୍ବ ଦିଗଟି ହେଉଛି ବ୍ରହ୍ମ- ଉତ୍ତର ଦିଗ ବ୍ରହ୍ମ, ଦକ୍ଷିଣ ଦିଗ ବ୍ରହ୍ମ ଇତ୍ୟାଦି ଇତ୍ୟାଦି । ଏକଥା ସବୁ ଷଣ୍ଢ କହୁଛି ବୋଲି ସତ୍ୟକାମଙ୍କ ଅନୁଭବ ହେଲା- ଏସବୁ କଥା ସତ୍ୟକାମଙ୍କ ହୃଦୟ ଭିତର ଶୁଣୁଥିଲା । ପରେ ପରେ ସେ ଅନେକ କଥା ଶୁଣୁଥିଲେ ଯେ ସୂର୍ଯ୍ୟ ହେଉଛନ୍ତି ବ୍ରହ୍ମ, ଚନ୍ଦ୍ର ମଧ୍ୟ ବ୍ରହ୍ମ... ଆକାଶ ବ୍ରହ୍ମ ଇତ୍ୟାଦି । ପ୍ରତ୍ୟେକ ବସ୍ତୁ ହିଁ ବ୍ରହ୍ମ... ସବୁକିଛି ସେ ପରମେଶ୍ୱରଙ୍କ ଅଂଶ ।

ଅନ୍ୟାନ୍ୟ ଉପନିଷଦମାନଙ୍କରେ ଈଶ୍ୱରଙ୍କ ସ୍ୱରୂପକୁ ବର୍ଣ୍ଣନା ଦିଆଯାଇଛି ଯେ, ତୁମେ ସ୍ତ୍ରୀ, ତୁମେ ହିଁ ପୁରୁଷ, ତୁମେ କୁମାର, ପୁଣି ତୁମେ ହିଁ କୁମାରୀ ଇତ୍ୟାଦି । ପୁଣି କଳ୍ପନା କରାଯାଇଛି ଯେ ତୁମେ ବାଡ଼ିଟିଏ ହୋଇ ଚାଲିଛ, ତୁମେ ଗଛ, ତୁମେ ହିଁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ।

ଅର୍ଥାତ୍ ଭଗବାନ ନିଜେ ଈଶ୍ୱରରେ ପରିଣତ ହୋଇଯାଇଛନ୍ତି । ଏହି ଦୃଶ୍ୟମାନ ଜଗତରେ ବସ୍ତୁ ସକଳ ହିଁ ସେ ନିଜେ । ସେ ପୁଣି ଉର୍ଦ୍ଧ୍ୱରେ ସଚ୍ଚିଦାନନ୍ଦ ।

ସତ୍‌ର ୩ଟି dimension ବା ତିନିଗୋଟି ଦିଗ । ପ୍ରଥମେ ସେ absolute ପୂର୍ଣ୍ଣ । Relative ନୁହଁନ୍ତି । ସେ ନିଜେ ହିଁ ନିଜର ପ୍ରତିଷ୍ଠାତା ଓ ପ୍ରତିଷ୍ଠିତ । କୌଣସି ବସ୍ତୁ ବା ପଦାର୍ଥ ଉପରେ ନିର୍ଭରଶୀଳ Relative ନୁହଁନ୍ତି । ଅର୍ଥାତ୍ ଗାଡ଼ିଟିଏ ଚାଲିବା ପାଇଁ ପେଟ୍ରୋଲର ଆବଶ୍ୟକତା ରହିଛି । ଲାଇଟ୍, ଫ୍ୟାନ୍ ଆଦି ଚାଲିବା କ୍ରିୟା କରିବା ପାଇଁ ଇଲେକ୍‌ଟ୍ରିକ୍ ଶକ୍ତି ଆବଶ୍ୟକ । ଗୋଟିଏ ଅନ୍ୟଟି ଉପରେ ନିର୍ଭରଶୀଳ । ନଚେତ୍ ସେମାନଙ୍କର କିଛି ମୂଲ୍ୟ ନାହିଁ । ମାତ୍ର ଭଗବାନ କେବଳ (i) Absolute ବା ପୂର୍ଣ୍ଣ (ii) ତାଙ୍କର ୨ୟ ଦିଗଟି ହେଉଛି ସେ ହେଉଛନ୍ତି Only Truth (ଏକମାତ୍ର ସତ୍ୟ) ଓ (iii) ୩ୟ ଦିଗଟି ହେଲା ସେ ହେଉଛନ୍ତି Infinite ବା ଅସୀମ । ଅର୍ଥାତ୍ ତାଙ୍କର କୌଣସି ସୀମା ନାହିଁ । ସେ ଦେଶର ପ୍ରତ୍ୟେକ ବିନ୍ଦୁରେ ବିଦ୍ୟମାନ । ଆମେ ଯେତେ ଜନ୍ମନେଉ ପ୍ରତ୍ୟେକ ଜନ୍ମରେ ସେ ବିଦ୍ୟମାନ । ସେ ଶାଶ୍ୱତ । ତେଣୁ ଏହା ସିଦ୍ଧାନ୍ତ ନିଆଯାଇପାରେ ଯେ, ଭଗବାନ୍ ଓ ଆମେ ଏକାଠି ରହିଛେ । ସେ ଶାଶ୍ୱତ ହୋଇ ଆମ ସୀମିତତା ସହ ପ୍ରତିକାଳରେ ନିକଟରେ ରହିଛନ୍ତି । ଏସବୁ ଆତ୍ମଜ୍ଞାନକୁ ବିଶ୍ୱ ଅଜ୍ଞାନ

(Cosmic ignorance) ଆମଠାରୁ ଦୂରେଇ ରହିଛି । ଏହି ଜ୍ଞାନ ପ୍ରାପ୍ତି ପାଇଁ ବିଶ୍ୱ ଅଜ୍ଞାନର ଢାଙ୍କୁଣୀ (cover)କୁ ଅତିକ୍ରମ କରିବାକୁ ହେବ ।

**୩) ସାଂଗଠନିକ ଅଜ୍ଞାନତା** (Constitutional Ignorance): ମଣିଷ ଯେଉଁସବୁ ଉପାଦାନରେ ଗଢ଼ା ଯଥା- ମନ, ପ୍ରାଣ, ଶରୀର, ସେସବୁ ଅଜ୍ଞାନତାର ଉପାଦାନ । ସେଥିପାଇଁ ମନ ଅଜ୍ଞାନତା ଭିତରେ ରହେ । କିଛି ବୁଝିପାରେନି । ତା' ଭିତରେ ଥିବା ସ୍ଥୂଳସତ୍ତା, ସୂକ୍ଷ୍ମସତ୍ତା... କାରଣ ସତ୍ତା ବିଷୟରେ ତା'ର କୌଣସି ଜ୍ଞାନ ନାହିଁ । ତେଣୁ କେବଳ ଯେଉଁ ମନ, ପ୍ରାଣ, ଶରୀରକୁ ସେ ଧାରଣ କରିଛି, ସେତେବେଳେ ତାକୁ 'ମୋର' ବୋଲି କହେ କିମ୍ବା ତିନିଟି ଯାକ ସତ୍ତାକୁ ଏକତ୍ର କହେ । ଏହା ତା'ର ଯଥାର୍ଥ ସତ୍ତା । ମାତ୍ର ସାମଗ୍ରିକ ଭାବରେ ସେ କିଏ ? କ'ଣ ? ସେ ହିସାବ ତା' ପାଖରେ ନାହିଁ । ସେ ଜାଣେନି ପ୍ରାଣ କ'ଣ ? ସେ ଶରୀରକୁ ପ୍ରତ୍ୟକ୍ଷ କରେ ଓ ମନକୁ ଜାଣେ । ପ୍ରାଣ ସତ୍ତାଟି ଶରୀରକୁ କବଳିତ କରି, ତାକୁ ପରିଚାଳିତ କରେ ଓ ଛାରଖାର କରେ । କାମନା ବାସନା ଆଦିକୁ ଇଷ୍ଟ ଭାବରେ ରଖେ । ଏହା ତାକୁ ଅଜଣା । ଏହାକୁ ସାଂଗଠନିକ ଅଜ୍ଞାନତା (Constitutional Ignorance) କୁହାଯାଏ ।

ସୂତ୍ର ଦ୍ୱାରା ସୁବର୍ଣ୍ଣମଣିକୁ ଏକତ୍ର ଗୁନ୍ଥିଲା ଭଳି 'ଚୈତ୍ୟସତ୍ତା' ଏହି ମନ, ପ୍ରାଣ, ଶରୀରକୁ ସୂତ୍ର ଭଳି ଏକତ୍ର ବାନ୍ଧି ରଖିଥାଏ । କେବଳ ଚୈତ୍ୟସତ୍ତାର ଉପସ୍ଥିତିରୁ ଏ ସମସ୍ତ ତିଷ୍ଠି ରହିଛନ୍ତି, ଏହା କେହି ବୁଝନ୍ତି ନାହିଁ । ମନ, ପ୍ରାଣ, ଶରୀରର ଉତ୍ପତ୍ତି ଓ ସେମାନଙ୍କ ଭୂମିକା ବିଷୟରେ ମଣିଷ ଅଜ୍ଞ । ଭିତରେ ଚୈତ୍ୟସତ୍ତା ଓ ବାହାରେ ମନ, ପ୍ରାଣ, ଶରୀର ତା ସହ ଜୀବାତ୍ମା ଏକତ୍ର ମିଶି ଥାଆନ୍ତି ଏହା ସେ ବୁଝେନି । ଶରୀର ରୂପକ ବୃକ୍ଷରେ ଦୁଇଟି ପକ୍ଷୀ ଯଥା (i) ଶରୀରଗତ ଚେତନା ଓ (ii) ଜୀବାତ୍ମା, ତାହା ତାକୁ ଜଣାନାହିଁ । ଏହି ସାଂଗଠନିକ ଅଜ୍ଞାନତା ଯୋଗୁ ସେ କିଛି ବୁଝିପାରେନି । ଏହି ଅଜ୍ଞାନତା କଟିଗଲେ, ତାର ପ୍ରକୃତ ଉପଲବ୍ଧି ତାକୁ ମିଳିବ । 'ଦ୍ୱା ସୁପର୍ଣ୍ଣା' ଦୁଇଟି ସୁବର୍ଣ୍ଣ ପକ୍ଷୀର ଉପଲବ୍ଧି ତା ଭିତରେ ସେ ଅନୁଭବ କରିବ । ତାହାହେଲା ଭିତରେ ଚୈତ୍ୟସତ୍ତା ଓ ବାହାରେ ଜୀବାତ୍ମା । ସେ ଆତ୍ମା-ଜୀବାତ୍ମାଙ୍କୁ ଚିହ୍ନିବ । ମନ, ପ୍ରାଣ, ଶରୀରକୁ ବୁଝିବ, ଯାହାକୁ ଏହି ସାଂଗଠନିକ ଅହଂ ଢାଙ୍କି ରଖିଛି ।

**୪) ଅହଂକାରଜନିତ ଅଜ୍ଞାନତା** (Egoistic Ignorance): ଏହାର କିଛି ବାସ୍ତବତା ନଥାଏ । ଅହଂକାର ଅର୍ଥ "Feeling of separateness" ଅର୍ଥାତ୍ ବିଚ୍ଛିନ୍ନତା । ଏହା ବିଭିନ୍ନ ଭାବରେ ଆସେ । ଆମ ଅହଂକାରକୁ ତିନି ଭାଗରେ ବିଭକ୍ତ କରିପାରିବା । (i) ସାତ୍ତ୍ୱିକ ଅହଂକାର, (ii) ରାଜସିକ ଅହଂକାର ଓ (iii) ତାମସିକ ଅହଂକାର ।

ଅହଂକାରକୁ ବୁଝିବା ପାଇଁ ସୁନ୍ଦର ଗପଟିଏ ରହିଛି । ସକାଳୁ ସକାଳୁ ବିଲୁଆଟିଏ ଗାତରୁ ବାହାରି କଅଁଳିଆ ସୂର୍ଯ୍ୟକିରଣ ପାଖକୁ ଯାଏ । ତାର ବିରାଟ ଲମ୍ବା ଛାଇଟିକୁ ଦେଖି ମନେମନେ ଭାବୁଛି ''ମୁଁ ଏତେବଡ଼ ଜନ୍ତୁ, ମୋ ଖାଦ୍ୟ ପାଇଁ ଗୋଟିଏ 'ଓଟ' ହେଲେ ବି ତ ପେଟ ପୂରିବ ନାହିଁ, ଏ ଛାଇର ଲମ୍ବାରୁ ମୁଁ ଜାଣୁଛି, ମତେ କେତେ କେତେ ଖାଦ୍ୟ ଦରକାର । ମଧ୍ୟାହ୍ନ ବେଳାରେ ସେ ଛାଇଟି ତା ପେଟତଳେ ଲୁଚିଗଲା, ଛୋଟ ଦେଖାଗଲା । ସେତେବେଳେ ବିଲୁଆ ଭାବୁଛି, ମୋ ଖାଦ୍ୟ ପାଇଁ କ୍ଷୁଦ୍ର ବେଙ୍ଗଟିଏ ହେଲେ ମଧ୍ୟ ଯଥେଷ୍ଟ ହୋଇଯିବ । ଏତେ କିଛି ଆବଶ୍ୟକ ନାହିଁ । ଏଇ ଛାଇଟି ହେଉଛି ''ଅହଂକାର''ର ଛାଇ... । ଅଧିକ ଲମ୍ବା ହେଉଛି, ତା ଅନୁଯାୟୀ ତା'ର ସେତେ ଅଧିକ ପ୍ରସ୍ତୁତି ଚାଲୁଥାଏ, ଏହା ହେଲା ଅହଂକାରର ମାନସିକତା । ଏହି ଅହଂକାର ସମାଜରେ ବିକୃତି ତିଆରି କରେ । ଆମ ଭିତରେ ସାତ୍ତ୍ୱିକ ଅହଂକାର ମୁଁ ସମସ୍ତଙ୍କଠାରୁ ଅଧିକ ଜାଣେ, ଆଉ ଅଧିକ କିଛି ଉପଲବ୍ଧି ମୋର ଆବଶ୍ୟକ ନାହିଁ ଇତ୍ୟାଦି ଇତ୍ୟାଦି ମାନସିକତାକୁ ଧରି ନିଜକୁ ଅନ୍ୟଠାରୁ ପୃଥକ୍ ରଖେ । ରାଜସିକ ଅହଂକାରଯୁକ୍ତ ବ୍ୟକ୍ତି ନିଜକୁ ସମାଜର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି, ବା ନିଜର ବୀରତ୍ୱ ପ୍ରୟୋଗ କରି ଅନ୍ୟମାନଙ୍କୁ ନିଜ ଅଧୀନରେ ରଖିବା, ଇତ୍ୟାଦିକୁ ବୁଝାଏ । ଏହିପରି ଅହଂକାର ଯୋଗୁ ବ୍ୟକ୍ତି ଅନ୍ୟମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର ବୋଲି ଭାବିଥାଏ । ଦେଶରକ୍ଷା ମଧ୍ୟ ଏହି ପର୍ଯ୍ୟାୟ ଅହଂକାରର ଅନ୍ତର୍ଭୁକ୍ତ । ତାମସିକ ଅହଂକାରଯୁକ୍ତ ବ୍ୟକ୍ତି ସର୍ବଦା ନିଜକୁ ଅକ୍ଷମ, ଅସମର୍ଥ ବୋଲି ପରିଚୟ ଦିଏ । ଯେକୌଣସି ଘଟଣାରେ ନିଷ୍କ୍ରିୟତା ପ୍ରତିପାଦନ କରୁଥାଏ । ଯଥା- ''ଏ କାର୍ଯ୍ୟ ଏ ଜନ୍ମରେ ମୋ ଦ୍ୱାରା ହୋଇପାରିବ ନାହିଁ'', ''ମୁଁ ଏସବୁର ଯୋଗ୍ୟ ନୁହେଁ'' ଇତ୍ୟାଦି ତାମସିକତାର ଭାବକୁ ନିଜ ଶରୀରରେ, ମନରେ, ପ୍ରାଣରେ ଧାରଣ କରି ରଖିଥାଏ ।

ଏହିଭଳି ବ୍ୟକ୍ତିଟିଏ ତା' ନିଜକୁ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ କରି ରଖିଥାଏ । ମାତ୍ର ସେ ଜାଣେନି ତା' ଚତୁଃପାର୍ଶ୍ୱରେ ଥିବା ସଭିଙ୍କର ତା' ପାଇଁ ଆବଶ୍ୟକତା ରହିଛି । ସେ ସମସ୍ତଙ୍କ ବିନା ସେ ବଞ୍ଚିପାରିବ ନାହିଁ । ପାଶ୍ଚାତ୍ୟବାସୀ ସୁଖ ଚାହାନ୍ତି ଯାହା ସେମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭରଶୀଳ । ମାତ୍ର ଆମ ଭାରତୀୟଙ୍କ ମୂଳଉସ୍ ହିଁ ଆଧ୍ୟାତ୍ମିକତା ଦ୍ୱାରା ପ୍ରତିଷ୍ଠିତ । ମୂଳରେ ରହିଛି ଆନନ୍ଦ - ଯାହା ତା' ନିଜ ଭିତରୁ ମିଳିଥାଏ ଓ ମେରୁଦଣ୍ଡ ଭଳି ତା' ପାଖରେ ସର୍ବଦା

ବିଦ୍ୟମାନ ରହେ । ତେବେ ପ୍ରଶ୍ନ ଆସେ ଯେଉଁଠି ସୁଖ-ଆନନ୍ଦ ରହିଛି, ସେଠିକୁ ଦୁଃଖ-ଯନ୍ତ୍ରଣା କେଉଁଠୁ ଆସିଲା, ଯାହାକୁ ଆମେ ଆଜି ପ୍ରତି ପଦକ୍ଷେପରେ ଭୋଗୁଛୁ ? ଉତ୍ତରରେ ଥରେ ଶ୍ରୀଅରବିନ୍ଦ କହିଥିଲେ- ଭଗବାନଙ୍କଠାରୁ ଆମ ଚେତନା ବିଚ୍ଛିନ୍ନ । ସେଇଠୁ ଦୁଃଖ-ଯନ୍ତ୍ରଣା, କଷ୍ଟଭୋଗ ଓ ଆମର ଅସାମର୍ଥ୍ୟ ଆସିଛି । ତେଣୁ ଭଗବାନଙ୍କ ସହ ସଚେତନ ଭାବରେ ଯୁକ୍ତ ହୋଇ ରହିଲେ ଆମେ ଏହି ଅହଂଜନିତ ଅହଂକାର ବା Egoistic Egoରୁ ମୁକ୍ତ ହୋଇପାରିବା ।

୫) **ମନସ୍ତାତ୍ତ୍ୱିକ ଅଜ୍ଞାନତା** (Psychological Ignorance): ଆମେ ଏ ସଂସାରରେ ସୀମିତତାର ପୋଷାକ ମଧ୍ୟରେ କ୍ଷଣସ୍ଥାୟୀ ଭାବରେ ରହିଛୁ । ଆମ ଚେତନା ବାହାରେ ଆମର ରହିଛି ଊର୍ଦ୍ଧ୍ୱଚେତନା, ଅନ୍ତର୍ଚେତନା, ଅତିଚେତନା, ଅବଚେତନା, ନିଶ୍ଚେତନା ଆଦି ଚେତନାର ଅନେକ ସ୍ତର । ଏସବୁ କିଛି ଆମକୁ ଜଣାନାହିଁ । ଏହାବ୍ୟତୀତ ପରିବେଶର ମଧ୍ୟ ଏକ ଚେତନା ରହିଛି ସେ ବିଷୟରେ ଆମେ ଅଜ୍ଞ । ଆମେ ବାହାର ଅନୁଭବକୁ ନିଜର ବୋଲି ବାଛିନେଉଛୁ- ଏହାହିଁ ମନସ୍ତାତ୍ତ୍ୱିକ ଅଜ୍ଞାନତା (Psychological Ignorance) ।

୬) **କାଳଗତ ଅଜ୍ଞାନତା** (Temporal Ignorance): ଆମେ ମଧ୍ୟ ଶାଶ୍ୱତଙ୍କ ଭିତରେ ଥିଲୁ, ତାଙ୍କଠାରୁ ବିଚ୍ଛିନ୍ନ ହୋଇ, ଏକ ବ୍ୟକ୍ତିସତ୍ତାରେ ପରିଣତ ହୋଇଛୁ- ଏ ଜ୍ଞାନ ଆମର ନାହିଁ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକ ଅବିଚ୍ଛିନ୍ନ ସୂତ୍ରରେ ଯେ ବନ୍ଧା, ତାକୁ ଆମେ ଦେଖିପାରୁ ନାହୁଁ । ଅନନ୍ତକାଳ ମଧ୍ୟରେ ମଣିଷର ଜୀବନଟା ଏକ Episode, ଅତୀତଟା ବର୍ତ୍ତମାନରେ ପ୍ରତିଫଳିତ ଓ ବର୍ତ୍ତମାନ ଭବିଷ୍ୟତର ସମ୍ଭାବନାକୁ ଧାରଣ କରିଥାଏ - ଏ ଅନୁଭବ ସେ ଜାଣିପାରେନି । ଏକ ସୀମିତ ଜୀବନ ମଧ୍ୟରେ ଏକ ଶାଶ୍ୱତ ଜୀବନ ଯେ ଲୁଚି ରହିଥାଏ, ଏହା ସେ ଜମା ଜାଣିପାରେନି । ମୋ ଗାଁ, ମୋ ଘର, ପିତୃପରିଚୟ, ମାତୃପରିଚୟ, ବଂଶ ଆଦିର ସୀମାବଦ୍ଧ କ୍ଷଣସ୍ଥାୟୀ ପରିଚିତିକୁ ସେ ନିଜର ବୋଲି ଆଦରି ନେଇଥାଏ । ଶାଶ୍ୱତଙ୍କ କୋଳରୁ ଆମେ ଏଠିକୁ ଆସିଛୁ - ଯାକୁ ସେ କଳ୍ପନା କରିପାରେ ନାହିଁ । ଆମ ଜୀବନ ଯେତିକି ବଞ୍ଚୁଛୁ, ସେତିକି ହିଁ ଆମର ଅସଲ ଜୀବନ ତା'ପରେ ଆଉ ଜୀବନ ନାହିଁ - ଯେତିକି ସମୟ ଏ ପୃଥିବୀରେ ବଞ୍ଚିରହିଛି - ସେତିକି ମୋ କ୍ଷେତ୍ର, ଏ ଭାବନା କ୍ଷଣସ୍ଥାୟୀ । ଏହାକୁ କାଳଗତ ଅଜ୍ଞାନତା ବା (Temporal Ignorance) କୁହାଯାଏ । (Time ବା କାଳରୁ Temporal ଆସିଛି)

୭) **ବ୍ୟାବହାରିକ ଅଜ୍ଞାନତା** (Practical Ignorance): ଉପରୋକ୍ତ ଯେଉଁ ଛଅଗୋଟି ଅଜ୍ଞାନତା ବିଷୟରେ ଆଲୋଚନା କରାଗଲା ତାକୁ ଯିଏ ଧରି ରଖିଛି ତାହା ହେଲା ବ୍ୟାବହାରିକ ଅଜ୍ଞାନତା ବା Practical Ignorance । ବ୍ୟାବହାରିକ କ୍ଷେତ୍ରରେ ଆମ ଚାଲିଚଳନ, ଆମ ଚିନ୍ତା, କର୍ମ, ଇନ୍ଦ୍ରିୟବୋଧ, ସବୁକିଛି ଅଜ୍ଞାନତା ଭିତରେ ରହିଛି । ଆମେ ଜଗତ ବିଷୟରେ ପ୍ରଶ୍ନ କରୁ, ଜଗତରେ ଘଟୁଥିବା ଘଟଣା, ଝଡ଼, ବତାସକୁ ନେଇ ପ୍ରଶ୍ନ କରୁ, ବୃକ୍ଷଲତା-ଜୀବଜଗତର ସୃଷ୍ଟିକୁ ନେଇ ପ୍ରଶ୍ନ ଆସୁଛି । କେବଳ ଯେତିକି ନୀତିନିୟମକୁ ନେଇ, ତା' ପରିଧି ଭିତରେ ଆମେ ବୁଲୁଛୁ । ସେଥିପାଇଁ ଆମ ପାଖକୁ ଦୁଃଖ-ଯନ୍ତ୍ରଣା, ବିଫଳତା, ପାପ-ପୁଣ୍ୟ ଆଦି ସବୁ ପ୍ରବେଶ କରିଯାଉଛି ଆମ ବ୍ୟବହାରିକ କ୍ଷେତ୍ରରେ । ଛଅଗୋଟି ଅଜ୍ଞାନ ଯେହେତୁ ଆମ ମାର୍ଗ ଦର୍ଶନକାରୀ ଭାବରେ ରହିଛନ୍ତି, ତା'ର ଫଳାଫଳ ଏଠାରେ ଦେଖିବାକୁ ହେଉଛି ।

ଯଦି କେବେ ଏହି ଛଅଗୋଟି ଅଜ୍ଞାନତା କଟିଯାଏ ଆମ ଭାବନା-ଚିନ୍ତାଶକ୍ତି, କର୍ମରେ ସଂଗତି ପ୍ରତିଷ୍ଠା ହୋଇ ଯଥାର୍ଥ ଜ୍ଞାନ-ଯଥାର୍ଥ କର୍ମ ଆସିପାରିବ । ଆମେ ଠିକ୍ ଭୁଲକୁ ଜାଣିପାରିବା ଓ ବିବର୍ତ୍ତନରେ ଆମେ ସହଯୋଗ କରିପାରିବା ।

*ଅନୁଗୁଳ*

□□□

*'' ଯେତେବେଳେ ତୁମେ କୌଣସି ଜିନିଷକୁ ଜୋର୍ କରି ନିଜ ହାତ ମୁଠାରେ ଧରି ରଖ ଏବଂ ଅହଂକାର ବଶତଃ ନିଜର ଅଧିକାରରେ ରଖିବାକୁ ଚେଷ୍ଟା କର, ସେତେବେଳେ ତାହା ଯେତେ ସୁନ୍ଦର ଓ ଆଶ୍ଚର୍ଯ୍ୟପ୍ରଦ ହୋଇଥାଉ ନା କାହିଁକି, ସେ ତାହାର ଗରିମା ହରାଇ ଅତି ସାଧାରଣ ହୋଇଯାଏ ।''*

*-ଶ୍ରୀ ଅରବିନ୍ଦ*

# ପୂର୍ଣ୍ଣ ଯୋଗରେ ସଂଗ୍ରାମ, ସାହସ ଓ ବିଶ୍ୱାସ

**ଶେଖ ଅବଦୁଲ୍ କାଶମ**

ପୂର୍ଣ୍ଣଯୋଗର ସାଧନା ଏକ ଦୁଃସାହସିକ ଅଭିଯାନ । ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ପଥ ଅଜ୍ଞାତ । ସାଧକକୁ ନିଜେ ନିଜର ରାସ୍ତା ତିଆରି କରିବାକୁ ହେବ । ପଥ ମଧ୍ୟରେ ସହସ୍ର ବାଧା ବିପତ୍ତି ଅପେକ୍ଷା କରି ରହିଥାନ୍ତି । ପ୍ରତ୍ୟେକ ପଦପାତରେ ବିରୋଧୀ ଶକ୍ତି ପ୍ରଚଣ୍ଡ ଆକ୍ରମଣ କରିବା ଲାଗି ଉଦ୍ୟତ ହୋଇ ରହିଥାନ୍ତି । ସାଧନା ପଥରେ ଯାଉ ଯାଉ କେତେ କେତେ ଗର୍ତ୍ତ ଭିତରେ ନିପତିତ ହେବାର ସମ୍ଭାବନା ରହିଥାଏ । ଜୀବନର ପରିସ୍ଥିତି ଏପରି ସଂକଟପୂର୍ଣ୍ଣ ଓ ବିଷାଦପୂର୍ଣ୍ଣ ହୋଇପାରେ ଯେ ସାଧକ ତଦ୍ଦ୍ୱାରା ବିଭ୍ରାନ୍ତ ହୋଇଯାଇ ବିଶ୍ୱାସ ହରାଇଦେବାର ଆଶଙ୍କା ରହିଥାଏ । ଉପସ୍ଥିତ ସଂକଟରେ ପରସ୍ପର ବିରୋଧୀ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇପାରେ । ବାରମ୍ବାର ଭୀଷଣରୁ ଭୀଷଣତର ବାଧାବିପତ୍ତିର ମାଡ଼ଖାଇ ସେ ହତବଳ ଓ ହତୋତ୍ସାହିତ ହୋଇଯାଇ ପାରେ । ଏହି ବାଧାଗୁଡ଼ିକ ନିଜ ଭିତରୁ ବା ବିଭିନ୍ନ ବ୍ୟକ୍ତି ବା ଘଟଣା ଭିତରୁ ଆସିପାରେ । ଗୋଟିଏ ବିରୋଧୀ ଶକ୍ତି ଉପରେ ବିଜୟଲାଭ କଲାବେଳକୁ ଆଗକୁ ଆହୁରି ଶତେକ ବିରୋଧୀ ଶକ୍ତି ସେମାନଙ୍କର ରକ୍ତଚକ୍ଷୁ ନେଇ ଆକ୍ରମଣ କରିବାପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି । ଚତୁର୍ଦ୍ଦିଗରେ ଅନ୍ଧକାର ହିଁ ଅନ୍ଧକାର ଦୃଶ୍ୟମାନ ହୋଇଥାଏ । ସେତିକି ବେଳେ କୌଣସି ଦେବପୁରୁଷ ବି ସହାୟତା କରିବା ଲାଗି ପାଖରେ ନଥାନ୍ତି । ସେହି ଯନ୍ତ୍ରଣାକାତର ମୁହ୍ୟମାନ ଅବସ୍ଥାରେ ହୃଦୟରୁ ପ୍ରାର୍ଥନାଟିଏ ବି ଉଚ୍ଚାରିତ ହୋଇପାରେ ନାହିଁ ।

ସାଧକ ଭିତରେ ଯଦି ମୌଳିକ ବିଶ୍ୱାସ ଓ ନିଷ୍ଠାର ଭିତ୍ତି ନାହିଁ, ତା' ହେଲେ ଏପରି ପରିସ୍ଥିତିରେ ସେ ବିଦ୍ରୋହୀ ହୋଇଉଠିପାରେ, ଯୋଗଭ୍ରଷ୍ଟ ହୋଇଯାଇପାରେ ଅଥବା ଭୀଷଣ ବିରକ୍ତ ହୋଇ ସାଧନା ପଥରୁ ଓହରି ଆସିପାରେ । ଯେଉଁମାନଙ୍କ ଭିତରେ ଅହଂପୂର୍ଣ୍ଣ ଉଚ୍ଚକାଂକ୍ଷା ଥାଏ ସେମାନଙ୍କ ଅବସ୍ଥା ସବୁଠୁଁ ଅଧିକ ଭୟଙ୍କର ହୋଇଉଠେ ।

ସୁତରାଂ ସାଧନାର ପ୍ରାରମ୍ଭରୁ ଏକା ମାଆଙ୍କ ଉପରେ ଅଟଳ ବିଶ୍ୱାସ ଓ ଭରସା ରଖିବା ନିତାନ୍ତ ଆବଶ୍ୟକ । ହୃଦୟରେ ଅଜସ୍ର ସାହସ ସଞ୍ଚିତ ହୋଇ ରହିଥିବା ଉଚିତ । ସାଧନାରେ ଆମେ ଏକ କ୍ଷୁଦ୍ରତର ଚେତନାରୁ ଏକ ବିସ୍ତୃତତମ ଚେତନା ବା ଭୂମା ଭିତରେ ପ୍ରବେଶ କରିବାର ଅଭୀପ୍ସା ରଖୁ । ଏହି ଅଭୀପ୍ସା ହିଁ ସାହସ । ସକଳ ବାଧାବିଘ୍ନକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ଅସୀମଙ୍କ ଆଡ଼କୁ ମାଡ଼ିଯିବା ତଥା ଅସୀମଙ୍କୁ ଏହି ପାର୍ଥିବ ଜୀବନ ଭିତରେ ଅଭିବ୍ୟକ୍ତ କରିବା ହେଉଛି ଆମ ସାଧନାର ଦାବି । ମାଆ ସେଥିପାଇଁ ଶିକ୍ଷାର୍ଥୀମାନଙ୍କୁ ମୂଳରୁ ହିଁ ବୀର ଯୋଦ୍ଧା ହେବାପାଇଁ ଆହ୍ୱାନ ଦେଇଛନ୍ତି । ହଜାରେ ଥର ପରାଜୟର ସମ୍ମୁଖୀନ ହେଲେ ମଧ୍ୟ ନିଜ ସଂଗ୍ରାମ ଓ ଉଦ୍ୟମରେ ଲାଗି ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଏଥିପାଇଁ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ଆବଶ୍ୟକ ।

ଜୀବନ ହେଉଛି ଏକ କୁରୁକ୍ଷେତ୍ର, ଏକ ଭୟଙ୍କର ସମରଭୂମି । ଏଠାରେ ବିଜୟଲାଭ ପାଇଁ ଭଗବାନ ହିଁ ଏକମାତ୍ର ଅବଲମ୍ବନ । ଯେଉଁମାନେ ଭୀରୁ ଓ ଦୁର୍ବଳମନା ସେମାନେ ଜୀବନଯୁଦ୍ଧରୁ ପଳାୟନ କରନ୍ତି । ସେମାନେ ଜୀବନର ପ୍ରକୃତ ରସ ଆସ୍ୱାଦନ କରିପାରନ୍ତି ନାହିଁ । ଜୀବନ ପ୍ରତି ଉଦାସୀନ ଓ ବିରକ୍ତ ହୋଇ ସେମାନେ ସନ୍ନ୍ୟାସୀର ଭେକ ଧାରଣ କରନ୍ତି । ସେମାନେ କୌଣସି ଯୁଦ୍ଧ ଲଢ଼ି ନ ଥାନ୍ତି ବୋଲି ସେମାନଙ୍କ ଜୀବନରେ କୌଣସି ଅଭ୍ୟୁଦୟ ଘଟେ ନାହିଁ । ସେମାନଙ୍କ ଜୀବନ ପଙ୍ଗୁ ଓ ସ୍ଥାଣୁ ହୋଇ ରହିଯାଏ । ଅପର ପକ୍ଷରେ ଶ୍ରୀଅରବିନ୍ଦ ଆମକୁ ଗତିଶୀଳ ଆତ୍ମା ବା Dynamic Souls ହେବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଗତିଶୀଳ ଆତ୍ମାମାନେ ହିଁ ଭୌତିକ ଜୀବନକୁ ଦିବ୍ୟ ଜୀବନରେ ରୂପାନ୍ତରିତ କରିପାରିବେ । କିନ୍ତୁ ବିଡ଼ମ୍ବନାର ବିଷୟ ହେଲା ପୃଥିବୀରେ ଏପରି ଗତିଶୀଳ ଆତ୍ମା ବା ବୀର ସାଧକମାନଙ୍କ ସଂଖ୍ୟା ଅତି ଅଳ୍ପ । ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ କହନ୍ତି–

"The heroes and the demigods are few
To whom the close immortal voices speak..."
(Savitri-p-689)

ନିଜର ସଂକଳ୍ପକୁ ବଳଶାଳୀ କରି ଆମକୁ ଭଗବାନଙ୍କର

ବୀର୍ଯ୍ୟବାନ୍ ଯନ୍ତ୍ର ହେବାକୁ ପଡ଼ିବ । ଏହା ଶ୍ରୀଅରବିନ୍ଦଙ୍କ ଆମ ପ୍ରତି ଆହ୍ୱାନ ।

'ଯୋଗ-ସମନ୍ୱୟ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ଯେଉଁ ଅଳ୍ପ କେତେଜଣ ଗତିଶୀଳ ଆତ୍ମା ପୃଥିବୀରେ ଆବିର୍ଭୂତ ହୋଇଛନ୍ତି ସେମାନେ ପାର୍ଥିବ ଜୀବନ ମଧ୍ୟକୁ ବୀର ଭଳି ଲମ୍ଫ ପ୍ରଦାନ କରିଛନ୍ତି ("have thrown themselves upon the world") ଏବଂ ଜୀବନ ଓ ଜଗତ ସହିତ ଏକ ପ୍ରେମଯୁକ୍ତ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି ("grappled with it in a loving wrestle") । (The Synthesis of Yoga-p-27) ସେମାନେ ପାର୍ଥିବ ଜୀବନକୁ ପରିବର୍ତ୍ତନ ଲାଗି ବାଧ୍ୟ କରିବାକୁ ପ୍ରୟାସ କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପ୍ରୟାସ କେବଳ ମାନସିକ ପରିବର୍ତ୍ତନ ବା ନୈତିକ ପରିବର୍ତ୍ତନ ଭିତରେ ସୀମିତ ହୋଇରହିଛି । ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା ମନୁଷ୍ୟର ଦେହ, ମନ, ପ୍ରାଣ ସମେତ ସମଗ୍ର ସତ୍ତାକୁ ଦିବ୍ୟତ୍ୱରେ ରୂପାନ୍ତରିତ କରିଦେବା ଓ ଜୀବନର ସକଳ ରୂପ ଓ ଅନୁଷ୍ଠାନ ଗୁଡ଼ିକୁ ଦିବ୍ୟଚେତନାର ଆଧାର କରି ଗଢ଼ି ତୋଳିବା । ଏହି ଲକ୍ଷ୍ୟ ଅତ୍ୟନ୍ତ ଦୁରୂହ ଓ କଷ୍ଟସାଧ୍ୟ । ଅତୀତର ଅନେକ ପ୍ରଥା, ପରମ୍ପରା, ସଂସ୍କାର ପୁରାତନ ବିଚାର ତଥା ଜନ୍ମ ଜନ୍ମର ସତ୍ତାଗତ ଅଭ୍ୟାସ ଆମକୁ ଏହି ଲକ୍ଷ୍ୟ ଦିଗରେ ଆଗେଇ ଯିବାପାଇଁ ବାଧା ଦିଅନ୍ତି । ସୁତରାଂ ଅତୀତକୁ ଅତିକ୍ରମ କରି ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଭିତରକୁ ଲମ୍ଫ ପ୍ରଦାନ କରିବାକୁ ହେବ । ସୃଷ୍ଟି ମଧ୍ୟରେ କ୍ରିୟାଶୀଳ ମାତୃଶକ୍ତି ଉପରେ ପରମ ବିଶ୍ୱାସ ଓ ଭରସା ରଖି ପୂର୍ଣ୍ଣ ନିଷ୍ଠା, ଆନୁଗତ୍ୟ ଓ ସମର୍ପଣ ଭାବ ସହ ଆମକୁ ସାଧନା ପଥରେ ଆଗେଇ ଯିବାକୁ ହେବ । ମିଥ୍ୟାଶକ୍ତି ସହିତ ଶେଷ ପର୍ଯ୍ୟନ୍ତ ଲଢ଼ିଯିବା ପାଇଁ ଏକ ଅଦମ୍ୟ ଓ ଅପରାଜେୟ ସାହସ ଲୋଡ଼ା । ମାଆଙ୍କ ଭିତରେ ସେଇ ଶକ୍ତି ଥିଲା । ସେ ଅନ୍ଧକାର ଶକ୍ତି ବିରୁଦ୍ଧରେ ସାହସର ସହିତ ଲଢ଼ିବା ପାଇଁ ହିଁ ଆସିଥିଲେ -

("To wrestle with the Shadow she had come")
(Savitri-p-17)

ଶ୍ରୀଅରବିନ୍ଦ ଏହି ଲଢ଼ିବା (To wrestle) ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ''ଦିବ୍ୟଜୀବନ'' ଗ୍ରନ୍ଥରେ ସେ କହନ୍ତି- ''ଜୀବନର ସଂଗ୍ରାମକୁ ଆମେ କଦାପି ଖାଲି ବଞ୍ଚିରହିବା ଲାଗି ଏକ ସଂଗ୍ରାମ ବୋଲି କହିପାରିବା ନାହିଁ । ଆମେ ଏହାକୁ ପରିପୂର୍ଣ୍ଣତା ତଥା ସ୍ୱାଧିକାର ପ୍ରତିଷ୍ଠା ଲାଗି ଏକ ସଂଗ୍ରାମ ବୋଲି ବି କହିପାରିବା (ଦିବ୍ୟଜୀବନ - ପ୍ରଥମଖଣ୍ଡ-ପୃଷ୍ଠା ୭୧୧) । ଆମକୁ ଜୁଗୁପ୍ସା (shrinking and contraction) ପରିବର୍ତ୍ତେ ତିତିକ୍ଷା (The facing, enduring and conquest of all shocks of existence)ର ଭାବ ଗ୍ରହଣ କରିବାକୁ ହେବ । ବିଶ୍ୱର ଅଭିଘାତଗୁଡ଼ିକୁ ସାହସର ସହିତ ସମ୍ମୁଖୀନ ହେବାକୁ ହେବ । ପ୍ରତିକୂଳ ଶକ୍ତି ଦ୍ୱାରା ଆଘାତ ଖାଇ ପଛକୁ ହଟି ନଆସି ଏଥର ଅବିଚଳ ଭାବରେ ଠିଆ ହୋଇ ଶିଖିବାକୁ ହେବ । ସେଗୁଡ଼ିକ ସହିତ ଲଢ଼ି ସେଗୁଡ଼ିକୁ ଜୟ କରିବାକୁ ହେବ । ଆପଣା ଭିତରେ ସମତ୍ୱବୋଧ (equality)ର ମୂଳଟିକୁ ଦୃଢ଼ ଭାବେ ପ୍ରତିଷ୍ଠା କରିବା ଏକାନ୍ତ ଆବଶ୍ୟକ । ଦୁଃଖ ଓ ଭୟରେ କାତର ହେଉଥିବା ଅହଂ ଚେତନାରୁ ମୁକ୍ତ ହୋଇ ସଚ୍ଚିଦାନନ୍ଦ ଚେତନାକୁ ଲାଭ କରିବାକୁ ହେବ । ("The life Divine" - Page 109)

'Essays on the Gita' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ବିଶ୍ୱାସ ଭଳି ଏକ କଷ୍ଟଦାୟକ କାର୍ଯ୍ୟରୁ ହିଁ ଆମର ସାଧନା ଆରମ୍ଭ ହେବ (... The human being has to start from a great, a difficult act of faith) । କାରଣ ଏହି ଜଗତଟି ଆପାତତଃ ପରସ୍ପର ମଧ୍ୟରେ ସଂଗ୍ରାମରତ ନାନା ଶକ୍ତିଗୁଡ଼ିକର ଏକ ଅରାଜକତା ମାତ୍ର । ଏଇଠି ଜୀବନ ଅବିରତ ପରିବର୍ତ୍ତନ ଓ ମୃତ୍ୟୁ ଉପରେ ନିର୍ଭରଶୀଳ ଚାରିପଟରୁ ଜୀବନକୁ ମାଡ଼ି ବସିଛନ୍ତି ଦୁଃଖ, ଯନ୍ତ୍ରଣା, ମନ୍ଦ (evil) ଓ ଧ୍ୱଂସ । ଏଭଳି ଏକ ଜୀବନ ଓ ଜଗତରେ ଯଥାର୍ଥ ଭାବେ ବଞ୍ଚିବାକୁ ହେଲେ ଆମକୁ ସେ ସବୁରି ଭିତରେ ଏକ ହିଁ ସର୍ବଶକ୍ତିମାନ ଦିବ୍ୟସତ୍ତାଙ୍କୁ ପ୍ରତ୍ୟକ୍ଷ କରିବାକୁ ହେବ । ସବୁ ଜଟିଳ ସମସ୍ୟାର ଯେ ଏକ ପରମଜ୍ଞାନ ରହିଛି ଏ ବିଷୟରେ ସଚେତନ ହେବାକୁ ପଡ଼ିବ । ସର୍ବୋପରି ଏପରି ଏକ ବିଶ୍ୱାସ ଉପରେ ଛିଡ଼ା ହେବାକୁ ପଡ଼ିବ ଯଦ୍ଦ୍ୱାରା ଜଣେ ଭକ୍ତ ଜବ୍(Job)ଙ୍କ ଭଳି କହିପାରୁଥିବ, ''ହେ ଭଗବାନ, ତୁମେ ମୋତେ ହତ୍ୟା କଲେ ମଧ୍ୟ ମୁଁ ତୁମ ଉପରେ ଭରସା ରଖିଥିବି ।''

(Essay on The Gita-p-47-48)

ସାବିତ୍ରୀ ମହାକାବ୍ୟରେ ବର୍ଣ୍ଣିତ ଅଛି ଯେ ଯେତେବେଳେ ସାବିତ୍ରୀ ସଚେତନ ଭାବରେ ସତ୍ୟବାନଙ୍କ ମୃତ୍ୟୁର ସମ୍ମୁଖୀନ ହେବାକୁ ଯାଉଛନ୍ତି ସେତେବେଳେ ଯଦିଓ ଭୟ ଓ ହତାଶାର ଏକ ଗମ୍ଭୀର ବାତାବରଣ ତାଙ୍କୁ ଘେରି ରହିଛି ତଥାପି ସେ ପ୍ରଶାନ୍ତ ହୋଇ ରହିଛନ୍ତି କାରଣ ତାଙ୍କ ଭିତରେ ସାହସ ରହିଛି ।

"Calm was her face and courage kept her mute." (ତାଙ୍କର ଆନନ ପ୍ରଶାନ୍ତ ରହିଥିଲା ଏବଂ ସାହସ ତାଙ୍କୁ ନିର୍ବାକ କରି ରଖିଥିଲା ) (Savitri-P-8)

ଶ୍ରୀଅରବିନ୍ଦ 'Essays on the Gita' ଗ୍ରନ୍ଥରେ ଲେଖିଛନ୍ତି ଯେ ସତ୍ୟ ହେଉଛି ପ୍ରକୃତ ଆଧ୍ୟାତ୍ମିକତାର ଭିତ୍ତି ଏବଂ ସାହସ ହେଉଛି ତା'ର ଆତ୍ମା ("..... Truth is the foundation of real spirituality and courage is its soul")(Essays on the Gita-p-45) । ଅନ୍ୟତ୍ର ସେ କହିଛନ୍ତି-"Courage and love are the only indispensable virtue; even if all the others are eclipsed or fall asleep, These two will save the soul alive." CWSA-12/Essays Divine and Human-p-455 ଅର୍ଥାତ୍, ସାହସ ଓ ପ୍ରେମ ଦୁଇଟି ଅପରିହାର୍ଯ୍ୟ ଗୁଣ । ଅନ୍ୟ ସମସ୍ତ ଗୁଣ ଅନ୍ଧକାରାବୃତ୍ତ ଓ ସୁପ୍ତ ହୋଇ ରହିଥିଲେ ମଧ୍ୟ ଏ ଦୁଇଟି ଗୁଣ ମନୁଷ୍ୟାତ୍ମାକୁ ଉଦ୍ଧାର କରିନେବ ।

ସୁତରାଂ ପ୍ରେମ ଉପରେ ଆଧାରିତ ବିଶ୍ୱାସ ଏବଂ ସମତା ଉପରେ ଆଧାରିତ ସାହସ ପୂର୍ଣ୍ଣଯୋଗର ସାଧନା ପାଇଁ ଅତ୍ୟନ୍ତ ଆବଶ୍ୟକ ।

□□□

*''ଭଗବାନ କେବଳ ସେହିମାନଙ୍କୁ ସୁରକ୍ଷା ଦିଅନ୍ତି ଯେଉଁମାନେ ପୂର୍ଣ୍ଣ ହୃଦୟରେ ଭଗବାନଙ୍କ ପ୍ରତି ବିଶ୍ୱସ୍ତ, ଯେଉଁମାନେ ପ୍ରକୃତ ସାଧନା ଭାବ ନେଇ ଜୀବନ ବଞ୍ଚନ୍ତି ଏବଂ ସେମାନଙ୍କର ଚେତନା ଓ ବୃତ୍ତି ଭଗବାନଙ୍କ ନିକଟରେ ସଂକେନ୍ଦ୍ରିତ ଏବଂ ଭଗବାନଙ୍କୁ ସେବା ଦିଅନ୍ତି । ଉଦାହରଣ ସ୍ୱରୂପ କାମନା, ସବୁପ୍ରକାର ପ୍ରତାରଣା, ନିଷ୍ଠାହୀନତା ଓ ଅସତ୍ୟ ଏସବୁ ଦିବ୍ୟ ସୁରକ୍ଷା ପାଇବା ଦିଗରେ ବଡ଼ ପ୍ରତିବନ୍ଧକ । ତୁମେ ଯଦି ତୁମର ବ୍ୟକ୍ତିଗତ ଇଚ୍ଛାକୁ ଭଗବାନଙ୍କ ଉପରେ ଲଦିଦେବାକୁ ଚାହଁ ତେବେ ଏହା ସତେ ଯେପରି ନିଜ ଉପରକୁ ଏକ ବୋମା ବିସ୍ଫୋରଣକୁ ଆମନ୍ତ୍ରଣ କରିବା ସହ ସମାନ ।*

*-ଶ୍ରୀମା*

*''ମୋତେ ଲାଗୁଛି ଏହା(ଦିବ୍ୟ କୃପାର ଅବତରଣ) ଅଧିକାଂଶ ସମୟରେ ବହୁଳ ଭାବରେ ସଂଗଠିତ ହେଉଛି - ଲୋକମାନଙ୍କର ଭାବିପାରିବାର ସାମର୍ଥ୍ୟଠାରୁ ଯଥେଷ୍ଟ ଅଧିକ ପରିମାଣରେ ଘଟୁଛି । ଉଦାହରଣସ୍ୱରୂପ ପ୍ରତ୍ୟେକ ସମୟରେ ଯେତେବେଳେ ଏକ ବ୍ୟାଧି ଉପସମ ହୋଇଯାଏ, ପ୍ରତ୍ୟେକ ଥର ଯେତେବେଳେ ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଏ, ପ୍ରତ୍ୟେକ ଥର ଏକ ବିପର୍ଯ୍ୟୟ, ଏପରିକି ବିଶ୍ୱସ୍ତରୀୟ ବିପର୍ଯ୍ୟୟକୁ ମଧ୍ୟ ଏଡ଼ାଇ ଦିଆଯାଏତ ତାହା ସବୁବେଳେ ଏକ ଦିବ୍ୟ ସଙ୍ଗତି ରୂପକ ପ୍ରକମ୍ପନର ଅନୁପ୍ରବେଶ ଅସଙ୍ଗତିର ପ୍ରକମ୍ପନ ମଧ୍ୟକୁ ହୋଇଥାଏ, ଯଦ୍ୱାରା ଅସଙ୍ଗତିର ପରିସମାପ୍ତି ହୋଇଥାଏ ।*

*ତେଣୁ ଭାଗବତ ବିଶ୍ୱାସୀ ଲୋକମାନେ ସବୁ ସମୟରେ କହନ୍ତି, ''ଏସବୁ ଘଟଣା ଦିବ୍ୟ କୃପାରୁ ହେଉଛି,'' ଏହା ମୋଟେ ଏକ ତ୍ରୁଟିପୂର୍ଣ୍ଣ ବିଚାର ନୁହେଁ ।''*

*ଶ୍ରୀମା*

*ଶ୍ରୀମା'ଙ୍କ ଏଜେଣ୍ଡା/୨୫.୦୩.୧୯୬୪*

*''ମୁଁ ଦେଶର (ଭାରତର) ପରିସ୍ଥିତି ବିଷୟରେ ଜାଣେ । ଏପରିକି ଯଦି ଜଣେ ବ୍ୟକ୍ତି ନିଜକୁ ବିଶ୍ୱସ୍ତ ଭାବରେ ସତ୍ୟ ଆଡ଼କୁ ଖୋଲିଧରି ପାରନ୍ତା, ତେବେ ସେ ଦେଶ ଓ ପୃଥିବୀକୁ ମହାନ ପରିବର୍ତ୍ତନ ଦିଗରେ ନେଇଯାଇ ପାରନ୍ତା ।''*

*ଶ୍ରୀମା*

# ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ: ଆମ ନବଚେ୍ତନାର ନବଜନ୍ମ

ଶ୍ରୀ ଭାଗିରଥୀ ମହାପାତ୍ର

କିଏ ନ ଜାଣିଛି ଭଗୀରଥର ତପସ୍ୟା ... ସଗର ବଂଶର ଉଦ୍ଧାର ... ପାବନୀ ବିଷ୍ଣୁପଦୀଙ୍କ ଧରାବତରଣ - କିନ୍ତୁ ସେ ମହାପ୍ଲାବିନୀଙ୍କୁ ଧାରଣ କରିବା ପାଇଁ ଏ ଧରିତ୍ରୀ କ'ଣ ପ୍ରସ୍ତୁତ ? ମହାଶିବ ମଥା ପାତିଦେଲେ ... (କାଳେ ଭାଗୀରଥୀ ପନ୍ଥ ହରାଏ ତା'ର ପିଙ୍ଗଳ୍ କେଶେ ... ନିଶିକାନ୍ତ) କାଳଚେ୍ତନା ତାଙ୍କ ପିଙ୍ଗଳଜଟାରେ ଲୁପ୍ତ ହୋଇଗଲେ ... ପୁଣି ତପସ୍ୟା ... କିଏ ନ ଜାଣିଛି ଋଷି ଦଧୀଚି ତାଙ୍କ ବଜ୍ରଠାରୁ ସହସ୍ର ଗୁଣରେ ଶକ୍ତ ତାଙ୍କର ଦିବ୍ୟଅସ୍ଥିକୁ ଅର୍ପଣ କଲେ ଏ ପୃଥିବୀ ଓ ସ୍ୱର୍ଗକୁ ରକ୍ଷା କରିବା ପାଇଁ ...କିଏ ନ ଜାଣିଛି ସୂର୍ଯ୍ୟବଂଶ ମହାରାଜ ଶିବି ପଳ ପଳ କରି ଅଙ୍ଗ ଭାଗକୁ କାଟି କାଟି ଅର୍ପଣ କଲେ ସତ୍ୟରକ୍ଷା ପାଇଁ... କିଏ ଜାଣେ ସ୍ୱୟଂ ଦଶମହାବିଦ୍ୟାର ରହସ୍ୟମୟୀ 'ଛିନ୍ନମସ୍ତା' କାହିଁକି ଛିନ୍ନମସ୍ତା ହେଲେ (The supreme holocast... Savitri) ପରାପ୍ରକୃତିର ଆତ୍ମବଳିଦାନ ? ଏସବୁ ଦୃଷ୍ଟାନ୍ତକୁ ଅନନ୍ତ ଗୁଣରେ ଅତିକ୍ରମ କରିଯାଇଛନ୍ତି ଯେତେବେଳେ ସ୍ୱୟଂ ଦିବ୍ୟଜନନୀ ଶ୍ରୀମା ଅନୁଭବ କଲେ ଯେ- ରୂପାନ୍ତରକାରିଣୀ ଅତିମାନସ ଚେ୍ତନାକୁ ଧରି ରଖିବା ପାଇଁ ପୃଥିବୀର ଭୌତିକ ବକ୍ଷ ପ୍ରସ୍ତୁତ ନୁହଁ "Due to non-receptivity of physical conciousness of the world this is (Sri Aurobindo's physical sacrifice happens ... Agendaର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ- why it is happened ?) ତେବେ ଆମେ ଏ ପ୍ରବନ୍ଧରେ ସେ ଅନନ୍ୟ ରହସ୍ୟମୟ ପ୍ରଚ୍ଛନ୍ନ ଇତିହାସର ପୃଷ୍ଠା ଓଲଟାଇବାକୁ ଉଦ୍ୟମ କରିବା ଏବଂ ଏ ଦିବ୍ୟବଳିଦାନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ପ୍ରଭାବ, ପରିଣାମ ବିଷୟ ପ୍ରସଙ୍ଗର ରହସ୍ୟ ଖୋଜିବା (All yoga in its nature into a higher Spiritual consciousness ...

*The Synthesis of Yoga-P-69*

ଏହି ମର୍ମରେ ଶ୍ରୀଅରବିନ୍ଦଙ୍କ ଦୁଇଟି ଆତ୍ମଜୀବନଧର୍ମୀ କବିତାକୁ ନେଇ ବିଷୟ ପ୍ରବେଶ କରିବା - ୧ମ-

**The Body**

"The body which was once my universe,
Is now a pittance carried by the soul,-
Its Titan's motion bears this scanty purse,
Pacing through Vastness to a Vaster goal.

Too small was it to meet the giant need
That only infinitude can satisfy:
He keeps it still, for in the folds is hid
His secret passport to eternity.

In his front an endless Time and Space deploy
The landscape of their golden happenings,

His heart is filled with sweet and violent joy,
His mind is upon great and distant things.

How grown with all the world conterminous
Is the little dweller in this narrow house !"

*CWSA/02/Collected Poems-P-617*

**ଶ୍ରୀ ତନୁ**

ଏ ତନିମା ଦିନେଥିଲା ମୋ ବିଶାଳ ବିଶ୍ୱ
ବର୍ତ୍ତମାନ ମୁଷ୍ଟିଭିକ୍ଷା ମାତ୍ର - ଆତ୍ମା ଅଧିକୃତ-
ଏ ଆତ୍ମାର ପ୍ରଚ଼ଣ୍ଡ-ଚ଼ଳନ ବହିଅଛି ସ୍ୱଳ୍ପ-ଧନମୁଣି
ଧୀର ଧୀର ପାଦ ପାତେ ବିସ୍ତୃତିରୁ ବିସ୍ତୃତି ଲକ୍ଷ୍ୟରେ ।
ଏହି ଅତିକ୍ଷୁଦ୍ର ତନୁ ଚାହିଁଥିଲା ଭରିବାକୁ ପର୍ଯ୍ୟାପ୍ତ ଭରଣ
ଯା' କେବଳ ଭରିପାରେ ଆନନ୍ତ୍ୟ ଅସୀମ:
------------------------

ଏଇ ସାଧାରଣ ଆବଦ୍ଧତା ମଧ୍ୟେ କିପରି
ସେ କଳ୍ପବୃକ୍ଷ ମେଲିବ ପ୍ରଶାଖା
ସେ 'ଅଙ୍ଗୁଷ୍ଠ ମାତ୍ର ପୁରୁଷନ୍ତରାତ୍ମା'
ରଚି ନ ପାରଇ ଲୀଳା ଏଇ ସଂକୀର୍ଣ୍ଣ ସଦନେ ।
ଊର୍ଦ୍ଧ୍ୱ-ଦ୍ରଷ୍ଟା-ମହାତ୍ମା ସେ ଊର୍ଦ୍ଧ୍ୱେ ଊର୍ଦ୍ଧ୍ୱାସୀନ
ତେବେ ଏକ ପଣତରେ ବନ୍ଧା ସିଏ ଦିବ୍ୟଲୀଳା ମଧ୍ୟେ
ଲୀଳା ଖେଳା ମଧଦେଇ ରଚ଼ିଛନ୍ତି ସିଏ

ଶତସସ୍ର ସୌରପିଣ୍ଡ ସହସ୍ର ସାଗର
ତଥାପି ତ ଆମେ ସତ୍ତାର ଗହନ ଭୂମିରେ
ଚାଞ୍ଚଲ୍ୟ-ଚର୍ଯ୍ୟ ସେ ହୁଅନ୍ତି ପ୍ରତୀତ ପ୍ରତିବିମ୍ବାୟିକ

*(ଅନୁସୃଜନ - ଲେଖକ)*

ବାରମ୍ବାର ବୁଝିବ ସେ ରହସ୍ୟକୁ-

"Sri Aurobindo has sacrificed his body so that we may re-born in Divine conciousness"

*- The Mother*

''ଶ୍ରୀଅରବିନ୍ଦ ଦେହତ୍ୟାଗ କରିଛନ୍ତି ଏଇଥିପାଇଁ ଯେ -ଆମେ ଏକ ଦିବ୍ୟଚେତନାରେ ପୁନଃ ଜନ୍ମ ଲାଭ କରିବା'' - *ଶ୍ରୀମା*

ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗର ସମ୍ୟକ୍ ଅବିସ୍ମରଣୀୟ ଇତିହାସ-

ଏହି ଆତ୍ମୃିତ ମହାଘଟଣା (ଶ୍ରୀଅରବିନ୍ଦଙ୍କ ଆତ୍ମବଳି) ଘଟିବା ଯଥେଷ୍ଟ ପୂର୍ବରୁ ଅଘଟଣଘଟଣ- ପଟ୍ଟିୟସୀ ଦିବ୍ୟଜନନୀ ଶ୍ରୀମା ପରମ ପ୍ରଭୁଙ୍କୁ ପ୍ରସ୍ତାବ ଦିଅନ୍ତି- ପାର୍ଥିବ ସ୍ଥୁଳ ଚେତନା ଏହି ରୂପାନ୍ତରକାରିଣୀ ଅତିମାନସ ମହାଶକ୍ତି ଧାରଣ ସାମର୍ଥ୍ୟ ନାହିଁ ତେବେ ମୋତେ ଆଉଥରେ ଛିନ୍ନମସ୍ତା (The Supreme holocast) ହେବାକୁ ହେବ... ଶ୍ରୀ ଅରବିନ୍ଦଙ୍କ ସ୍ପଷ୍ଟ ଉକ୍ତି ଥିଲା-

୧୯୧୦ ଠାରୁ ୧୯୫୦ ମସିହା ଶ୍ରୀଅରବିନ୍ଦଙ୍କ କୌଣସି ଫଟୋ ଉତ୍ତୋଳନ କରାଯାଇ ନଥାଏ । ୪ ଏପ୍ରିଲ-୧୯୫୦ରେ ମାଆ ଜଣେ ପୃଥିବୀ ପ୍ରସିଦ୍ଧ ଫ୍ରେଞ୍ଚ ଫଟୋଗ୍ରାଫରଙ୍କୁ ଅନୁମତି ଦେଲେ ଶ୍ରୀଅରବିନ୍ଦଙ୍କ ବିଭିନ୍ନ ଭଙ୍ଗୀର ଫଟୋ ଉତ୍ତୋଳନ କରିବା ପାଇଁ । ପ୍ରାୟ ଏହି ସମୟରେ ଦିବ୍ୟଜନନୀ ମାଆ ଶ୍ରୀଅରବିନ୍ଦଙ୍କୁ ଏକ ପ୍ରସ୍ତାବ ଦେଲେ ଯେ- ପୃଥିବୀର ସ୍ଥୁଳଚେତନା ଯଦି ଏହି ରୂପାନ୍ତରକାରିଣୀ ଅତିମାନସ ମହାଶକ୍ତି ଧାରଣ ସାମର୍ଥ୍ୟ ନାହିଁ "I felt I shall leave this body" ମୁଁ ଅନୁଭବ କରୁଛି ମୁଁ ମୋ ଶରୀରକୁ ବଳିଦାନ ଦେବି ... ତତ୍‌କ୍ଷଣାତ୍ ଶ୍ରୀଅରବିନ୍ଦଙ୍କ ଉତ୍ତର ଥିଲା "... No this never be... if necessary for the purpose of Tranformation work I might go, you will have to fulfil our yoga of Supramental Transformation..."

*Lila - Sri Aurobindo*

"In us the thousandfold Spirit who is one,
An eternal thinker calm and great and wise,
A seer whose eye is an all-regarding sun,
A poet of cosmic mysteries.
A critic Witness pieces everything
And binds the fragments in his brilliant sheaf;
Gambles with death and triumph, joy and grief.
A king of greatness and a slave of love,
Host of the stars and quest in Nature's inn,
A high spectator spirit throned above
A pawn of passion in the game divine.
One who has made in sports the suns and seas
Mirrors in our being his immense caprice...

*CWSA/02/Collected Poems-P-611*

''ଆମ ମଧ୍ୟେ ବିରାଜିତ ସହସ୍ର ଲୋକର ଆତ୍ମପୁରୁଷ:
ସିଏ ପରମ ଏକକ
ଏକ ଚିରନ୍ତନ-ଭାବବିଷ୍ଟ-ସୁସ୍ଥିର-ସ୍ୱରୂପ-ବିଜ୍ଞ-ପ୍ରାଜ୍ଞ-ମହତ ମହିମ୍ନ,
ସେ ତ୍ରିକାଳ ଦ୍ରଷ୍ଟା ପୁରୁଷ;
ଚକ୍ଷୁ ଯାର ଉନ୍ମିଳିତ ''ସୂର୍ଯ୍ୟ ଯଥା ସର୍ବଲୋକଶୂଚକ୍ଷୁ
ସେ ଏକ ''କବି ମନୀଷୀ ପରିଭୂ ସ୍ୱୟଂଭୂ''-
ଜାଗତିକ ରହସ୍ୟ ରାଜିର
ସେ ଏକ ସାକ୍ଷୀପୁରୁଷ ସମଆଲୋଚକ
କରିଥାନ୍ତି ଛିନ୍ନ-ଭିନ୍ ପ୍ରତିଟି ଖଣ୍ଡରେ
ତତପର ସମ୍ବନ୍ଧିତ କରିଥାନ୍ତି ଅଂଶ-ପ୍ରତ୍ୟାଂଶରେ
ତାଙ୍କର ସେ ସମନ୍ୱିତ ଏକକ ପେଛାରେ,
ସିଏ ଏକ ବିଶ୍ୱଅଭିଯାତ୍ରୀ ଦୈବୀନିୟତିର ଅଙ୍ଗେ
ଘେନିଯାନ୍ତି ବିଶ୍ୱ ସକଳର ଭାର
ରଚୁଥାନ୍ତି ପଶାଖେଳ ମୃତ୍ୟୁ ଆଉ ମୃତ୍ୟୁର ବିଜୟ ସାଥେ
ଏକସଙ୍ଗେ ଆନନ୍ଦ ଓ ବିଷାଦର ସଙ୍ଗତେ
ସବୁ ମହିମାର ମହୀପତି ସିଏ ପ୍ରେମର କିଙ୍କର,
ଅମାତ୍ୟ ସେ ସୌରବ୍ରହ୍ମାଣ୍ଡର, ଅତିଥି ସେ ପାନ୍ଥଶାଳେ- ବିଶ୍ୱପ୍ରକୃତିର''

ଶ୍ରୀଅରବିନ୍ଦ ତତ୍‌କ୍ଷଣାତ୍ ପ୍ରତିବାଦ କରି କହିଲେ - ନା ନା ତାହା କେବେବି ହୋଇପାରେନା ... ଯଦି ଏହି ରୂପାନ୍ତର କାର୍ଯ୍ୟ ପାଇଁ ଆବଶ୍ୟକ ପଡ଼େ ତୁମେ ହିଁ (ମାଆହିଁ) ଅତିମାନସ ରୂପାନ୍ତରର ଯୋଗକୁ ପରିପୂର୍ଣ୍ଣ କରିବ ... । No never be... if necessary for the purpose of transformation work I might go .... you will have to fulfil our yoga of Supramental Transformation.

**9 July 1950** - K. M. Manshi The central Cabinet Minister met Sri Aurobindo and realise...

"I saw before me a being completed transformed radiant, blissful, god like calm. He spoke in a low and clear voice who stirred the depth of my being... I saw Him not as my old professor but something different, it was absolute integration of personality... The central idea in Aryan culture matterालised in human shape. He seemed to say in his own language-

My soul unhorizoned widen to
measureless light
My body is God's happy living tool
My spirit a vast son of deathless light.

**୯ ଜୁଲାଇ ୧୯୫୦** - କେ. ଏମ୍. ମୁନୀସ୍ - କେନ୍ଦ୍ରମନ୍ତ୍ରୀ, ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରି ଅନୁଭବ କରିଥିଲେ -

''ମୁଁ ଦେଖିଲି ମୋ ସମ୍ମୁଖେ ତାଙ୍କୁ - ଏକ ସତ୍ତା - ପୂର୍ଣ୍ଣ ରୂପାନ୍ତରିତ ସତ୍ତା ଜ୍ୟୋତିର୍ମୟ, ଆନନ୍ଦମୟ, ଦେବୋପମ ସ୍ଥୈର୍ଯ୍ୟ'' ସେ ଅତି ସ୍ପଷ୍ଟ ଓ କୋମଳ ଭାଷାରେ କଥା ହେଉଥିଲେ, ଯାହାର ପ୍ରତିଟି ଶବ୍ଦ ମୋ ଭିତରକୁ ଭେଦି ଯାଉଥିଲା ... ମୁଁ ତାଙ୍କୁ ଦେଖୁନଥିଲି ମୋ ବରୋଦା କଲେଜର ପୁରାତନ ପ୍ରଫେସର୍ ଭାବେ- କିନ୍ତୁ ଭିନ୍ନ ଏକ ମହାନୁଭବ ଭାବେ ... ପରିପୂର୍ଣ୍ଣ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ । ଆର୍ଯ୍ୟସଂସ୍କୃତିର ମୂଳ ଚରିତ୍ରଟିଏ ତାଙ୍କ ବ୍ୟକ୍ତିସତ୍ତାରେ ସ୍ଥୁଳ ରୂପ ନେଇଛି... । ସତେ ଯେମିତି ସେ ତାଙ୍କ ନିଜସ୍ୱ ଭାଷାରେ କହୁଥିଲେ -

ଆତ୍ମା ମୋର ଦିଗ୍‌ବଳୟ ଅତିକ୍ରମି ବ୍ୟାପିଥାଏ-ଅସୀମ ଉର୍ଦ୍ଧ୍ୱରେ
ତନୁ ମୋର ଈଶ୍ୱରଙ୍କ ଆହ୍ଲାଦିତ ଜୀବନ୍ତ ଯନ୍ତ୍ର
ଜୀବାତ୍ମା ମୋ ବିଶାଳ ବିସ୍ତୃତ ଅମଳାନ ସୂର୍ଯ୍ୟାଲୋକ''।

୧୯୧୦ ଠାରୁ ୧୯୫୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କ କୌଣସି ଫଟୋ ଉତ୍ତୋଳନ ହୋଇନଥିଲା-୧୯୫୦ ମାଆ ଏକ ପ୍ରଖ୍ୟାତ ଫ୍ରେଞ୍ଚ ଫଟୋଗ୍ରାଫରଙ୍କୁ ଡକାଇ ଶ୍ରୀଅରବିନ୍ଦଙ୍କର ବିଭିନ୍ନ ଭଙ୍ଗୀର ଫଟୋ ଉଠାଇଥିଲେ... ଏତିକି ବେଳେ ମାଆଙ୍କ କ୍ଷୀଣ ମନ୍ତବ୍ୟଟି ଥିଲା - "She (ମାଆ) felt like leaving... No this never be"

*Sri Aurobindo*

**୧୯୫୦ ମସିହା-** ଏହି ବର୍ଷ ମୋତେ ''ସାବିତ୍ରୀ ମହାକାବ୍ୟ'' ଶେଷ କରିବାକୁ ପଡ଼ିବ - "I want to finish 'Savitri' soon. The Book IX - The Book of everlasting day was dictated in a long spell... The Book of death was revised during this period... The epilogue - The return to the earth revised ..." ସାବିତ୍ରୀର ନବମ ଅଧ୍ୟାୟ- ସୁକୃଦ୍ ଦିବାର ଅଧ୍ୟାୟଟି ଗୋଟିଏ ନିଃଶ୍ୱାସରେ ନିରଦ ବରଣ ଶ୍ରୁତଲିଖନ କଲେ, ଶ୍ରୀଅରବିନ୍ଦ ଡାକିଲେ । The Book of death ଅଧ୍ୟାୟଟି ସଂଶୋଧିତ ହେଲା... ସାବିତ୍ରୀର ପରିଶିଷ୍ଟ ଭାଗ- ମର୍ତ୍ତ୍ୟଲୋକକୁ ପ୍ରତ୍ୟାଗମନ ଅଧ୍ୟାୟଟି ପୁନଃଲିଖନ ହେଲା ... ।

**୧୫ ଅଗଷ୍ଟ ୧୯୫୦** ଜଣେ ବରିଷ୍ଠ ସାଧକ ଦର୍ଶନ ବେଳେ ସ୍ପଷ୍ଟ ଦେଖିଲେ- ''ଲୋକମାନଙ୍କ ଭିତରୁ ନୀଳବାଷ୍ପ ସବୁ(ବିଷବାଷ୍ପ) ନିର୍ଗତ ହେଉଛି... ଶ୍ରୀଅରବିନ୍ଦ ତାକୁ ଆକଣ୍ଠପାନ କରୁଛନ୍ତି- ଏହି ବିଷବାଷ୍ପ ସବୁ ତାଙ୍କୁ ଦର୍ଶନ କରିବାକୁ ଆସିଥିବା ଲୋକମାନଙ୍କ ଅବଚେ଼ତନାର ଭିତରୁ ଯେମିତି ଉଠି ଆସୁଛି... ଏହା ସତେ ଯେମିତି ପୃଥିବୀରେ ବ୍ୟାପିବା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଦେହରେ ମିଳାଇ ଯାଉଛି... ।

**ଅକ୍ଟୋବର ୧୯୫୦** ସୁରେନ୍ଦ୍ର ମୋହନ ଘୋଷ- ଦିଲ୍ଲୀର ଜଣେ ପ୍ରଖ୍ୟାତ ଜ୍ୟୋତିର୍ବିଦ ଭୃଗୁସଂହିତା ସହ ଶ୍ରୀଅରବିନ୍ଦଙ୍କ ଜାତକକୁ ଟାଲି କରି କହିଲେ- "After 78 years He (Sri Aurobindo) will develop a ghruna (ଘୃଣା) towards his body... otherwise death is in his control... " Of course if a certain yagna, could be performed the catastophe might still be averted..."

ଏହାଶୁଣି ସୁରେନ୍ଦ୍ର ମୋହନ ଘୋଷ ଦୌଡ଼ିଆସିଲେ ପଣ୍ଡିଚେରୀ- ପ୍ରଥମେ ନଳିନୀ ଦାଙ୍କୁ ଏ ବିଷୟରେ କହିଲେ- ପରେ ପରେ ମାଆଙ୍କୁ କହିଲେ- ମାଆ ଶ୍ରୀଅରବିନ୍ଦଙ୍କୁ କହିଲେ... ଶ୍ରୀଅରବିନ୍ଦ ନିଜେ ତାଙ୍କ ଜାତକ ଓ ଭୃଗୁସଂହିତାର କପି ଦେଖିଲେ ଏବଂ କହିଲେ- "Do not worry" ଦିବ୍ୟ ଜନନୀ ସୁରେନ୍ଦ୍ର ମୋହନ ଘୋଷଙ୍କୁ ପରାମର୍ଶ ଦେଲେ- ତୁମେ ତୁରନ୍ତ ଦିଲ୍ଲୀ ଯାଇ ଭୃଗୁସଂହିତାର ସଂପୂର୍ଣ୍ଣ କପି ସଂଗ୍ରହ କରି ସେ ଜ୍ୟୋତିଷଙ୍କୁ ସାଙ୍ଗରେ ଧରି ମୋ ପାଖକୁ ଆସ । ସୁରେନ୍ଦ୍ରମୋହନ ଗଲେ- ବିଭିନ୍ନ ସ୍ଥାନ ବୁଲି ସେ ଜ୍ୟୋତିର୍ବିଦ୍‌ଙ୍କୁ ଠାବ କଲେ... ଜ୍ୟୋତିର୍ବିଦ୍ କିଛି ବିଳମ୍ବରେ ଆସିବାକୁ କହିଲେ- କିନ୍ତୁ ମାଆଙ୍କ ଆଦେଶରେ ଭୃଗୁସଂହିତାର ସଂପୂର୍ଣ୍ଣ ବିଶ୍ଳେଷଣ ସହ ମୂଳ କପିଟି ଦେଲେ ... ସୁରେନ୍ଦ୍ର ମୋହନ କେନ୍ଦ୍ର ସଚିବାଳୟର ଜଣେ ଦାୟିତ୍ୱସମ୍ପନ୍ନ ସଚିବ ହୋଇଥିବାରୁ ଜଣେ ଡେପୁଟି ସଚିବଙ୍କ ଦ୍ୱାରା ଭୃଗୁସଂହିତାର

କପି ପଣ୍ଡିଚେ଼ରୀ ପଠାଇଲେ- ପ୍ରତିକାର ଯଜ୍ଞ ବିଷୟ ପରାମର୍ଶପତ୍ର ମଧ୍ୟ ପଠାଇଲେ । ଯେଉଁଦିନ ଆସି ଭୃଗୁସଂହିତାର ମୂଳକପି ଓ ପ୍ରତିକାର ପରାମର୍ଶପତ୍ର ନଳିନୀ ଦାଙ୍କ ପାଖରେ ପଣ୍ଡିଚେ଼ରୀ ପହଞ୍ଚିଲା- ତାହା ଥିଲା ଡିସେମ୍ବର ୫-୧୯୫୦ ।

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ରାଜଜ୍ୟୋତିଷ ପଣ୍ଡିତ ବାଇକୋଳ ବିଷାରଦ ତାଙ୍କର ବିଖ୍ୟାତ ଗ୍ରନ୍ଥ ‘‘ଜ୍ୟୋତିଷ ସାର ସଂଗ୍ରହ’’ରେ ଶ୍ରୀଅରବିନ୍ଦଙ୍କ ଜାତକ କୁଣ୍ଡଳୀ ପ୍ରସ୍ତୁତ କରି ଲେଖିଛନ୍ତି- ଶ୍ରୀଅରବିନ୍ଦଙ୍କ ଷଡ଼ଶ୍ରୀମନ୍ତ ଯୋଗଥିଲା- ସେହି ଷଡ଼ଶ୍ରୀମନ୍ତ ଯୋଗରେ ଜ୍ୟୋତିଷ ଭାଷାରେ ଏକ ଯୋଗ ଥିଲା- ‘‘ଲୋକତର ଲୋକପ୍ରାପ୍ତି’’ ।

*ବ୍ରହ୍ମପୁର*

□□□

*‘‘ତାମସିକ ମନର ଗୁଞ୍ଜନ ମାନୁଷୀ ହୃଦୟକୁ ବିଭାଜିତ ମନ୍ଦ ପ୍ରଲୋଭନ ଦେଖାଏ,*
*ଏହି ତାମସିକ ମନ ଜ୍ଞାନ ଚକ୍ଷୁକୁ ଓ ଆତ୍ମାର ସମ୍ମାନକୁ ପରଦା ବୃତ୍ତ କରେ,*
*ଏହା ଏଠାରେ ଆମ ଯନ୍ତ୍ରଣାର ମୂଳ ଉତ୍ସ,*
*ଏହା ପୃଥିବୀକୁ ମହା ବିପଦ ଓ ଯନ୍ତ୍ରଣା ମଧ୍ୟରେ ବାନ୍ଧେ ।*
*ଯିଏ ଭାଗବତ ଶାନ୍ତିକୁ ଧରାବତରଣ କରାଏ ତାକୁ ତାମସିକ ମନ ଉପରେ ବିଜୟ ଆଣିବାକୁ ହୁଏ ।*
*ଏହି ଲୁକ୍କାୟିତ ଶତ୍ରୁ ମାନୁଷୀ ହୃଦୟ ମଧ୍ୟରେ ଆଶ୍ରୟ ନିଏ*
*ମଣିଷର ଆତ୍ମା ଏହି ତାମସିକ ମନର ପ୍ରଭୁ ହେବା ନିହାତି ଆବଶ୍ୟକ*
*କିମ୍ବା ଉଚ୍ଚତର ଆଧ୍ୟାତ୍ମିକ ଭାଗ୍ୟକୁ ହରାଇବା ନିମନ୍ତେ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ ।*
*ଜୀବନର ଏହି ଅନ୍ତର ଯୁଦ୍ଧରୁ କେହି ମଧ୍ୟ ବାଦ ପଡ଼ିବେ ନାହିଁ ।’’* ସାବିତ୍ରୀ - ୪୪୮

*‘‘ଏହି ଦିବ୍ୟ ପ୍ରତୀକଗୁଡ଼ିକ ଏକ ବୃହତ ବିଶ୍ୱଆତ୍ମାର ସ୍ୱଭାବ ଅଟେ ।*
*ଯାହା ଆମ ଭିତରେ ଅଦୃଶ୍ୟ ଭାବରେ ଅବସ୍ଥାନ କରେ;*
*କେବଳ ବେଳେବେଳେ ଏକ ପବିତ୍ର ଦିବ୍ୟ ପ୍ରଭାବ ଅନୁପ୍ରବେଶ କରେ,*
*ଶକ୍ତିଶାଳୀ ଦିବ୍ୟ ପ୍ରବାହର ଏକ ଜୁଆର ଆମ ଜୀବନରେ ଧାରଣ କରିବାକୁ ସମର୍ଥ ହେଉ*
*ଏବଂ ଏକ ଦିବ୍ୟତର ପରମାତ୍ମାଙ୍କ ଉପସ୍ଥିତି ଆତ୍ମାକୁ ଗତିଶୀଳ କରାଏ;*
*କିମ୍ବା ଏହାର ପ୍ରଭାବରେ ପାର୍ଥିବ ଆବରଣର କିଛି ସିମୀତତା ଭାଙ୍ଗିପଡ଼େ,*
*ଆଧ୍ୟାତ୍ମିକ ଆଲୋକର ଏକ ଦିବ୍ୟ କୃପା ଓ ସୌନ୍ଦର୍ଯ୍ୟ ସହିତ*
*ସ୍ୱର୍ଗୀୟ ଚୈତ୍ୟଅଗ୍ନିର ଗୁଞ୍ଜନ ଜିହ୍ୱାରେ ପ୍ରକାଶ ହୁଏ ।’’*

ସାବିତ୍ରୀ - ୪୮

‘‘ମୁଁ ଚାହେଁ

୧) ବ୍ୟକ୍ତିଗତ ଭାବରେ ଚିରକାଳ ପରମେଶ୍ୱରଙ୍କର ପରିପୂର୍ଣ୍ଣ ଅଭିବ୍ୟକ୍ତି ହୋଇଉଠିବା ।
୨) ସେହି ଅତିମାନସ ବିଜୟ, ପରିପ୍ରକାଶ ଓ ରୂପାନ୍ତର ତତ୍‌କ୍ଷଣାତ୍ ସମ୍ପାଦନ ହେବା ଉଚିତ ।
୩) ପୃଥିବୀର ବର୍ତ୍ତମାନ ଏବଂ ଭବିଷ୍ୟତରୁ ସକଳ ଦୁଃଖ ଓ ନିର୍ଯ୍ୟାତନାର ଚିରକାଳପାଇଁ ପରିସମାପ୍ତି ଘଟୁ ।’’

*ଶ୍ରୀମା*
TMCW/13/41-42

# ଜୀବକୋଷ ଏବଂ ତାହାର ରହସ୍ୟମୟ ପରିଚୟ

ଯୋଗନ୍ କୁମାର

''ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ'' (ଗୀତା-୧୫.୭) ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି- ''ଜୀବଲୋକରେ ମୋର ସନାତନ ଅଂଶ ଜୀବଭାବରେ ବିଦ୍ୟମାନ । ପୁଣି ଗୀତାରେ କୁହାଯାଇଛି- ''ଅହମ୍ ଆତ୍ମା ଗୁଡ଼ାକେଶ ସର୍ବଭୂତାଶୟ ସ୍ଥିତଃ ।''(ଗୀତା-୧୦.୨୦) ଅର୍ଥାତ୍ - ହେ ଅର୍ଜୁନ ମୁଁ ଆତ୍ମା ରୂପେ ସକଳ ପ୍ରାଣୀଙ୍କ ମଧ୍ୟରେ ନିବାସ କରେ ।

ଏହି ଦିବ୍ୟତତ୍ତ୍ୱ ମନୁଷ୍ୟ ପାଇଁ ଏକ ଗୁହ୍ୟତମ ରହସ୍ୟ । ଏହି ଚୈତ୍ୟ ପୁରୁଷକୁ ମନୁଷ୍ୟ ସ୍ୱଷ୍ଟଭାବରେ ହୃଦୟଙ୍ଗମ କରିପାରିଲେ ସେ ଆତ୍ମସନ୍ଧାନୀ ହେବାପାଇଁ ପ୍ରୟାସ କରିବ, ବିବର୍ତ୍ତନବାଦରେ ଚେ଼ତନାର ଆରୋହଣରେ ନିଜର ପରମ ସ୍ଥିତିକୁ ରୂପାୟନ କରିବ, ବାସ୍ତବତାରେ ହଜାଇ ଦେଇ ନିଜକୁ ଓ ଜଗତକୁ ଦିବ୍ୟ ଢ଼ଙ୍ଗରେ ଗଢ଼ିତୋଳି ସ୍ୱର୍ଗୀୟ ଦିବ୍ୟ ବୈଭବଗୁଡ଼ିକୁ ତାର କାଳ ନିର୍ମିତ ତନୁ ମଧ୍ୟରେ ନିଖୁଣଭାବେ ସାଜସଜ୍ଜା ଜୀବନକୁ ପୂର୍ଣ୍ଣତାର ରୂପ ପ୍ରଦାନ କରିବ । ଏହି ଆତ୍ମଶକ୍ତିର ପରିବୃଦ୍ଧି ହିଁ ମନୁଷ୍ୟର ଅନ୍ତିମ ଓ ବାସ୍ତବ ଲକ୍ଷ୍ୟ । ଏହି ସତ୍ୟକୁ ସାକାର କରିବା ପାଇଁ ପୃଥିବୀରେ ଆତ୍ମା ସକଳ ଏହି ଜଡ଼ ଶରୀରକୁ ଧାରଣ କରିବାର ମୂଳ ଉଦ୍ଦେଶ୍ୟ । ଏହି ଦୃଷ୍ଟିରୁ ବିଚାର କଲେ ମନୁଷ୍ୟ ରକ୍ତ, ମାଂସ ଏବଂ ଅସ୍ଥିରେ ନିର୍ମିତ ହେଲାପରି ମନେହେଉଥିବା ସାଧାରଣ ଜୀବ ଆଦୌ ନୁହେଁ । ସେ ତା ମଧ୍ୟରେ ଧାରଣ କରିଛି ଅନେକ ଦିବ୍ୟ ସମ୍ଭାବନା । ସେସବୁକୁ ନିଜ ମଧ୍ୟରେ ପ୍ରକାଶ କରି ଓ ଜଗତରେ ବିତରଣ କରି ପରମ ସୁଖର ଅଧିକାରୀ ହେବ ଏବଂ ପୁଣି ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବାର ଦିବ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ସୌଭାଗ୍ୟ ଅର୍ଜନ କରିବ । ତେଣୁ ପରମପ୍ରଭୁ ଶ୍ରୀଅରବିନ୍ଦ କହିଛନ୍ତି ମନୁଷ୍ୟ ଚେ଼ତନାର ସଚେତନ ଦ୍ୱାରକୁ ଉନ୍ମୁକ୍ତ କରିଦେବାର ଏକ ଚାବିକାଠି ("Man is its key to unlock a conscious door." (Savitri-Page-690) ରୂପେ ବିବେଚନା କରିଛନ୍ତି ।

ବର୍ତ୍ତମାନ ମନୁଷ୍ୟ ସ୍ତର ପରେ ସ୍ତର ଦେଇ ବିବର୍ତ୍ତନବାଦର ଶେଷ ସ୍ତରରେ ପହଞ୍ଚି ଶ୍ରେଷ୍ଠ ଜୀବଭାବେ ନିଜକୁ ଉପସ୍ଥାପନା କରିବାର ଯୋଗ୍ୟତାକୁ ପ୍ରାପ୍ତ ହୋଇଛି, ତାହା ଅନ୍ତିମ ପରିଚୟ ନୁହେଁ । ପ୍ରଭୁ ଶ୍ରୀଅରବିନ୍ଦଙ୍କ ମତରେ ସେ ହେଉଛି ଏକ ମଧ୍ୟବର୍ତ୍ତୀକାଳୀନ ସତ୍ତା (man is a transitional being) । ମନକୁ ବିକଶିତ କରି ମନୁଷ୍ୟ ଆଜି ଯେଉଁ ସ୍ଥିତିରେ ନିଜକୁ ପ୍ରତୀୟମାନ କରୁଛି, ଯେଉଁ ଦୃଷ୍ଟିରେ ଜଗତକୁ ଅନୁଭବ କରୁଛି ତାହା ପୂର୍ଣ୍ଣସତ୍ୟର ପରିଚୟ ନୁହେଁ । ମନର ଧାରଣା, ତାର ଅଭ୍ୟାସ, ପରିକଳ୍ପନା, ଅଭିମତ, ଅଭିରୁଚି ସବୁ ବାହ୍ୟ ସ୍ଥୂଳ ଜଗତକୁ ଆଂଶିକ ଭାବରେ ବୁଝିବାର ଏକ ବ୍ୟବସ୍ଥା । କିନ୍ତୁ ଅପର ପକ୍ଷେ ସକଳ ଜ୍ଞାନର ଭଣ୍ଡାର, ସବୁର ମୂଳ କାରଣ, ଅର୍ନ୍ତଦେଶରେ ଯାହାର ନିବାସ ସେହି ଚୈତ୍ୟ ଆତ୍ମା ଯାହା ଜଗତକୁ ଦିବ୍ୟ ଢ଼ଙ୍ଗରେ ଦର୍ଶନ କରିବାରେ ସମର୍ଥ ।

ପୁଣି ମନୁଷ୍ୟ ଅତି କ୍ଷୁଦ୍ର, ଅତି ସୂକ୍ଷ୍ମସ୍ତରର ମୌଳିକ ଏକକ ଯାହା ବିଜ୍ଞାନ କହେ ଜୀବକୋଷ, ସେହି କୋଷମାନଙ୍କର ଏପରି ଏକ ଧାରଣ କ୍ଷମତା ରହିଛି ତା' ମଧ୍ୟକୁ ଯାହା ନିକ୍ଷେପ କରାଯାଏ, ସେ ସେସବୁକୁ ଗ୍ରହଣ କରିନିଏ ଏବଂ ତାରି ଧର୍ମକୁ ଶ୍ରେୟକରି ଗାଇ ଚାଲେ ଅପୂର୍ବ ଛନ୍ଦରେ । ତେବେ ଦେଖାଯାଏ, ଯେତେବେଳେ କୋଷମାନେ ମନ, ପ୍ରାଣ, ଶରୀରର ଇନ୍ଦ୍ରିୟାନୁଭୂତିର ସକଳ ପରିସର ମଧ୍ୟରେ ଯାହାସବୁ ଶିକ୍ଷାର୍ଜନ କରନ୍ତି, ସେମାନେ ସେଥିରେ ଅଭ୍ୟସ୍ତ ହୋଇ ସେସବୁକୁ ଚତୁରତାର ସହିତ ରୂପାୟନ କରନ୍ତି ଯାହାକି ସ୍ଥୂଳ ପରିଚୟର ଇଙ୍ଗିତ ମାତ୍ର । ପରନ୍ତୁ ଆଉ ଏକ ଦୃଷ୍ଟିରୁ ଜଣାଯାଏ ଏହି କୋଷମାନଙ୍କର ସଂଗଠନ, ଏବଂ ସେମାନଙ୍କ ମଧ୍ୟରେ ଅପୂର୍ବ ସମନ୍ୱୟ ଘଟାଇ ଏକ ଜୀବନ୍ତ ପ୍ରତିମାରେ ଗଢ଼ିତୋଳିବାର ସ୍ରଷ୍ଟା, ପିତାମାତା, ସଖା, ଗୁରୁ, ପଥପ୍ରଦର୍ଶକ ଭାବେ ଅନ୍ୟ ଏକ ସତ୍ତା ଯିଏକି ସୂକ୍ଷ୍ମସ୍ତରରେ ବିଦ୍ୟମାନ, ସେ ହେଉଛନ୍ତି ସନାତନଙ୍କର ଅଂଶସ୍ୱରୂପ । ସେ ଆତ୍ମାରୂପେ ଅତି ନିକଟତର ହୋଇ ସେ ତାଙ୍କର ଦିବ୍ୟ ସନାତନ ଧର୍ମକୁ ରୂପ ଦେବାରେ ତତ୍ପର । ସେ ଏହି ଜଡ଼ବସ୍ତୁକୁ, ସମସ୍ତ କୋଷକୁ, ଜୀବ ଶରୀରକୁ ବସ୍ତ୍ରରୂପେ ପରିଧାନ କରିଛନ୍ତି । ସେ ଯେହେତୁ ଏହି ପାର୍ଥିବ ଶରୀରକୁ ବସ୍ତ୍ରରୂପେ ବରଣ କରିଛି, ଏହି ମନୁଷ୍ୟ ସେହି ପରମଙ୍କୁ, ତାଙ୍କର ଦିବ୍ୟଚେ଼ତନା, ଦିବ୍ୟଜ୍ଞାନ, ଦିବ୍ୟାଲୋକ, ସକଳ

ଦିବ୍ୟ ବୈଭବକୁ ଦିବ୍ୟବସ୍ତ୍ର ରୂପେ ପରିଧାନ କରିବା ଏକାନ୍ତ କାମ୍ୟ । ତେଣୁ ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟରେ ଦର୍ଶାଇଛନ୍ତି

"His nature we must put on as he put ours;
We are sons of God and must be even as he:
His Human portion, we must grow divine".

(Savitri-P-67)

କୋଷମାନେ ଅତିସୂକ୍ଷ୍ମ କାୟାବିଶିଷ୍ଟ ବସ୍ତୁ ହେଲେବି ସୁଦ୍ଧା, ସେମାନେ ବିଶ୍ୱ ବ୍ରହ୍ମାଣ୍ଡକୁ, ପରମପୁରୁଷ ସଚ୍ଚିଦାନନ୍ଦଙ୍କୁ ଧାରଣ କରିବାର ଅନନ୍ୟ ସାମର୍ଥ୍ୟ ରହିଛି । ମନ, ପ୍ରାଣ, ଶରୀରର ନିମ୍ନ ପ୍ରକୃତିର ସ୍ପନ୍ଦନ ପରିବର୍ତ୍ତେ ଆତ୍ମାର ସ୍ପନ୍ଦନ ଆଡ଼କୁ ଉନ୍ମିଳନ ହୋଇଗଲେ ଦିବ୍ୟ ସମ୍ଭାବନାର ରହସ୍ୟ ଖୋଲିଯାଏ, ଏହି କୋଷମାନଙ୍କ ଉପରେ ଆତ୍ମାର ପ୍ରଭାବ, ତାର ସ୍ପନ୍ଦନ ଅତି ହୃଦୟସ୍ପର୍ଶୀ ଏବଂ କୋଷମଧ୍ୟରେ ତାଙ୍କ କ୍ରୀଡ଼ା ଅତି ଚମକପ୍ରଦ । ଏହି କ୍ରୀଡ଼ାର ଉନ୍ମୋଦରୁ ଜନ୍ମନିଏ ପରମ ସତ୍ୟର ପରମ ଇଙ୍ଗିତ ସବୁ । ଏହିଥିରୁ ହିଁ ଉଦ୍‌ଭବ ହୁଏ ପରମ ଦିବ୍ୟ ଆନନ୍ଦ । ପ୍ରଭୁ ଶ୍ରୀଅରବିନ୍ଦ ସାବିତ୍ରୀରେ କହିଛନ୍ତି -

"To house God's Joy in things Space gave wide room,

To house God's Joy in Self our souls were born." (Savitri-P-630)

ଅର୍ଥାତ୍,

''ଭାଗବତ ଅନନ୍ଦକୁ ଜଡ଼ମଧ୍ୟେ ସ୍ଥାପିବାକୁ
ପାତ୍ର ଦେଲା ବିସ୍ତୃତ କୋଠରୀ ।
ଭାଗବତ ଆନନ୍ଦକୁ ନିଜ ମଧ୍ୟେ ସ୍ଥାପିବାକୁ
ଜନ୍ମନେଲା ଆତ୍ମାଟି ଆମରି ।''

ଏହାହିଁ ହେଉଛି ଆତ୍ମାର ଜନ୍ମ ବୃତ୍ତାନ୍ତ ରହସ୍ୟ । ଅନ୍ୟ କୌଣସି କ୍ଷଣଭଙ୍ଗୁର ସୁଖପାଇଁ ଆତ୍ମାର ପ୍ରକାଶ ଘଟିନାହିଁ । ତାତ୍ତ୍ୱିକ ଦୃଷ୍ଟିରୁ ଆଜିର ମାନବକୁ ସ୍ୱୀକାର କରିନେବାକୁ ହେବ ଯେ ମନ, ପ୍ରାଣ, ଶରୀରର ଅହଂମାତ୍ମକ, ଅଜ୍ଞାନ, ଅସତ୍ୟ ଚେତନାର ହାତରେ କୋଷମାନଙ୍କୁ ଯଦି ଛାଡ଼ିଦିଆଯାଏ, ତେବେ ସେମାନେ ଯନ୍ତ୍ରଣା ଜର୍ଜରିତ ହୋଇ ମୃତ୍ୟୁର ସମ୍ମୁଖୀନ ହୁଅନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଭୁଙ୍କ ନିର୍ଦ୍ଦେଶ:

"Where ignorance is there suffering too must come;" (Savitri-P-443)

ଅର୍ଥାତ୍, ଯେଉଁଠି ଅଜ୍ଞାନ ରହିଛି ସେଠାରେ ଯନ୍ତ୍ରଣା ସୁନିଶ୍ଚିତ ପୁଣି ଏହି ଅଜ୍ଞାନର ଊର୍ଦ୍ଧ୍ୱକୁ ଯିବାର ମନ୍ତ୍ରଟି ହେଉଛି

"The end of Death, the death of Ignorance."

(Savitri- P-708)

ଅର୍ଥାତ୍ ଅଜ୍ଞାନର ମୃତ୍ୟୁରୁ, ମୃତ୍ୟୁର ପରିସମାପ୍ତି ଘଟେ । ଏହି ପରିପ୍ରେକ୍ଷୀରେ 'ମା' ଜଗତଜନନୀଙ୍କ ପ୍ରଦତ୍ତ ମନ୍ତ୍ରରୁ ଜଣାଯାଏ ଯେ "Death is an illusion, illness is an illusion, ignorance is an illusion, something that has no reality, no existence - only Love and Love, and Love - Immense, formidable, prodigious, carrying everything. And the thing is done."

The Mother's Agenda- Date- 13-04-1962

ଏହି ଚେତନାକୁ କୋଷ ସ୍ତରରେ ଅନୁଭବ କଲେ ଯେ ମୃତ୍ୟୁ, ଯନ୍ତ୍ରଣା, ଅଜ୍ଞାନ ସବୁ ମରିଚିକା ସଦୃଶ ଅନୁଭୂତ ହେବ । କେବଳ ହିଁ ଦିବ୍ୟପ୍ରେମ । ଏହି ଦିବ୍ୟପ୍ରେମର ସ୍ପନ୍ଦନ ଏପରି କୋଷମାନଙ୍କୁ କବଳାବୃତ୍ତ କରି ନେବ ଯେ ସେମାନେ ତାର ପ୍ରଚଣ୍ଡତାର ସ୍ପର୍ଶରେ ସକଳ ପାର୍ଥିବ ଅଭ୍ୟାସ, ସୁଖ ଓ ସାମର୍ଥ୍ୟ ହରାଇ ବସିବେ । ଭୂଶୁଡ଼ି ପଡ଼ିବ ଅଜ୍ଞାନର ବିରାଟ ପ୍ରାଚୀର । ବିଲୀନ ହୋଇଯିବ ଯନ୍ତ୍ରଣା ଓ ମୃତ୍ୟୁର ତାଣ୍ଡବଲୀଳା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମନୁଷ୍ୟ ଆଜି ନିମ୍ନ ପ୍ରକୃତିର ଦାସ ହୋଇ ତାର ଅନ୍ତିମ ପରିଚୟ making money, eating and dying ରୂପକ ଚେତନାରେ ପରିସମାପ୍ତି ଘଟାଏ । ତେଣୁ ଏହି ଅପ୍ରିତିକର ମୂଲ୍ୟହୀନ ପାର୍ଥିବ ଚେତନାରୁ ମୁକ୍ତ ହେବାକୁ ହେଲେ ମନୁଷ୍ୟକୁ ବହୁବିଧ ପ୍ରଚେଷ୍ଟା, ବହୁବିଧ ଆକ୍ରମଣାତ୍ମକ ଢ଼ଙ୍ଗରେ ସକଳ କ୍ଷେତ୍ରରେ, ସକଳ କୋଷ ସ୍ତରରେ, ସବୁ ମୁହୂର୍ତ୍ତରେ, ପ୍ରତି ସେକେଣ୍ଡରେ ମହା ପ୍ରଳୟଙ୍କରୀ ଯୁଦ୍ଧ ଘୋଷଣା କରିବାକୁ ହେବ । ଏପରି 'ଘୋର କର୍ମାଣି'ରେ ନିୟୋଜିତ କରିବାକୁ ହେବ ଯେପରି ପ୍ରତ୍ୟେକ ସତ୍ତାର, ପ୍ରତ୍ୟେକ କୋଷର ଦିବ୍ୟ ରୂପାନ୍ତର ସମ୍ଭବ ହେବ । ପ୍ରଭୁ ଶ୍ରୀଅରବିନ୍ଦ ଦିବ୍ୟ କର୍ମ ଉପରେ ଏକ ମନ୍ତ୍ର ପ୍ରଦାନ କରିଛନ୍ତି ।

"Labours life to equate with the Supreme"

(Savitri-P-196)

ଅର୍ଥାତ୍,

''ଗଭୀର କର୍ମରେ ନିମଗ୍ନ ଜୀବନ
ପରମଙ୍କ ସହ ସେ ହେବ ସମାନ ।''

କୋଷମାନେ ନିଜର ଜୀବନକୁ ଏଭଳି ଏକ ଉଚ୍ଚତର ଦିବ୍ୟ ଯଜ୍ଞରେ ଉତ୍ସର୍ଗ କରି କର୍ମ କରିବେ, ଏବଂ ଏଭଳି ଏକ ଅର୍ନ୍ତମୁଖୀ

ଜୀବନ ବଞ୍ଚି ଆତ୍ମାକୁ ଆବିଷ୍କାର କରିବେ, ଫଳରେ ଆତ୍ମା, ପରମ ସତ୍ୟ ଓ ଦିବ୍ୟ ଜୀବନ ମଧ୍ୟରେ ଏକ ଯୋଗ ସୂତ୍ର ସ୍ଥାପନ ହୋଇପାରିବ । ତେଣୁ ପ୍ରଭୁ ସାବିତ୍ରୀ ମହାକାବ୍ୟରେ ଜଣାଇଛନ୍ତି

"If our souls could see and love and clasp God's truth,"
It's infinite radiance would seize our hearts,
Our being in God's image be remade
And earthly life become the life divine"

(Savitri-P-663)

ପୁଣି ଏହି ବ୍ରହ୍ମନ୍ ଯିଏ ଆମ ମଧ୍ୟରେ ଆତ୍ମାରୂପରେ ନିବାସ କରିଛନ୍ତି ତାଙ୍କର ପ୍ରକାଶ କିପରି ଘଟିବ ପ୍ରଭୁ ଦିବ୍ୟଜୀବନ ଗ୍ରନ୍ଥରେ ଜଣାଇଛନ୍ତି

"When there is complete silence in the being, either a stillness of whole being or a stillness behind unaffected by surface movement then we can become aware of a self, a spiritual substance of our being ..." (The Life Divine-P-887)

ମନୁଷ୍ୟ କୋଷ ସ୍ତରରେ ଯେତିକି ନୀରବ ରହି, ସ୍ଥିର, ଗୁରୁଗମ୍ଭୀର ହୋଇ ତରଳ, ସରଳ, କୋମଳତାରେ ନିଜକୁ ଆହୁତି ଦେବ ଭଗବାନଙ୍କ ପାଖରେ, ତେବେ କୋଷମାନଙ୍କ ମଧ୍ୟରେ ଦିବ୍ୟ ଉଷାର ଅତିମାନସ ସୂର୍ଯ୍ୟ ପ୍ରକାଶିତ ହେବେ । ତେଣୁ ଭଗବାନଙ୍କୁ ବାଦ ଦେଲେ ଏସବୁ କୋଷମାନଙ୍କର ମୂଲ୍ୟହିଁ ନାହିଁ । ତେବେ 'ଶ୍ରୀମା' ଏହି ପରିପ୍ରେକ୍ଷୀରେ କହିଛନ୍ତି-

"Without the Divine, we are limited, incompetent and helpless beings: with Divine if we give ourselves entirely to Him, all is possible, and our progress is limitless."

The Mother's Agenda-01-01-1972

ଅର୍ଥାତ୍, ଭଗବାନଙ୍କ ବିନା ଆମେ ନିମିତ୍ତ ମାତ୍ର, ଅଦକ୍ଷ ଏବଂ ଅସହାୟ ସତ୍ତା, ଭଗବାନଙ୍କ ସହିତ, ଯଦି ଆମେ ଆମର ସମଗ୍ର ସତ୍ତାକୁ ତାଙ୍କୁ ଅର୍ପଣ କରିଦିଅନ୍ତି, ସବୁ ସମ୍ଭବ, ଆମର ପ୍ରଗତି ଅସୀମ'' । ଏହି ସତ୍ୟରେ କୋଷମାନେ ଜୀବନ ବଞ୍ଚିବା ଦିବ୍ୟଜୀବନର ରହସ୍ୟମୟ ପରିଚୟ ଅଟେ ।

''ଓଁ ତତ୍ ସତ୍''

*ଶ୍ରୀ ମାତୃନିକେତନ ଆଶ୍ରମ ସୌଜନ୍ୟରୁ*

□□□

*(ନାରଦ କହିଛନ୍ତି)''ଜଣେ ଯଦି ଅତ୍ୟଧିକ ଆତ୍ମିକ ସୁଖ ମଧ୍ୟରେ ଜୀବନ ବଞ୍ଚିବାକୁ ସମର୍ଥ ହୁଏ ତେବେ ଦୁର୍ଭାଗ୍ୟ ତା ଜୀବନରେ ଶୋଇ ପଡ଼ିପାରେ; ଏହି ଦୁର୍ଭାଗ୍ୟ ଅଦୃଶ୍ୟ ଅନ୍ଧକାର ଶକ୍ତି ଭାବରେ ମଣିଷର ଅଚେତନ ମୁହୂର୍ତ୍ତରେ ଜୀବନ ମଧ୍ୟରେ ଅନୁପ୍ରବେଶ କରେ ଓ କବଳାକୃତ କରେ, ଯଦି ସାବିତ୍ରୀଙ୍କ ହୃଦୟ ଏକ ଅତିମାନସ ଜଗତରେ ଚିରକାଳ ଆବଦ୍ଧ ହୋଇ ରହନ୍ତି, ଅତ୍ୟଧିକ ଉଚ୍ଚ ଚେତନା ଓ ଅତ୍ୟଧିକ ଆନନ୍ଦ ମଧ୍ୟରେ ସଚେତନ ଜାଗ୍ରତ ଜୀବନ ବଞ୍ଚନ୍ତି, ତେବେ ଚିରକାଳ ପାଇଁ ଦୁର୍ଭାଗ୍ୟକୁ ଶୋଇ ପଡ଼ିବାକୁ ସେ ଛାଡ଼ିଦେଇ ପାରନ୍ତି ।'' ସାବିତ୍ରୀ-୪୨୦*

*''ଆମର ଲକ୍ଷ୍ୟ ହେଉଛି ଏକ ଆଧ୍ୟାତ୍ମିକ ସତ୍ୟ ଯାହା ଜୀବନର ଭିତ୍ତିଭୂମିକୁ ନିର୍ଦ୍ଧାରିତ କରେ, ଯାହାର ପ୍ରାଥମିକ ଆବଶ୍ୟକତା ଗୁଡ଼ିକ ହେଉଛି (୧) ସମର୍ପଣ ଏବଂ (୨) ଭଗବାନଙ୍କ ସହ ମିଳନ ଏବଂ (୩) ଅହଂକାରକୁ ଅତିକ୍ରମ କରି ଜୀବନ ବଞ୍ଚିବା । ଯେଉଁ ପର୍ଯ୍ୟନ୍ତ ଏହି ଭିତ୍ତିଭୂମି ପ୍ରତିଷ୍ଠିତ ନ ହୋଇଛି ସେ ପର୍ଯ୍ୟନ୍ତ ସାଧକ ହେଉଛି କେବଳ ଏକ ଅଜ୍ଞାନ ଓ ଅପୂର୍ଣ୍ଣ ମଣିଷ ଯିଏକି ନିମ୍ନ ପ୍ରକୃତିର ମନ୍ଦ ଅଭ୍ୟାସ ସହିତ ଲଢୁଥାଏ ।'' ଶ୍ରୀଅରବିନ୍ଦ/ଶ୍ରୀମା'ଙ୍କ ଏଜେଣ୍ଡା-୪/୪୨୨*

*(ସାବିତ୍ରୀ କହିଛନ୍ତି) ''ଆମେ ଯଦି ଏକ ଆନନ୍ଦମୟ ଏକତ୍ର ମଧ୍ୟରେ ଜୀବନ ବଞ୍ଚିବାକୁ ସମର୍ଥ ହେବା ତେବେ ଦୁର୍ଭାଗ୍ୟ ଆସି ଆମ ଜୀବନକୁ ବିଭାଜିତ ଓ ଖଣ୍ଡ ବିଖଣ୍ଡିତ କରିପାରିବ ନାହିଁ ।'' ସାବିତ୍ରୀ-୪୧୨*

# ଦିବ୍ୟ ଆଲୋକ ଅବଲୋକନ

ଇଂ. ସୌରେନ୍ଦ୍ର ପ୍ରହରାଜ

୨୦୨୨ ଅଗଷ୍ଟ ମାସ ୧ ତାରିଖରେ ସୋମବାର ।

ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର ରାମଚନ୍ଦ୍ରପୁର ଗ୍ରାମରେ ଦିବ୍ୟଜନନୀ ଶ୍ରୀମା ଓ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ କୃପାରୁ ଗଢ଼ିଉଠିଥିବା ଶ୍ରୀ ମାତୃନିକେତନ ଆଶ୍ରମ ମା'କ୍ରୀଷ୍ଣାଙ୍କ ପ୍ରତିନିଧିତ୍ୱରେ, ଏହିଦିନ ଏହି ଆଶ୍ରମରେ ନିର୍ମିତ ଶ୍ରୀ ମାତୃଧାନ ମନ୍ଦିରରେ ଶ୍ରୀମା ଓ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପିତ ହେବାର ଏକ ଅତି ପବିତ୍ର କାର୍ଯ୍ୟକ୍ରମ ... । ଏହିଦିନ ଏକ ସ୍ମରଣିକା (Souvenir) ଉନ୍ମୋଚନ କରିବା ନିମନ୍ତେ ଦିବ୍ୟପ୍ରୟାସ ଚାଲିଛି । ଏହି ଲେଖକର ଯୋଗ୍ୟତା ଅଛି କି ନାହିଁ ଜାଣେନା । ତେବେ ଶ୍ରୀମା ଓ ମହାନ୍ ଯୋଗୀ ଶ୍ରୀଅରବିନ୍ଦଙ୍କ ବିଷୟରେ କିଛି ଲେଖିବାକୁ ଲେଖକର ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କୃପାଶ୍ରିତ ଝିଅ ରାନୁ ଓ ଜ୍ୱାଇଁ ବିକ୍ରମ କେଶରୀ ବସ୍ତିଆଙ୍କ ଅନୁରୋଧ । କିନ୍ତୁ ଏ ଲେଖକ ଦୁର୍ଗା ସଦୃଶ ଶ୍ରୀମା ଓ ପରମ ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କ ମୋ ପ୍ରତି ଦିବ୍ୟ କୃପା ବୋଲି ଅନ୍ତରରେ ଅନୁଭବ କରୁଛି । ଅବଶ୍ୟ ସମସ୍ତେ ଜାଣନ୍ତି ଏ ଲେଖକର ଲେଖାଲେଖି କରିବା ଅଭ୍ୟାସ ଅଛି । ଓଡ଼ିଶାର ବହୁଳ ପ୍ରସାରିତ ଦୈନିକ ପତ୍ରିକାରେ ସଂପାଦକୀୟ ପୃଷ୍ଠାର ସ୍ତମ୍ଭରେ ଏହି ଲେଖକର ଲେଖା ପ୍ରକାଶିତ ହୁଏ ।

ଯାହାହେଉ ଏ ଲେଖକକୁ ଦିବ୍ୟଜନନୀ ଶ୍ରୀମା ଓ ମହାନ୍ ଯୋଗୀ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ରହିଛି- ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଅନେକ ପୁସ୍ତକ ଏ ଲେଖକ ପଢ଼ିଛି ସ୍ୱତଃ... । ଗତ ଅଳ୍ପ ମାସ ମଧ୍ୟରେ ସୌରଦୀପ୍ତପଥ, ଚିରନ୍ତନୀ, ଟେଲ୍‌ସ ଅଫ ଅଲ୍ ଟାଇମ୍‌ସ ଓ ଅନ୍ୟ ଚାରି ପାଞ୍ଚଖଣ୍ଡ ବହି ଶେଷ କରିବାକୁ ସୁଯୋଗ ମିଳିଛି ଏ ଲେଖକକୁ । ୨୦୦୭, ୨୦୦୯ ଓ ୨୦୧୦ ମସିହାରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆଶ୍ରମକୁ ଯିବାପାଇଁ ପରିବାର ସହ ମୋତେ ଏକ ଦିବ୍ୟ ସୁଯୋଗ ମିଳିଥିଲା । ଶ୍ରୀଅରବିନ୍ଦ ତାଙ୍କର ଯୋଗରେ (Elements of Yoga) ପୁସ୍ତକରେ କହିଛନ୍ତି - ''ଜଣେ ସୁଖୀ କି ଅସୁଖୀ ନିଜେ ଜାଣିପାରେ, ଜଣେ ସନ୍ତୁଷ୍ଟ କି ଅସନ୍ତୁଷ୍ଟ ନିଜେ ଜାଣିପାରେ, ସେଥିପାଇଁ ସେ, ନିଜକୁ କିଛି ପଚାରିବା ଦରକାର ନାହିଁ, ଏଥିଲାଗି କିଛି ଜଟିଳ ଜିଜ୍ଞାସାବାଦର ମଧ୍ୟ ପ୍ରୟୋଜନ ନାହିଁ, ସେ ଏକଥା ନିଜେ ଜାଣେ ଏବଂ ଏହା ଜାଣିବା ଭାରି ସରଳ ମଧ୍ୟ ।'' - ଏହା ପଢ଼ିବା ପରେ ଜଣେ ନିଶ୍ଚିତ ଭାବରେ ଆତ୍ମଜ୍ଞାନର ଦ୍ୱାରଦେଶରେ ପହଞ୍ଚିପାରିବ ।

ଶ୍ରୀଅରବିନ୍ଦ କହନ୍ତି - ''ଜଣେ ଯାହା ଭାବୁଥାଏ, ସେ ତାହାହିଁ ହୋଇଉଠେ । ସେ ଯେପରି ଚିନ୍ତା କରେ, ସେହି ଚିନ୍ତା ହେତୁ ହିଁ ସେ ତାହା ହୋଇପାରେ । ଏହି ପରମଜ୍ଞାନଟି ଆମକୁ ଏତିକି ଜଣାଉଛି ଯେ, ଜଣେ ନିଜେ ଯାହା ହୋଇପାରିବ ବୋଲି ଯେଉଁସବୁ ଚିନ୍ତା କରେ, ତାହା ହେଉଛି ତା'ର ବ୍ୟକ୍ତିସତ୍ତାର ବିକାଶ ନିମନ୍ତେ ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଚାବିକାଠି ।''

ଭଗବାନ ଗୀତାରେ କହିଛନ୍ତି ଅଷ୍ଟାଦଶ ଅଧ୍ୟାୟରେ -

''ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେର୍ଦ୍ଦର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରରୂଢ଼ାନି ମାୟୟା ॥'' ୬୧ ॥

''ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥ ୬୨ ॥

ଅର୍ଥାତ୍:- 'ହେ ଅର୍ଜୁନ ! ଭଗବାନ ସବୁ ପ୍ରାଣୀଙ୍କ ହୃଦୟରେ ରହିଛନ୍ତି ଓ ଯନ୍ତ୍ରାରୂଢ଼ ପୁତ୍ତଳିକା ପରି ସମସ୍ତଙ୍କୁ ନିଜର ମାୟାଶକ୍ତିରେ ନଚାଉଛନ୍ତି । ଏଣୁ ତୁମେ ସର୍ବୋତଭାବରେ ତାଙ୍କର ଶରଣାପନ୍ନ ହୁଅ । ତାଙ୍କ କୃପାରୁ ତୁମେ ଶାନ୍ତି ଓ ଶାଶ୍ୱତ ଧାମ ପ୍ରାପ୍ତ ହେବ ।''

ଦିବ୍ୟଜନନୀ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ବାଣୀ''ଈଶ୍ୱରକୃପା ଓ ପାପୀ'' ବିଷୟରେ ଯାହା ଲେଖିଛନ୍ତି, ତାହା ସାଧାରଣ ଲୋକଙ୍କ ଭ୍ରାନ୍ତଧାରଣା ଦୂର କରିବା ଉଦ୍ଦେଶ୍ୟରେ ଲେଖିଛନ୍ତି ।

ଏପରିକି ଶ୍ରୀମା ତାଙ୍କର ''ସୌରଦୀପ୍ତ ପଥ'' (The Sunlit Path) ପୁସ୍ତକରେ- ''ଭଗବାନ, ଜଗତ ଏବଂ ମନୁଷ୍ୟ'' ବିଷୟରେ ଏକ ସୁନ୍ଦର ବ୍ୟାଖ୍ୟା କରିଛନ୍ତି । ଏହି ପୁସ୍ତକଟି ସମସ୍ତଙ୍କ ନିମନ୍ତେ ଖୁବ୍ ଉପାଦେୟ ଏବଂ ଏହା ସମସ୍ତେ ଅଧ୍ୟୟନ କରିବା ନିତାନ୍ତ ଆବଶ୍ୟକ । ସେ ଏଥିରେ ଲେଖିଛନ୍ତି -

‘‘କେବଳ ଭଗବାନଙ୍କ ଉପରେ ନିର୍ଭରତା ରଖ ।’’

- ‘‘ଗୋଟିଏ କଥା ଶିକ୍ଷା କରିବାକୁ ହେବ, ଭଗବାନଙ୍କ ଛଡ଼ା ଯାହା ବି ହେଉ କୌଣସି ବ୍ୟକ୍ତି କିମ୍ବା ବସ୍ତୁ ଉପରେ କଦାପି ନିର୍ଭରତା ରଖିବ ନାହିଁ । ଯଦି ତୁମେ ଆଶ୍ରୟ ଲାଗି ଅନ୍ୟ କାହା ଉପରେ ଭରାଦିଅ ତେବେ ସେ ଭରା ଭାଙ୍ଗି ପଡ଼ିବ । ଏହା ସୁନିଶ୍ଚିତ ।’’

ଶ୍ରୀମା, ଶ୍ରୀଅରବିନ୍ଦ ଗୁଢ଼ତମ ଆଧ୍ୟାତ୍ମିକ ଶକ୍ତି ଧାରଣ କରି ପୃଥିବୀବାସୀଙ୍କୁ ଆଧ୍ୟାତ୍ମିକ ଚେତନା ସହ ଜଡ଼ିତ କରିବା ପାଇଁ ଗଭୀର ଯୋଗତପସ୍ୟା କରି ଏହି ମାନବଜାତିକୁ ଉଚ୍ଚତର ଚେତନାକୁ ଉଠାଇନେବା ପାଇଁ ଗଭୀର ପ୍ରୟାସ କରିଛନ୍ତି । ଏହି ବିଷୟକୁ ବାକ୍ୟରେ ବ୍ୟାଖ୍ୟା କରିବା ସମ୍ଭବ ନୁହେଁ । ମୋଟ ଉପରେ କହିବାକୁ ଗଲେ - ଏହାହିଁ ଅନୁମେୟ ଯେ ଏହି ଧରାପୃଷ୍ଠରେ ମଣିଷର ଆବିର୍ଭାବର ମୁଖ୍ୟ ଉଦ୍ଦେଶ୍ୟ କ'ଣ, କର୍ତ୍ତବ୍ୟ ଓ କର୍ମ, ମଣିଷ ଜୀବନର ସକଳ ଚିନ୍ତା ଓ ଯାତ୍ରା କିପରି ହେବାକଥା, ସମଗ୍ର ସୃଷ୍ଟିର ମଙ୍ଗଳ ବିଧାନ ଓ ସାଧନ ନିମନ୍ତେ ଅଭୀପ୍ସା କରିବା ଇତ୍ୟାଦି ପାଇଁ ସେମାନେ ଅତ୍ୟନ୍ତ ସରଳ ଭାବରେ ଉପାୟଗୁଡ଼ିକ ବୁଝାଇ ଲେଖିଛନ୍ତି । ବର୍ତ୍ତମାନ ଏହି ଆଧୁନିକ ଯୁଗର ଜଡ଼ବାଦ, ଆଧ୍ୟାତ୍ମିକ ସାଧନାକୁ ଏକ କଠୋର ସଂଗ୍ରାମ ଓ ଉତ୍ସର୍ଗ, ଜୀବନର ତଥାକଥିତ ସୁଖ ସକଳର ଏକ ଯନ୍ତ୍ରଣାଦାୟକ ତ୍ୟାଗରେ ପରିଣତ କରିଛି । ଅର୍ଥାତ୍ ଭୌତିକ ଜଗତ, ଭୌତିକ ସୁଖ-ସ୍ୱାଚ୍ଛନ୍ଦ୍ୟ, ଭୌତିକ ଅଧିକାରର ଯାହାହେଉଛି କ୍ଷମତାଗର୍ବ, ପରଶ୍ରୀକାତରତା, ଶାରୀରିକ ବଳ ପ୍ରାଧାନ୍ୟତା, କପଟାଚରଣ, ଅର୍ଥ ଭଣ୍ଡାରର ଅଧିକାରୀ ଲୋଭ ଏକାନ୍ତ ବାସ୍ତବତା ଉପରେ ଏହି ଯେଉଁ ଗୁରୁତ୍ୱ ତାହା ମାନବ ସଭ୍ୟତାର ଜଡ଼ବାଦୀ ପ୍ରବୃତ୍ତି ସକଳର ପ୍ରତ୍ୟକ୍ଷ ପ୍ରମାଣ ... । ଏହି ଦୃଷ୍ଟିକୋଣରୁ ଏକଥା ବାସ୍ତବ ହୋଇପଡ଼ିଛି ଯେ ମଣିଷ ସମାଜ ଦିବ୍ୟ ମାନବିକତା ଦିଗରେ ଅଗ୍ରଗତି କରିବା ଠାରୁ ବହୁତ ଦୂରରେ ... । ଏହି ଭୌତିକବାଦୀଙ୍କ ଅବଚେତନାରେ ଏହିସବୁ ଭୟଙ୍କର ଧାରଣ ବସା ବାନ୍ଧିଥାଏ ଯେ କେବଳ ଭୌତିକ ସଭ୍ୟତାହିଁ ଏକମାତ୍ର ସତ୍ୟ ... ।

ଏହି ପରିପ୍ରେକ୍ଷୀରେ ଆମେ ନିଶ୍ଚିତ ଭାବରେ ଶ୍ରୀମାଙ୍କର ଏହି ବାଣୀଟି ସ୍ମରଣ କରିପାରିବା - ସେ କହନ୍ତି- (1958 Undated)

‘‘କେବଳ ଭଗବାନ ହିଁ ଏକମାତ୍ର ସତ୍ୟ ଏବଂ ବାକି ସବୁକିଛି ମିଥ୍ୟା ।
କେବଳ ଭଗବାନ ହିଁ ବାସ୍ତବତା - ବାକି ସବୁକିଛି ମାୟା ।
କେବଳ ଭଗବାନ ହିଁ ଜୀବନ - ବାକି ସବୁକିଛି ମାୟା ।
କେବଳ ଭଗବାନ ହିଁ ଆଲୋକ - ବାକି ସବୁକିଛି ଅସ୍ପଷ୍ଟତା ।
କେବଳ ଭଗବାନ ହିଁ ପ୍ରେମ - ବାକି ସବୁକିଛି ସ୍ୱାର୍ଥପର ଭାବପ୍ରବଣତା ।
ତଥାପି ମଧ୍ୟ ଭଗବାନ ସର୍ବତ୍ର ରହିଛନ୍ତି ।
ଅଜ୍ଞଲୋକ ନିକଟରେ ଯେପରି, ଜ୍ଞାନୀଠାରେ ମଧ୍ୟ ସେହିପରି ।
ତଥାପି ଭଗବାନ ସର୍ବତ୍ର ରହିଛନ୍ତି, ପାପୀଠାରେ ଯେପରି, ସନ୍ଥଠାରେ ମଧ୍ୟ ସେହିପରି ।’’ - *ଶ୍ରୀମା*

ଆମେ ଏକଥା ଜାଣୁ ଯେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କର କଠୋର ସାଧନା ବଳରେ ଅତିମାନସ ଦିବ୍ୟଶକ୍ତିକୁ ପୃଥିବୀପୃଷ୍ଠକୁ ଅବତରଣ କରାଇଥିଲେ । ମାନସ ଚେତନାର ବହୁ ଉର୍ଦ୍ଧ୍ୱରେ ରହିଛି ଅତିମାନସ ଚେତନା । ଶ୍ରୀଅରବିନ୍ଦଙ୍କ ବିଚାରରେ, ଏହି ଜଗତ ମିଥ୍ୟା ନୁହେଁ, ସତ୍ ସ୍ୱରୂପ । ଏହାର ପ୍ରତ୍ୟକ୍ଷ ସ୍ଥିତି ରହିଛି । ସେ ଲେଖିଛନ୍ତି - ‘‘ବ୍ରହ୍ମ ସତ୍ୟ ଏବଂ ଜଗତ ମଧ୍ୟ ସତ୍ୟ ’’ । ଚେତନା ହେଉଛି ଏହି ସ୍ଥିତିର ମୂଳଭିତ୍ତି । ସତ୍‌ର ସ୍ୱରୂପ ହେଉଛି ଆନନ୍ଦର ସ୍ୱରୂପ, ସତ୍ୟଚେତନା ହେଉଛି ଆନନ୍ଦର ମୂଳ ସ୍ୱରୂପ । ମନୁଷ୍ୟ ଭିତରେ ରହିଥିବା ଚୈତ୍ୟସତ୍ତା (Psychic beeing) ଯୋଗୁଁ ଏହି ପୃଥିବୀରେ ଦିବ୍ୟଜୀବନର ପ୍ରତିଷ୍ଠା ସମ୍ଭବ ହୋଇପାରିବ । ତାହା ନଥିଲେ ଏଠାରେ ଜୀବନ ଧାରଣର କୌଣସି ଯଥାର୍ଥତା ନାହିଁ । ଶ୍ରୀଅରବିନ୍ଦ ତାଙ୍କର ‘‘ଦିବ୍ୟଜୀବନ’’ ପୁସ୍ତକରେ ଏହାକୁ ସଫଳ ଭାବରେ ଦିବ୍ୟ ରୂପାୟନ କରିଛନ୍ତି ... ।

ବର୍ତ୍ତମାନ ଏହି ଲେଖକର ଲେଖାଟି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ପରିଶେଷରେ ଏହି ଦିବ୍ୟକର୍ମରେ ଅଂଶଗ୍ରହଣ କରିବାର ସୁଯୋଗ ନିମନ୍ତେ - ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକରେ ଅବସ୍ଥିତ ରାମଚନ୍ଦ୍ରପୁର ଗ୍ରାମରେ ଶ୍ରୀ ମାତୃନିକେତନ ଆଶ୍ରମର ପ୍ରତିଷ୍ଠାତ୍ରୀ ମା' କ୍ରୀଷ୍ଣାଙ୍କ ପ୍ରତି ଏ ଲେଖକର ସବିନୟ କୃତଜ୍ଞତା ... । ମା' କ୍ରୀଷ୍ଣାଙ୍କ ସହିତ ସାକ୍ଷାତ ହୋଇଥିଲା ମାତ୍ର ଦୁଇଥର ୨୦୧୨ ମସିହାରେ । ପ୍ରଥମ ଓ ଦ୍ୱିତୀୟ ସାକ୍ଷାତ ହେବା ସମୟରେ ମା' କ୍ରୀଷ୍ଣାଙ୍କ ମୁଖମଣ୍ଡଳରେ ଐଶ୍ୱରୀୟ ପ୍ରଭା ଓ ଆଭାରେ ଏ ଲେଖକ [ ଯଦିଓ ମୋର ୪୦ ବର୍ଷ ବୟସ ଅଧିକ ହେବ ତାଙ୍କଠାରୁ ] ନତମସ୍ତକ ହୋଇଛି । ତାଙ୍କ ନିକଟରେ ଏହି ଲେଖକ ଶତ ଶତ ବାର କୃତଜ୍ଞତା ଜ୍ଞାପନ କରେ ।

ମଣିଷର ଜୀବନ ସରଳ, ସରସ, ସୁନ୍ଦର ଓ ନିରାମୟ ହେବା ନିମନ୍ତେ ଶ୍ରୀମା, ପରମପ୍ରଭୁ ଶ୍ରୀଅରବିନ୍ଦ ସମସ୍ତ ପ୍ରକାର ଉପାଦେୟ ବିଚାରଧାରା ଏବଂ ପନ୍ଥା ପ୍ରକଟ କରିଛନ୍ତି । ସଂସାରରୁ ପଳାୟନପନ୍ଥୀ ନ ହୋଇ କିପରି ଏକ ଦିବ୍ୟଜୀବନ ଜଣେ ଆତ୍ମା ଏହି ପୃଥିବୀରେ ବଞ୍ଚିବାର ମାର୍ଗ ପ୍ରାପ୍ତ ହୋଇପାରିବ, ତାହା ମଧ୍ୟ ଅତି ସୁନ୍ଦର ଭାବରେ ମାର୍ଗଦର୍ଶନ କରାଇଛନ୍ତି ।

ପରିଶେଷରେ ଶ୍ରୀଅରବିନ୍ଦଙ୍କର ପରମଦିବ୍ୟ ବାଣୀକୁ ସ୍ମରଣ କରି ଏହି ଲେଖକ ତା'ର ଲେଖାକୁ ଏଠାରେ ସମାପ୍ତ କରୁଛି ।

- "Let the new birth become manifest in your heart and radiate in calm and joy and take up all the parts of your being, mind and vision and will and feeling and life and body. Let each date in your life be a date of its growth and greater completeness till all in you is the child of the Mother. Let the Light and Power and Presence envelop you and protect and cherish and foster, till all in your inner and outer existence is one movement and an expression of its peace and strength and Ananda.

*-Sri Aurobindo*

(23-01-1929) [ CWSA - Vol. 35, p-838 ]

ଅର୍ଥାତ୍:- ''ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ ଏବଂ ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ - ତୁମର ମନ, ଦୃଷ୍ଟି, ସଂକଳ୍ପ, ହୃଦୟ, ପ୍ରାଣ ଓ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି, ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନହୋଇଛି । ସେହି ଜ୍ୟୋତିଃ, ଶକ୍ତି ଏବଂ ସାନ୍ନିଧ ତୁମକୁ ଚତୁର୍ଦ୍ଦିଗରୁ ଘେରିରହୁ, ତୁମକୁ ରକ୍ଷାକରୁ, ପାଳନ କରୁ ଏବଂ ପୋଷଣ କରୁ; ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।''

*-ଶ୍ରୀଅରବିନ୍ଦ*

*ଅବସରପ୍ରାପ୍ତ ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟର*
*ଧୂଳିଘର, ସାମନ୍ତରା ରୋଡ୍, ଭୁବନେଶ୍ୱର-୨*

□□□

[Answer from The Mother]

Q:- Mother, you said just now that we must do everything for the Divine.

Ans:- Yes.

Q:- But why does the Divine want to manifest on earth in the Chaos ?

Ans:- Because this is why He has created the earth, not for any other motive; the earth is He Himself in a deformation and He wants to establish it back again in its truth. Earth is not something separated from Him and alien to Him. It is a deformation of Himself which must once again become what it was in its essence, that is, the Divine.

- The Mother

[CWM -7 - p.191-94]

# ଶୁଭ ବେଳା

କବି ମମତା ଦାସ

ଦେଖ ତ ଦେଖ ତ ଏବେ
ଶୁଭ ବେଳଟିଏ ଜାଗେ
ଝାଡ଼ି ହୋଇ ଝାଡ଼ି ଦେଇ
ତା ଉପରେ ଘେରି ଥିବା ଅନ୍ଧାର ସମଗ୍ର,
ଶୁଣ ତ ଶୁଣ ତ ଏବେ
କି ସୁର ଆସର ଲାଗେ
ସୁନୀଳ ସଂଗୀତ ଢେଉ ଚହଲେ ଅଧୀର ।

ମୋ ଘର ଛାତରେ ଏବେ
ପହଞ୍ଚିଯିବ ନା ଖରା
କମ୍ପିତ କଢ଼ ପତ୍ରଙ୍କୁ ଛୁଇଁ ଛୁଇଁ ଯିବ,
ମଧୁ ମାଳତୀ ଯଦିବା ସରାଗ ମାଗିବ କିଛି
କିରଣର ଜାଲ ତାର ଲତାକୁ ଛନ୍ଦିବ ।

ଶୁଭ୍ର ପାରାବତ ଦଳ ଆକାଶ ଭେଦି ଆସିଲେ
କି ସନ୍ଦେଶ ନେଇ ଏବେ ଓହ୍ଲାଇବେ ତଳେ ?
ସେ ସଂକେତ ମୁଁ ବୁଝିବି
ନିଖୁଣ ଆବୋରି ନେବି
ଏ ସଂସାର ପବନରେ
କୋଣରେ ଅନୁକୋଣରେ ସେ ବାର୍ତ୍ତାକୁ
ମୁଁ ନିଶ୍ଚୟ ବୁଣି ବୁଣି ଯିବି ।

ସବୁ ଏବେ ଭୁଲିଯାଅ
କ୍ଷତ ଦୁଃଖ ପରାଜୟ
କଦାପି ଫେରିବ ନାହିଁ ବିତିଛି ସେ ଦିନ ।
ତରଳ ମେଘ ଉପରେ ସୂର୍ଯ୍ୟ କି ଦୀପ ଜାଳୁଛି
ବରାଭୟ ନିଅ, ଯାଚି ଦେଉଛି ଜୀବନ ।

ଯୁଦ୍ଧ, ଓ ବୋମା ଆତଙ୍କ
ବନ୍ୟା ବାତ୍ୟା ଭୂମିକମ୍ପ
ପୀଡ଼ିତ ପୃଥିବୀ ଆଜି ସବୁଥିରୁ ମୁକ୍ତ,
ଆସ ତ ଖୋଜିବା ଆଜି
ସେ କେଉଁ ମହା ସନ୍ନ୍ୟାସୀ ନିରବେ
ଉଚ୍ଚାରୁଛନ୍ତି ଅମୃତର ମନ୍ତ୍ର ।

ଚିକି ମିକି ରଙ୍ଗ ପକ୍ଷୀ ବୃକ୍ଷେ ବୃକ୍ଷେ ଖୁସି ଖୁସି
ଉଡୁଥିବେ ଡାଳେ ଡାଳେ ବସା ବାନ୍ଧୁଥିବେ ।
ଫଟା ଫଟା ମାଟି ତଳୁ ଶ୍ୟାମ ଘାସ ଅଙ୍କୁରିବ
ଛୋଟ ଝରଟିର ଆଶା ଜାହ୍ନବୀ ଖୋଜିବ ।
ମିଳନ ଏ ଚରାଚର ଲଭିବ ନୂଆ ବିସ୍ମୟ
କଠୋର ଅପରାଧୀର ଚେତନାରେ
ଝଳି ଯିବ କରୁଣା ପ୍ରତ୍ୟୟ ।

ଦେଖ ନା ଦେଖ ନା ଏବେ
ଶୁଭ ବେଳଟିଏ ଜାଗେ,

କିଏ କେବେ ଦେଇଥିଲା ପ୍ରତିଶ୍ରୁତି ?

ମନେ ନାହିଁ କିଛି ?
